ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୯/୨୦୨୫ (୧୪ ପୃଷ୍ଠା) Bhubaneswar, Friday, September 19/2025 Page 14 ₹ 7.00 | BALASORE
୫୧ଶ ଭାଗ ୨୯୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 295 ମୂଲ୍ୟ₹୭/-




SAATCHI & SAATCHI

## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି। (ଫଟୋ: ଚମନ ଗୌତମ)

# ‘ଭୋଟ ଚୋରଙ୍କୁ ସୁରକ୍ଷା ଦେଉଛନ୍ତି ସିଇସି’

## ଜ୍ଞାନେଶ କୁମାରଙ୍କ ବିରୋଧରେ ରାହୁଲ ଆଣିଲେ ସାଂଘାତିକ ଅଭିଯୋଗ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଭୋଟ ଚୋରିରେ ସମ୍ପୃକ୍ତ ତଥା ଗଣତନ୍ତ୍ରର ବିଧ୍ୱଂସକମାନଙ୍କୁ ସିଇସି ସୁରକ୍ଷା ଦେଉଛନ୍ତି ବୋଲି ରାହୁଲ ସମାଲୋଚନା କରିବା ସହ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ ସମ୍ବଳିତ ପ୍ରମାଣ ଉପସ୍ଥାପନ କରିଛନ୍ତି। କର୍ଣ୍ଣାଟକ ବିଧାନସଭାର ଏକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଂଗ୍ରେସ ମତଦାତାଙ୍କ ଭୋଟକୁ କିପରି ଉଦ୍ଦେଶ୍ୟମୂଳକ ଭାବେ ବ୍ୟବସ୍ଥିତ ରୂପେ ହଟାଇ ଦିଆଯାଇଥିଲା, ରାହୁଲ ତାହା ଦର୍ଶାଇଛନ୍ତି। ଅନ୍ୟପକ୍ଷେ ନିର୍ବାଚନ କମିଶନ (ଇସି) ଏହାକୁ ତ୍ରୁଟିପୂର୍ଣ୍ଣ ଓ ଭିତ୍ତିହୀନ ଅଭିଯୋଗ କହି ଖଣ୍ଡନ କରିଛନ୍ତି। ଏଥିସହ ପ୍ରଭାବିତ ବ୍ୟକ୍ତିଙ୍କ ଯୁକ୍ତି ଶୁଣିବା ପାଇଁ ସୁଯୋଗ ନ ଦେଇ ତାଙ୍କୁ ଭୋଟର ତାଲିକାରୁ ହଟାଇବା ସମ୍ଭବ ନୁହେଁ ବୋଲି କମିଶନ କହିଛନ୍ତି। ସେହିପରି ଭାରତୀୟ ଗଣତନ୍ତ୍ର ଉପରେ ରାହୁଲଙ୍କ ଆସ୍ଥା ନ ଥିବାରୁ ସେ ଭାରତରେ ନେପାଳ ଓ ବାଂଲାଦେଶ ଭଳି ସ୍ଥିତି ଉପୁଜାଇବାକୁ ଚାହୁଁଥିବା ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି।

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ନିର୍ବାଚନ କମିଶନଙ୍କୁ ଲଗାତର ଟାର୍ଗେଟ କରିଆସୁଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର ସିଇସି ଜ୍ଞାନେଶ କୁମାରଙ୍କୁ ସନ୍ଦେହର କାଠଗଡ଼ାରେ ଛିଡ଼ା କରାଇଛନ୍ତି। ଏଆଇସିସି ମୁଖ୍ୟାଳୟ ଇନ୍ଦିରା ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାହୁଲ କହିଛନ୍ତି, ସିଇସି ଭୋଟ ଚୋରିକୁ ରୋକିବା ଜରୁରୀ। ଭୋଟର ତାଲିକାରୁ ମତଦାତାଙ୍କ ନାମ ହଟାଇବା ନେଇ କର୍ଣ୍ଣାଟକ ଅପରାଧ ତଦନ୍ତ ବିଭାଗ (ସିଆଇଡି) ପକ୍ଷରୁ ମଗାଯାଇଥିବା ତଥ୍ୟ ସିଇସି ସପ୍ତାହେ ମଧ୍ୟରେ ପ୍ରଦାନ କରନ୍ତୁ। ସିଇସି ଏହି ତଥ୍ୟ ପ୍ରଦାନ ନ କଲେ ସମ୍ବିଧାନ ହତ୍ୟାକାରୀଙ୍କ ସହଯୋଗୀ ରୂପେ ଧରାଯିବେ। ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ସେମାନଙ୍କ କାର୍ଯ୍ୟ କରିବାକୁ ଦିଆଯାଉନାହିଁ। ତେଣୁ ନ୍ୟାୟପାଳିକାର ହସ୍ତକ୍ଷେପ ଜରୁରୀ ହୋଇପଡ଼ିଛି। ରାହୁଲ ଆହୁରି କହିଛନ୍ତି, ଏହି ଅଭିଯୋଗ ସେ ପୂର୍ବରୁ କହିଥିବା ‘ହାଇଡ୍ରୋଜେନ୍ ବୋମା’ ନୁହେଁ। ଆଗକୁ ସେ ଏନେଇ ବିସ୍ତୃତ ବିବରଣୀ ପ୍ରଘଟ କରିବେ।

ଗତ ୧୦-୧୫ ବର୍ଷ ଧରି ଭାରତରେ ଏପରି ଚାଲିଛି। ଦେଶର ଗଣତନ୍ତ୍ରକୁ ହାଇଜାକ୍ କରାଯାଇଛି। ଗଣତନ୍ତ୍ରକୁ କେବଳ ଦେଶବାସୀ ହିଁ ରକ୍ଷା କରିପାରିବେ। ଗଣତନ୍ତ୍ର ଓ ସମ୍ବିଧାନ ଚୋରି ହୋଇଯାଇଥିବା ବିଷୟ ଯେଉଁଦିନ ଲୋକେ ବୁଝିଯିବେ, ସେହିଦିନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ। ଏହି ଅବସରରେ ରାହୁଲ କର୍ଣ୍ଣାଟକ ଆଳନ୍ଦ ନିର୍ବାଚନମଣ୍ଡଳୀର ଉଦାହରଣ ଦେଇ କହିଛନ୍ତି, ୨୦୨୩ ବିଧାନସଭା ନିର୍ବାଚନ ବେଳେ ୬,୦୧୮ ଭୋଟ ଚୋରି ହୋଇଥିଲା। କଂଗ୍ରେସର ସ୍ଥିତି ସୁଦୃଢ଼ ଥିବା ବୁଥ୍‌ଗୁଡ଼ିକୁ ଜାଣିଶୁଣି ଟାର୍ଗେଟ କରାଯାଇଥିଲା। ମହାରାଷ୍ଟ୍ର ରଜୁରା ନିର୍ବାଚନମଣ୍ଡଳୀରେ ୬,୮୫୦ ମତଦାତାଙ୍କୁ ଜାଲ୍ ଦର୍ଶାଇ ଅଟୋମେଟେଡ୍ ସଫ୍ଟୱେର ଜରିଆରେ ସେମାନଙ୍କୁ ହଟାଇ ଦିଆଯାଇଥିଲା। କର୍ଣ୍ଣାଟକ, ମହାରାଷ୍ଟ୍ର, ହରିୟାଣା, ଉତ୍ତର ପ୍ରଦେଶ ଓ ବିହାରରେ ସମାନ ପନ୍ଥା ଆପଣାଯାଉଛି ବୋଲି ରାହୁଲ ଅଭିଯୋଗ ଆଣିଛନ୍ତି। ଜ୍ଞାନେଶ କୁମାର ନିଜ କାମ କରନ୍ତୁ। ସିଇସି ରୂପେ ସେ ଶପଥ ନେଇଛନ୍ତି। କର୍ଣ୍ଣାଟକ ସିଆଇଡିକୁ ସେ ସପ୍ତାହେ ମଧ୍ୟରେ ମଗାଯାଇଥିବା ତଥ୍ୟ ପ୍ରଦାନ କରନ୍ତୁ ବୋଲି ରାହୁଲ ଦାବି କରିଛନ୍ତି।

## ଅଭିଯୋଗକୁ ଖଣ୍ଡନ କଲେ ଇସି

**ନୂଆଦିଲ୍ଲୀ,୧୮।୯(ପି.ଟି.)**




କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ନିର୍ବାଚନ କମିଶନ (ଇସି) ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଜଣେ ବ୍ୟକ୍ତିଙ୍କୁ ମତ ରଖିବା ପାଇଁ ସୁଯୋଗ ନ ଦେଇ ତାଙ୍କ ନାମ ଭୋଟର ତାଲିକାରୁ ହଟାଯାଇପାରିବ ନାହିଁ ବୋଲି ଇସିଙ୍କ ପକ୍ଷରୁ କୁହାଯାଇଛି। ଇସି ଏକ ବିବୃତି ଜାରି କରି କହିଛନ୍ତି, ଅନ୍‌ଲାଇନ୍‌ରେ ଭୋଟ ଡିଲିଟ୍ କରାଯାଇପାରିବ ନାହିଁ। ୨୦୨୩ରେ ଆଳନ୍ଦ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାତାଙ୍କ ନାମ ହଟାଇବା ପାଇଁ କେତେକ ନିର୍ଦ୍ଦିଷ୍ଟ ବିଫଳ ଉଦ୍ୟମ ହୋଇଥିଲା। ଇସିଙ୍କ ଅଧିକାରୀମାନେ ଏନେଇ ଏଫ୍‌ଆଇଆର୍ କରିବା ସହ ତଦନ୍ତ ମଧ୍ୟ କରିଥିଲେ। ରେକର୍ଡ ଅନୁସାରେ ୨୦୧୮ ନିର୍ବାଚନରେ ଆଳନ୍ଦରେ ଭାଜପାର ସୁଭାଧ ଗୁଟ୍ଟେଦର ବିଜୟୀ ହୋଇଥିବାବେଳେ ୨୦୨୩ରେ କଂଗ୍ରେସ ପ୍ରାର୍ଥୀ ବି.ଆର୍. ପାଟିଲ ଜିତିଥିଲେ।

## ସବୁ ଇପିଏଫ୍‌ଓ ସେବା ଗୋଟିଏ ଲଗ୍‌ଇନ୍‌ରେ ଉପଲବ୍ଧ ହେବ: ମାଣ୍ଡବ୍ୟ

**ନୂଆଦିଲ୍ଲୀ,୧୮।୯(ପି.ଟି.)**

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ର ୭ କୋଟିରୁ ଊର୍ଦ୍ଧ୍ୱ ସଦସ୍ୟ ଏଣିକି ସେମାନଙ୍କ ପୋର୍ଟାଲରେ ଗୋଟିଏ ଲଗ୍‌ଇନ୍ କରି ସମସ୍ତ ପ୍ରମୁଖ ସେବା ପାଇବା ସହ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ୍ ଆକାଉଣ୍ଟର ସବିଶେଷ ତଥ୍ୟ ପାଇପାରିବେ। କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏହା କହିଛନ୍ତି। ଇପିଏଫ୍‌ଓ ଏହାର ସଦସ୍ୟମାନଙ୍କୁ ପ୍ରଭାବଶାଳୀ, ସ୍ୱଚ୍ଛ ଏବଂ ୟୁଜର ଫ୍ରେଣ୍ଡଲି ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଆଣିଥିବା ପ୍ରମୁଖ ସଂସ୍କାର ସମ୍ପର୍କରେ ମାଣ୍ଡବ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସମ୍ପ୍ରତି ସଦସ୍ୟମାନେ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଅଂଶଦାନ, ଅଗ୍ରିମ କିମ୍ବା ଟଙ୍କା ଉଠାଣ ସହ ସମ୍ପୃକ୍ତ କାରବାର ଜାଣିବା ପାଇଁ ଇପିଏଫ୍‌ଓର ପାସ୍‌ବୁକ୍ ପୋର୍ଟାଲକୁ ଲଗ୍‌ଇନ୍ କରୁଥିଲେ। ଇପିଏଫ୍‌ଓ ଏବେ ‘ପାସ୍‌ବୁକ୍ ଲାଇଟ୍’ ନାମରେ ନୂଆ ସୁବିଧା ଆରମ୍ଭ କରିଛି। ଏହାଦ୍ୱାରା ପାସ୍‌ବୁକ୍ ପୋର୍ଟାଲକୁ ନ ଯାଇ ‘ମେମ୍ବର ପୋର୍ଟାଲ’ ଜରିଆରେ ଏହାର ସଦସ୍ୟମାନେ ସହଜରେ ସେମାନଙ୍କ ପାସ୍‌ବୁକ୍ ଯାଞ୍ଚ କରିପାରିବା ସହ ସହଜ ଓ ସୁବିଧାଜନକ ଫର୍ମାଟରେ ସେମାନଙ୍କ ଅଂଶଦାନ, ଉଠାଣ ଓ ବାଲାନ୍ସ ଦେଖିପାରିବେ। ଗୋଟିଏ ଲଗ୍‌ଇନ୍‌ରେ ପାସ୍‌ବୁକ୍ ସମେତ ସମସ୍ତ ପ୍ରମୁଖ ସେବା ମିଳିପାରିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଗ୍ରାଫିକାଲ ଡିସ୍‌ପ୍ଲେ ସମେତ ପାସ୍‌ବୁକ୍‌ର ସବିଶେଷ ତଥ୍ୟକୁ ବିସ୍ତୃତ ଭାବେ ଦେଖିବା ପାଇଁ ସଦସ୍ୟମାନଙ୍କୁ ପାସ୍‌ବୁକ୍ ପୋର୍ଟାଲକୁ ଯିବାକୁ ପଡ଼ିବ।

## ଉତ୍ତରାଖଣ୍ଡରେ ଭୂସ୍ଖଳନ: ଜଣେ ମୃତ, ୧୧ ନିଖୋଜ

**ଗୋପେଶ୍ୱର,୧୮।୯(ପି.ଟି.)**

ଉତ୍ତରାଖଣ୍ଡର ଚାମୋଲି ଜିଲାରେ ବାଦଲଫଟା ବର୍ଷା ଲାଗିରହିବା ଫଳରେ ବନ୍ୟା ସାଙ୍ଗକୁ ଭୂସ୍ଖଳନ ଘଟି ଜଣେ ଲୋକଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୧ ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନରେ ୨୦ ଜଣ ଆହତ ହେବା ସହ ଜିଲାର ୪ଟି ଗ୍ରାମରେ ୩୩ ଘର କ୍ଷତିଗ୍ରସ୍ତ ହୋଇଛି। କୁଣ୍ଟାରି ଲାଗାଫଲି ଗ୍ରାମରେ ମାଟି ଅତଡ଼ା ତଳୁ ଜଣକ ମୃତଦେହ ବାହାରିଥିବାବେଳେ ୨ ମହିଳା ଓ ଜଣେ ପିଲାଙ୍କୁ ଉଦ୍ଧାର କରାଯାଇଥିବା ରାଜ୍ୟର ଏମର୍ଜେନ୍ସି ଅପରେଶନ ସେଣ୍ଟର ପକ୍ଷରୁ କୁହାଯାଇଛି। ନିଖୋଜ ୧୧ ଜଣଙ୍କ ମଧ୍ୟରୁ କୁଣ୍ଟାରି ଲାଗାଫଲି ଗ୍ରାମରୁ ୭ ଜଣ ହୋଇଥିବାବେଳେ କୁଣ୍ଟାରି ଲାଗାସରପାନି ଓ ଧୁର୍ମାରୁ ୨ ଜଣ ଲେଖାଏ ଅଛନ୍ତି।

ଡେରାଡୁନ୍‌ଠାରୁ ୨୬୦ କି.ମି. ଏବଂ ଗୋପେଶ୍ୱରଠାରୁ ୫୦ କି.ମି. ଦୂରରେ ଥିବା ନନ୍ଦନଗର ଅଞ୍ଚଳ ଅନ୍ତର୍ଗତ ୪ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ବର୍ଷାଜନିତ ଘଟଣାରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। କୁଣ୍ଟାରି ଲାଗାଫଲି ଗ୍ରାମରୁ ୧୫୦ରୁ ୨୦୦ ଲୋକଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି।

## ହିଣ୍ଡେନ୍‌ବର୍ଗ ଅଭିଯୋଗ ଉପରେ ଆଦାନୀ ଗ୍ରୁପ୍‌କୁ ସେବିର କ୍ଲିନ୍‌ଚିଟ୍

**ନୂଆଦିଲ୍ଲୀ,୧୮।୯(ପି.ଟି.)**


ଗୌତମ ଆଦାନୀ

ଆମେରିକାର ଶର୍ଟ-ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଭାରତୀୟ ବ୍ୟବସାୟୀ ଗୌତମ ଆଦାନୀଙ୍କ ଗ୍ରୁପ୍ କମ୍ପାନୀ ବିରୋଧରେ ଆଣିଥିବା ଷ୍ଟକ୍ ଜାଲିଆତି ଅଭିଯୋଗ ଉପରେ ବଜାର ନିୟନ୍ତ୍ରକ ସେବି ଗୁରୁବାର କ୍ଲିନ୍‌ଚିଟ୍ ଦେଇଛି। ଆଦାନୀ ଗ୍ରୁପ୍ ଏହାର ତାଲିକାଭୁକ୍ତ କମ୍ପାନୀଗୁଡ଼ିକୁ ପାଣ୍ଠି ସ୍ଥାନାନ୍ତର ଲାଗି ସମ୍ପର୍କିତ ସଂସ୍ଥାଗୁଡ଼ିକୁ ବ୍ୟବହାର କରିଥିବାର କୌଣସି ପ୍ରମାଣ ନାହିଁ ବୋଲି ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ୨ଟି ଅଲଗା ନିର୍ଦ୍ଦେଶନାମାରେ କହିଛି। ଇନ୍‌ସାଇଡର ଟ୍ରେଡିଂ, ଷ୍ଟକ୍‌ଜାଲିଆତି ଏବଂ ସର୍ବସାଧାରଣ ଶେୟାରହୋଲ୍ଡିଂ ନିୟମାବଳୀ ଉଲ୍ଲଂଘନ ଅଭିଯୋଗ ଅମୂଳକ ବୋଲି ସବିଶେଷ ତଦନ୍ତରୁ ଜଣାପଡ଼ିଛି।

ଆଦାନୀ ଗ୍ରୁପ୍ ଏହାର କମ୍ପାନୀଗୁଡ଼ିକ ମଧ୍ୟରେ ଅର୍ଥ ସ୍ଥାନାନ୍ତର ଲାଗି ଆଡିକର୍ପ ଏଣ୍ଟରପ୍ରାଇଜେସ୍, ମାଇଲଷ୍ଟୋନ୍ ଟ୍ରେଡ୍‌ଲିଙ୍କ୍‌ସ ଏବଂ ରେହଭାର ଇନ୍‌ଫ୍ରାଷ୍ଟ୍ରକ୍ଚରକୁ ବ୍ୟବହାର କରୁଥିବା ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ୨୦୨୩ ଜାନୁଆରୀରେ ଅଭିଯୋଗ ଆଣିଥିଲା। ତେବେ ଉପରୋକ୍ତ କମ୍ପାନୀଗୁଡ଼ିକ ଜରିଆରେ କାରବାରରେ ସେବି ପ୍ରକଟୀକରଣ ମାନଦଣ୍ଡରେ ଉଲ୍ଲଂଘନ ହୋଇନାହିଁ ବୋଲି ଏହାର ବୋର୍ଡ ସଦସ୍ୟ କମଲେଶ ସି. ବର୍ଷ୍ଣେୟ ୨ଟି ରାୟରେ କହିଛନ୍ତି। ପ୍ରତିଭୂତିଗୁଡ଼ିକର ପର୍ଯ୍ୟାପ୍ତ ଅଧିଗ୍ରହଣ କିମ୍ବା ନିୟନ୍ତ୍ରଣରେ ମଧ୍ୟ କୌଣସି ଉଲ୍ଲଂଘନ ହୋଇନାହିଁ, ଯାହା ନିବେଶକମାନଙ୍କୁ ବିଭ୍ରାନ୍ତ କରିପାରିଥାନ୍ତା। ତେଣୁ ଆଦାନୀ କମ୍ପାନୀ କିମ୍ବା ଏହାର କାର୍ଯ୍ୟନିର୍ବାହୀମାନଙ୍କୁ ଦାୟୀ କରିବା ଅଥବା ଦଣ୍ଡିତ କରିବାର କୌଣସି କାରଣ ନାହିଁ ବୋଲି ସେବି କହିଛି। ଯେଉଁମାନେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚର ଭିତ୍ତିହୀନ ଓ କପଟତାପୂର୍ଣ୍ଣ ରିପୋର୍ଟକୁ ବ୍ୟବହାର କରି ମିଥ୍ୟା ପ୍ରଚାର ଚଳାଇଥିଲେ, ସେମାନେ ଦେଶକୁ କ୍ଷମା ମାଗନ୍ତୁ ବୋଲି ସେବିର କ୍ଲିନ୍‌ଚିଟ୍ ପରେ ଗୌତମ ଆଦାନୀ କହିଛନ୍ତି।

## ‘ଆଦାନୀ କଣ୍ଟେଣ୍ଟ’ ହଟାଇବାକୁ ନିର୍ଦ୍ଦେଶ

### ଉଦ୍‌ବେଗ ପ୍ରକାଶ କଲା ଏଡିଟର୍ସ ଗିଲ୍ଡ

**ନୂଆଦିଲ୍ଲୀ,୧୮।୯**

ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିଃ(ଏଇଏଲ୍) ସମ୍ପର୍କିତ ଯାଞ୍ଚ ହୋଇ ନ ଥିବା ସମ୍ମାନହାନିକାରକ ବିଷୟବସ୍ତୁ ହଟାଇଦେବାକୁ ୟୁଟ୍ୟୁବ୍ ଏବଂ ସରକାରଙ୍କଠାରୁ ନୋଟିସ୍ ପାଇଥିବା କେତେଜଣ ଖବରଦାତା ଏବଂ କଣ୍ଟେଣ୍ଟ କ୍ରିଏଟର କହିଛନ୍ତି। ଦିଲ୍ଲୀ କୋର୍ଟଙ୍କ ଏଭଳି ନିର୍ଦ୍ଦେଶକୁ ନେଇ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଏଇଏଲ୍ ସମ୍ପର୍କିତ ଯାଞ୍ଚ ହୋଇ ନ ଥିବା ମାନହାନିକାରକ ରିପୋର୍ଟରୁ ଦୂରେଇ ରହିବାକୁ ୯ ଜଣ ଖବରଦାତା, ଆକ୍ଟିଭିଷ୍ଟ ଓ ସଂସ୍ଥାଙ୍କୁ ଦିଲ୍ଲୀର ଏକ ସିଭିଲ୍ କୋର୍ଟ କହିବା ସହ ୫ ଦିନ ମଧ୍ୟରେ ଉକ୍ତ କଣ୍ଟେଣ୍ଟଗୁଡ଼ିକୁ ହଟାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି କୌଣସି କଣ୍ଟେଣ୍ଟ ମଧ୍ୟବର୍ତ୍ତୀ ସଂସ୍ଥା କିମ୍ବା ସରକାରୀ ସଂସ୍ଥା ପ୍ରତି ମାନହାନିକାରକ ବୋଲି ଯଦି ବିଚାର କରାଯାଉଥାଏ, ତେବେ ତାହାର ୟୁଆର୍‌ଏଲ୍ ଏବଂ ଲିଙ୍କ୍ ପଠାଇବାକୁ ଅଦାଲତ କର୍ପୋରେଟ୍ ସଂସ୍ଥାକୁ କ୍ଷମତା ଦେବା ସହ ଏଭଳି କଣ୍ଟେଣ୍ଟ ପୋଷ୍ଟ କରିଥିବା ବ୍ୟକ୍ତି ୩୬ ଘଣ୍ଟା ମଧ୍ୟରେ ହଟାଇବାକୁ ନିର୍ଦ୍ଦେଶରେ କୁହାଯାଇଥିବାରୁ ଏହା ଆହୁରି ଚିନ୍ତାଜନକ ବୋଲି ଗିଲ୍ଡ କହିଛି।

ସିଭିଲ୍ କୋର୍ଟଙ୍କ ଏହି ରାୟକୁ ୪ ଜଣ ଖବରଦାତା ଜିଲା କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଖବରଦାତା ରବି ନାୟାର, ଅବିର ଦାସଗୁପ୍ତା, ଅୟସକାନ୍ତ ଦାସ ଏବଂ ଆୟୁଷ ଜୋଷୀଙ୍କ ଆବେଦନର ଶୁଣାଣି କରି ଜିଲା ଜଜ୍ ଆଶିଷ ଅଗ୍ରୱାଲ କହିଛନ୍ତି, ସିଭିଲ୍ ପ୍ରୋସିଜିଓର କୋଡ୍‌ର ବ୍ୟବସ୍ଥା ଅନୁଯାୟୀ ସିଭିଲ୍ ଜଜ୍ ରାୟ ଦେବା ପୂର୍ବରୁ ପ୍ରତିବାଦୀଙ୍କ ଯୁକ୍ତି ଶୁଣିବା ପାଇଁ ସୁଯୋଗ ଦେବା ଆବଶ୍ୟକ ଥିଲା। ଜିଲା କୋର୍ଟ ଉକ୍ତ ବିବାଦୀୟ ରାୟକୁ ଖାରଜ କରିଦେଇଛନ୍ତି।

## ହଲିଉଡ୍‌ର ପ୍ରଖ୍ୟାତ ଅଭିନେତା ରବର୍ଟ ରେଡ୍‌ଫୋର୍ଡଙ୍କ ପରଲୋକ

**ୱାଶିଂଟନ୍, ୧୮।୯**



ପ୍ରସିଦ୍ଧ ହଲିଉଡ୍ ଅଭିନେତା ତଥା ନିର୍ଦ୍ଦେଶକ ରବର୍ଟ ରେଡ୍‌ଫର୍ଡଙ୍କ ମଙ୍ଗଳବାର ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ହଲିଉଡ୍‌ରେ ସେ ଗୋଲ୍ଡେନ ବୟ ନାମରେ ପରିଚିତ ଥିଲେ। ରବର୍ଟ ୧୯୬୦ରେ ହଲିଉଡ୍‌ରେ ପ୍ରବେଶ କରିଥିଲେ। ‘ବୁଚ୍ କାସିଡି ଆଣ୍ଡ୍ ଦି ସଣ୍ଡାସ୍ କିଡ୍ (୧୯୬୯)’, ‘ଅଲ୍ ଦି ପ୍ରେସିଡେଣ୍ଟସ୍ ମେନ୍ (୧୯୭୬)’, ‘ଦି ଷ୍ଟିଙ୍ଗ୍ (୧୯୭୩)’, ‘ଆଉଟ୍ ଅଫ୍ ଆଫ୍ରିକା (୧୯୮୫)’ ପରି ସୁପରହିଟ୍ ଫିଲ୍ମରେ ତାଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ରବର୍ଟ ସଫଳତା ପାଇଛନ୍ତି। ୧୯୮୦ରେ ‘ଅର୍ଡିନାରୀ ପିପୁଲ’ ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଓସ୍କାର ପୁରସ୍କାର ଜିତିଥିଲେ। ଆମେରିକା ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ୬ ଦଶନ୍ଧିର କ୍ୟାରିୟରରେ ସେ ଅଭିନେତା, ନିର୍ଦ୍ଦେଶକ ତଥା ପ୍ରଯୋଜକ ଭାବେ ସେ ଅନେକ ସଫଳତା ପାଇଛନ୍ତି।

## ଫୁରସତ

## ନୁଡୁଲ୍ସ ବିକି ଦିନକୁ ଲକ୍ଷେ ଟଙ୍କା ରୋଜଗାର

### ସୋସିଆଲ ମିଡିଆରେ ଭାଇରାଲ ହେଉଛନ୍ତି ପିଏଚ୍.ଡି. ଗ୍ରାଜୁଏଟ୍




**ବ୍ରସେଲ୍ସ:** ବେଲଜିୟମରେ ଚାଇନାର ଏକ ଦମ୍ପତି ମସଲାଦାର ନୁଡୁଲ୍ସ ବିକ୍ରି କରି ଦୈନିକ ୧ ହଜାର ୟୁରୋ (ପ୍ରାୟ ୧ ଲକ୍ଷ ୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ତାଙ୍କର ଏକ ଭିଡିଓ ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଚାଇନାର ଜିଆଙ୍ଗ୍‌ସୁ ପ୍ରଦେଶ ଚୋଙ୍ଗକିଙ୍ଗ୍ ନିବାସୀ ଡିଙ୍ଗ୍ (୩୭) ଦେଶରେ ପିଏଚ୍.ଡି. ଡିଗ୍ରୀ ହାସଲ କରିବା ପରେ ମୃତ୍ତିକା ପରିଚାଳନା ଏବଂ ଫସଲ ଉତ୍ପାଦନ ଉପରେ ନିଜ ପୋଷ୍ଟ ଡକ୍ଟରାଲ୍ ରିସର୍ଚ୍ଚ ପାଇଁ ବେଲଜିୟମ ଯାଇଥିଲେ। ସେ ନିଜ ପୋଷ୍ଟ ଡକ୍ଟରାଲ୍ ରିସର୍ଚ୍ଚ ଅନ୍ତର୍ଗତ ପ୍ରାୟ ୩୦ଟି ଏକାଡେମିକ ପେପରକୁ ପ୍ରକାଶିତ କରିଛନ୍ତି। ଡିଙ୍ଗ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ସମୟରେ ୱାଙ୍ଗ୍ ନାମ୍ନୀ ଜଣେ ଯୁବତୀଙ୍କୁ ଭଲ ପାଇଥିଲେ। ଦୁହେଁ ପ୍ରେମ ବିବାହ କରିଥିଲେ। ୨୦୧୫ରେ ଏହି ଦମ୍ପତି ବେଲଜିୟମକୁ ଆସି ସେଠାରେ ସ୍ଥାୟୀ ଭାବେ ବସବାସ କରିଥିଲେ। ତେବେ ଗବେଷଣା ବ୍ୟତୀତ ଅନ୍ୟ ସ୍ଥାୟୀ କାମ ମିଳୁ ନ ଥିବାରୁ ଗତ ମେ’ରୁ ଡିଙ୍ଗ୍ ସ୍ତ୍ରୀ ୱାଙ୍ଗଙ୍କ ସହ ବେଲଜିୟମରେ ଏକ ନୁଡୁଲ୍ସ ଷ୍ଟଲ୍ ଆରମ୍ଭ କରିଥିଲେ। ପରିବାର ପ୍ରତିପୋଷଣ ପାଇଁ ସେମାନଙ୍କୁ ଏହି ନୁଡୁଲ୍ସ ଷ୍ଟଲ୍ ଖୋଲିବାକୁ ପଡ଼ିଥିବା ଡିଙ୍ଗ୍ କହିଛନ୍ତି। ସେମାନେ ସ୍ଥାନୀୟ ବଜାରରେ ମସଲାଯୁକ୍ତ ଗ୍ରୀନ୍ ମଟର ନୁଡୁଲ୍ସ ବିକ୍ରି କରିବା ଆରମ୍ଭ କରିଥିଲେ। ୱାଙ୍ଗଙ୍କ ଜନ୍ମସ୍ଥାନ ଚୋଙ୍ଗକିଙ୍ଗ୍‌ରେ ଗ୍ରୀନ ମଟର ନୁଡୁଲ୍ସ ଏକ ଲୋକପ୍ରିୟ ଷ୍ଟ୍ରିଟ୍ ଫୁଡ୍ ଭାବେ ପରିଚିତ। ତେଣୁ ସେ ଏହାକୁ ବେଲଜିୟମବାସୀଙ୍କ ନିକଟରେ ପରିଚିତ କରାଇବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଡିଙ୍ଗ୍ କହିଛନ୍ତି। ଏହି ଦମ୍ପତି ସପ୍ତାହକୁ ୨ ଥର ନିଜର ଏହି ଷ୍ଟଲ୍‌କୁ ଖୋଲିଥାନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନୁଡୁଲ୍ସର ମୂଲ୍ୟ ପ୍ରତି ବାଉଲ ପିଛା ୭ରୁ ୯ ୟୁରୋ ରହିଛି। ସେହିପରି ସ୍ଥାନୀୟ ଲୋକଙ୍କ ସ୍ୱାଦ ଅନୁଯାୟୀ, ସେ ଏହି ଗ୍ରୀନ୍ ମଟର ନୁଡୁଲ୍ସରେ ମସଲାର ମାତ୍ରାକୁ ସାମାନ୍ୟ କମ୍ କରିଥିବା ଡିଙ୍ଗ୍ କହିଛନ୍ତି। ଏହି ମସଲାଦାର ଗ୍ରୀନ୍ ମଟର ନୁଡୁଲ୍ସକୁ ବିକ୍ରି କରି ଡିଙ୍ଗ୍ ଏବଂ ୱାଙ୍ଗ୍ ଦୈନିକ ପ୍ରାୟ ୧ ଲକ୍ଷ ୫ ହଜାର ଟଙ୍କା ରୋଜଗାର କରୁଛନ୍ତି।

## ‘କଲ୍କୀ ୨’ରୁ ହଟିଲେ ଦୀପିକା



**ହାଇଦ୍ରାବାଦ:** ୨୦୨୪ରେ ରିଲିଜ୍ ହୋଇଥିବା ସୁପରହିଟ୍ ଫିଲ୍ମ ‘କଲ୍କୀ ୨୮୯୮ ଏଡି’ରେ ଅଭିନେତା ପ୍ରଭାସ, ଅମିତାଭ ବଚ୍ଚନଙ୍କ ସହ ଅଭିନେତ୍ରୀ ଦୀପିକା ପାଦୁକୋନ୍ ନଜରକୁ ଆସିଥିଲେ। ବକ୍ସ ଅଫିସରେ ଉତ୍କୃଷ୍ଟ ପ୍ରଦର୍ଶନ ପରେ ଏହି ଫିଲ୍ମର ସିକ୍ୱେଲ ଖୁବ୍‌ଶୀଘ୍ର ଆସିବ ବୋଲି ଫିଲ୍ମ ନିର୍ମାତା କମ୍ପାନୀ ବୈଜୟନ୍ତୀ ମୁଭିଜ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଏହି ସିକ୍ୱେଲରେ ଦୀପିକାଙ୍କୁ ଦେଖିବାକୁ ମିଳିବ ନାହିଁ ବୋଲି ବୈଜୟନ୍ତୀ ମୁଭିଜ୍ ପକ୍ଷରୁ ସାମାଜିକ ଗଣମାଧ୍ୟମ ‘X’ରେ ଏକ ପୋଷ୍ଟ କରି ସୂଚନା ଦିଆଯାଇଛି। ପୋଷ୍ଟରେ ଲେଖାଯାଇଛି, ‘କଲ୍କୀ ୨୮୯୮ ଏଡି’ର ସିକ୍ୱେଲରେ ଦୀପିକାଙ୍କୁ ଦେଖିବାକୁ ମିଳିବ ନାହିଁ। ଅନେକ ବିଚାର ବିମର୍ଶ ପରେ ଦୀପିକାଙ୍କଠାରୁ ଅଲଗା ହେବାକୁ କମ୍ପାନୀ ନିଷ୍ପତ୍ତି ନେଇଛି। ‘କଲ୍କୀ ୨୮୯୮ ଏଡି’ ଫିଲ୍ମର ସିକ୍ୱେଲ ପାଇଁ ଅଧିକ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ଦୀପିକାଙ୍କଠାରୁ ଏହାର ଆଶ୍ୱାସନା ମିଳି ନ ଥିଲା। ବୈଜୟନ୍ତୀ ମୁଭିଜ୍‌ର ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦୀପିକାଙ୍କ ଅନେକ ପ୍ରଶଂସକ ଉକ୍ତ ପୋଷ୍ଟର କମେଣ୍ଟରେ ଫିଲ୍ମ ନିର୍ମାଣକାରୀ କମ୍ପାନୀକୁ ସମାଲୋଚନା କରିଛନ୍ତି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ‘କଲ୍କୀ ୨’ ଫିଲ୍ମ ପାଇଁ ଦୀପିକା ତାଙ୍କ ପାରିଶ୍ରମିକକୁ ୨୫% ବଢ଼ାଇବାକୁ ଫିଲ୍ମନିର୍ମାତାଙ୍କଠାରୁ ଦାବି କରିଥିଲେ। ଦୀପିକାଙ୍କ ଏହି ଦାବିରେ ଫିଲ୍ମ ନିର୍ମାତା ସହମତି ପ୍ରକାଶ କରି ନ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୯/୨୦୨୫ | Bhubaneswar, Friday, September 19/2025 | ପୃଷ୍ଠା-୧




# ଅନାସ୍ଥା ଆଣିଲା କଂଗ୍ରେସ

## ଜଗତେ କେବଳ ଜଣେ ହସିବେ: ଭାଜପା

ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ପୂର୍ବରୁ କଂଗ୍ରେସ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବ ବୋଲି ଯେଉଁ କହିଆସୁଥିଲା ତାହା ଗୁରୁବାର କରି ଦେଖାଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ୧୫ଜଣ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରସ୍ତାବ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଛନ୍ତି। ପ୍ରସ୍ତାବରେ ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ମଧ୍ୟ ସମର୍ଥନ ରହିଛି। କାଡାମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ ଦେବଙ୍କୁ ଭେଟି ଅନାସ୍ଥାକୁ ସମର୍ଥନ ସପକ୍ଷରେ ଆଲୋଚନା କରିଛନ୍ତି। ହେଲେ ଏନେଇ ବିଜେଡି ତା'ର ସ୍ପଷ୍ଟ ଆଭିମୁଖ୍ୟ ପ୍ରକାଶ କରିନାହିଁ।

ଗୁରୁବାର ମୌସୁମୀ ଅଧିବେଶନ ପ୍ରଥମ ଦିନରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସ୍ୱର୍ଗତ ସଦସ୍ୟମାନଙ୍କ ସମ୍ମାନାର୍ଥେ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହାପରେ ଗୃହକୁ ଶୁକ୍ରବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମଙ୍କ ପ୍ରକୋଷ୍ଠରେ କିଛିସମୟ ଧରି ଅନାସ୍ଥା ସମ୍ପର୍କରେ ଦଳର ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। ପରେ ୧୫ ବିଧାୟକଙ୍କ ଦସ୍ତଖତ ଥିବା ଅନାସ୍ଥା ପ୍ରସ୍ତାବ ଚିଠି ବିଧାନସଭା ସଚିବ ସତ୍ୟବ୍ରତ ସାହୁଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ। ଏହାପରେ କାଡାମଙ୍କ ନେତୃତ୍ୱରେ କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ସିଏସ୍ ରାଜନ୍ ଏକ୍କା, ☞ପୃଷ୍ଠା-୨



ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ବିଧାନସଭା ସଚିବ ସତ୍ୟବ୍ରତ ସାହୁଙ୍କୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଦଳର ନେତା ତାରାପ୍ରସାଦ ବାହିନୀପତି, ସିଏସ୍ ରାଜନ ଏକ୍କା, ସୋଫିଆ ଫିର୍ଦ୍ଦୋସ ଗୁରୁବାର ୧୫ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ଅନାସ୍ଥା ପ୍ରସ୍ତାବ ପ୍ରଦାନ କରୁଛନ୍ତି।

# ବିଜେଡି ତଣ୍ଟିରେ ଅନାସ୍ଥା କଣ୍ଟା

ଭୁବନେଶ୍ୱର,୧୮।୯(ସୁନିତ୍ ମିଶ୍ର)

- ■ ଅନାସ୍ଥାକୁ ସମର୍ଥନ କରିବନି ଦଳ
- ■ ଆଇଏଏସ୍‌ଙ୍କ ପରେ ଜଣେ ଓଏଏସ୍ ଅଫିସରଙ୍କୁ ଭେଟିବାକୁ ଧାଉଁଛନ୍ତି

ରାଜ୍ୟସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ଚଳିତ ଅଧିବେଶନରେ ଅନାସ୍ଥା ଆଣିବ ବୋଲି କଂଗ୍ରେସ ପକ୍ଷରୁ ବହୁ ଆଗରୁ ବାରମ୍ବାର କୁହାଯାଇଥିଲା। ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ଆଇନ ଶୃଙ୍ଖଳା ପରିସ୍ଥିତି, ଚାଷୀ ସମସ୍ୟା, ବେରୋଜଗାରି ବୃଦ୍ଧି ପାଉଥିବା ଆଦି ପ୍ରସଙ୍ଗ ନେଇ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିବା କହିଛି। ଅନାସ୍ଥା ପ୍ରସ୍ତାବକୁ ସମର୍ଥନଦେବା ଲାଗି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ବିଜେଡିର ସହଯୋଗ ଲୋଡ଼ିଛନ୍ତି। ଏହାପରେ ବିଜେଡି ବିଧାୟକ ପ୍ରତାପ ଦେବ ବିଜେଡି ପକ୍ଷରୁ ଗଠିତ ଫ୍ଲୋର ମ୍ୟାନେଜମେଣ୍ଟ କମିଟି ସହ ଦ୍ୱିପ୍ରହର ସମୟରେ ଏକ ବୈଠକ କରିଥିଲେ। କମିଟିରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ପ୍ରତାପ ଦେବ, ଅରୁଣ କୁମାର ସାହୁ, ମନୋହର ରନ୍ଧାରୀ, ବ୍ରଜ କିଶୋର ପ୍ରଧାନ, ସାରଦା ନାୟକ, ଗୌତମବୁଦ୍ଧ ଦାସ ଏବଂ ସାରଦା ଜେନା ରହିଛନ୍ତି। ଦଳ ପକ୍ଷରୁ ଅନାସ୍ଥାକୁ ସମର୍ଥନ ନ ଦେବା ନେଇ ଏକ ପ୍ରକାର ସ୍ଥିର ହୋଇଥିବା ଜଣାପଡ଼ିଛି। ବିଜେଡି ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉଠାଇ ଗୃହ ନ ଚଳାଇ ଦେବାକୁ ସ୍ଥିର କରାଯାଇଛି। ଏହାକୁ ବିଜେଡିର ବହୁ ବିଧାୟକ ଗ୍ରହଣ କରିନାହାନ୍ତି। ଭାଜପା ଏବଂ ବିଜେଡି ମଧ୍ୟରେ ଭଲ ସମ୍ପର୍କ ରହିଥିବା କଥା ଦୀର୍ଘଦିନରୁ ଚର୍ଚ୍ଚା ହୋଇଆସୁଛି। ସେଥିପାଇଁ ବିଜେଡିର ଅନେକ ନେତା ଏହାକୁ ବିରୋଧ ମଧ୍ୟ କରିଆସୁଛନ୍ତି। ଏବେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ନ କରିବା ଅର୍ଥ ପରୋକ୍ଷରେ ଭାଜପା ସହ ବିଜେଡିର ବୁଝାମଣା କଥା ପୁଣି ଥରେ ତଳସ୍ତରକୁ ଯିବ ବୋଲି ଦଳର ବହୁ ବିଧାୟକ ଯୁକ୍ତି ରଖୁଛନ୍ତି। ରାଜ୍ୟ ସରକାରଙ୍କ ବିରୋଧରେ ଯଦି ବିଜେଡି ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ଅଭିଯୋଗ କରାଯାଉଛି ତେବେ ଅନାସ୍ଥାକୁ ସମର୍ଥନ ଦେବାରେ ଅସୁବିଧା କେଉଁଠି ବୋଲି ଦଳର ବିଧାୟକମାନେ ହିଁ କୁହାକୁହି ହେଲେଣି। ଏଭଳି ସ୍ଥିତିରେ ବିଜେଡି ତଣ୍ଟିରେ ☞ପୃଷ୍ଠା-୨

# ଆକ୍ରମଣର ମିଳିତ ମୁକାବିଲା କରିବେ ପାକିସ୍ତାନ-ସାଉଦି ଆରବ

ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ନିମନ୍ତ୍ରଣକ୍ରମେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ବୁଧବାର ରିୟାଧ ଗସ୍ତ କରି ତାଙ୍କ ସହ ଏକ ବିସ୍ତୃତ ପ୍ରତିରକ୍ଷା ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। 'ଷ୍ଟ୍ରାଟେଜିକ୍ ମ୍ୟୁଚୁଆଲ ଡିଫେନ୍ସ ଏଗ୍ରିମେଣ୍ଟ' ଶୀର୍ଷକ ଏହି ଐତିହାସିକ ଚୁକ୍ତି ସମ୍ପନ୍ନ ହେବା ଫଳରେ ପାକିସ୍ତାନ କିମ୍ବା ସାଉଦି ଆରବ ଉପରେ କୌଣସି ଆକ୍ରମଣକୁ ଉଭୟ ଦେଶ ଉପରେ ଅତିକ୍ରମଣ ବୋଲି ଇସ୍‌ଲାମାବାଦ ଓ ରିୟାଧ ବିବେଚନା କରି ମିଳିତ ଭାବେ ଏହାର ମୁକାବିଲା କରିବେ। ପାକିସ୍ତାନ ହେଉଛି ଏକମାତ୍ର ଆଣବିକ ଅସ୍ତ୍ରସମ୍ପନ୍ନ ମୁସଲମାନ ବହୁଳ ରାଷ୍ଟ୍ର। ଏହା ନିକଟରେ ଇସ୍‌ଲାମିକ୍ ଦୁନିଆର ସର୍ବବୃହତ୍ ସେନା ରହିଛି। ପଡ଼ୋଶୀ ଭାରତ ପଟୁ କୌଣସି ପ୍ରକାର ଚ୍ୟାଲେଞ୍ଜ ଆସିଲେ ମୁକାବିଲା ପାଇଁ ପ୍ରସ୍ତୁତ ରହିଥିବା ଇସ୍‌ଲାମାବାଦ କହିଆସୁଥିବାବେଳେ ସାଉଦି ଆରବ ସହ ସଦ୍ୟ ପ୍ରତିରକ୍ଷା ଚୁକ୍ତି ପାକିସ୍ତାନର ସାମରିକ ବଳ ବୃଦ୍ଧି ଘଟାଇପାରେ। ସେହିପରି ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକୁ ନେଇ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଅନୁରୂପ ଏକ ସାମରିକ ମହାମେଣ୍ଟ ପ୍ରତିଷ୍ଠା କରିବାକୁ ପାକିସ୍ତାନ ଚାହୁଁଥିଲା। ଉପରୋକ୍ତ ଚୁକ୍ତି ଇସ୍‌ଲାମିକ୍ ସାମରିକ ମହାମେଣ୍ଟ ପାଇଁ ମୂଳଦୁଆ ପକାଇଥିବା କୁହାଯାଉଛି। ତେଣୁ ଏହାକୁ ଭାରତ ପାଇଁ ଚିନ୍ତାଜନକ ମନେକରାଯାଉଛି।

## ଭାରତ ପାଇଁ ଚିନ୍ତାଜନକ ପ୍ରତିରକ୍ଷା ଚୁକ୍ତି



ରିୟାଧରେ ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିବା ଅବସରରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍। **(ଫଟୋ ସୌଜନ୍ୟ: ରଏଟର୍ସ)**


ଇସ୍‌ଲାମାବାଦ/ରିୟାଧ/ନୂଆଦିଲ୍ଲୀ, ୧୮।୯(ପି.ଟି./ରଏଟର୍ସ)

ପାକିସ୍ତାନ ଓ ସାଉଦି ଆରବ ଏକ 'ରଣନୈତିକ ପାରସ୍ପରିକ ପ୍ରତିରକ୍ଷା' ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ତଦନୁସାରେ ପାକିସ୍ତାନ କିମ୍ବା ସାଉଦି ଆରବ ଉପରେ କୌଣସି ଆକ୍ରମଣ ହେଲେ ତାକୁ ଉଭୟ ଦେଶ ବିରୋଧରେ ଅତିକ୍ରମଣ ରୂପେ ବିବେଚନା କରାଯିବ ବୋଲି ଏକ ମିଳିତ ଘୋଷଣାନାମାରେ କୁହାଯାଇଛି। ଉପସାଗରୀୟ ରାଷ୍ଟ୍ରର ରାଜଧାନୀ ରିୟାଧକୁ ବୁଧବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ଗସ୍ତ ☞ପୃଷ୍ଠା-୨

# ନ୍ୟାଶନାଲ ଜିଓଗ୍ରାଫିକ୍‌ର କଭର ପେଜ୍‌ରେ ଶିମିଳିପାଳ କଳାବାଘ

ନୂଆଦିଲ୍ଲୀ,୧୮।୯(ପି.ଟି.)

ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନରେ ଭାରତୀୟ ଫଟୋଗ୍ରାଫର ପ୍ରସନ୍‌ଜିତ ଯାଦବଙ୍କ ଦ୍ୱାରା ନିଆଯାଇଥିବା ଏକ ଦୁର୍ଲଭ କଳାବାଘର ଫଟୋ ନ୍ୟାଶନାଲ ଜିଓଗ୍ରାଫିକ୍ ମାଗାଜିନର ଆଗାମୀ ଅକ୍ଟୋବର ମାସର ସଂସ୍କରଣ ପାଇଁ କଭର ପେଜ୍ ଭାବେ ସ୍ଥାନିତ ହୋଇଛି। ଉକ୍ତ କଭର ପେଜ୍ ଫଟୋ ପାଇଁ ପ୍ରସନ୍‌ଜିତଙ୍କୁ ଶିମିଳିପାଳର ଘନ ଜଙ୍ଗଲ ମଧ୍ୟରେ ଅନେକ ମାସ ଧରି ବାଘଗୁଡ଼ିକଙ୍କ ଉପରେ ନଜର ରଖିବାକୁ ପଡ଼ିଥିଲା। କଭର ପେଜ୍‌ରେ ସ୍ଥାନିତ ହୋଇଥିବା ବାଘଟି ସ୍ୟୁଡୋ ମେଲାନିଷ୍ଟିକ୍ ଟାଇଗର ପ୍ରଜାତିର ହୋଇଥିବା ବେଳେ ଏହା ବିଶ୍ୱର ସବୁଠାରୁ ଦୁର୍ଲଭ ବାଘ ମଧ୍ୟରୁ ଅନ୍ୟତମ। ☞ପୃଷ୍ଠା-୨




# ୧୩୫ ଶିଳ୍ପ ସଂସ୍ଥା ଉପରେ ଗଡୁଛି ୩୬୯୭ କୋଟିର ଜଳକର

ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)

ରାଜ୍ୟରେ ଶିଳ୍ପସଂସ୍ଥାଗୁଡ଼ିକ ଉପରେ ଅନେକ ହଜାର କୋଟି ଟଙ୍କାର ଜଳକର ବକେୟା ଗଡୁଛି। ସମ୍ପୃକ୍ତ ଶିଳ୍ପସଂସ୍ଥା ରାଜ୍ୟର ପ୍ରମୁଖ ୧୧ଟି ନଦୀରୁ ଜଳ ଟାଣୁଥିଲେ ହେଁ ସମୟ ଭିତରେ ରାଜ୍ୟ ସରକାରଙ୍କୁ ଜଳକର ଦେଉନାହାନ୍ତି। ଫଳରେ ୧୩୫ଟି ପ୍ରମୁଖ ଶିଳ୍ପସଂସ୍ଥା ଉପରେ ୩,୬୯୭.୧୪କୋଟିଟଙ୍କାର ଜଳକର ୨୦୨୫ ମାର୍ଚ୍ଚ ସୁଦ୍ଧା ବକେୟା ଗଡୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଦର୍ଶାଇଛନ୍ତି।

ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ଜଳପ୍ରବାହରେ ଅନିୟମିତତା ପରିଲକ୍ଷିତ ହୋଇଛି। ଓଡ଼ିଶାରେ ପ୍ରବାହିତ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ବଂଶଧାରା, ନାଗାବଳୀ, କୋଲାବ୍, ଇନ୍ଦ୍ରାବତୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବାହୁଦାରୁ ଶିଳ୍ପ ସଂସ୍ଥାଗୁଡ଼ିକ ଜଳ ନେଉଛନ୍ତି। ୧୩୫ଟି ଶିଳ୍ପ ସଂସ୍ଥା ୧୧ଟି ନଦୀରୁ ☞ପୃଷ୍ଠା-୨

# ଦୁର୍ଘଟଣା ପରେ ସମ୍ପର୍କ ତୁଟିଲା

## ସ୍ତ୍ରୀ ହରାଇଲେ ଦୃଷ୍ଟିଶକ୍ତି, ହାତ ଛାଡ଼ିଦେଲେ ସ୍ୱାମୀ

ବାରିପଦା, ୧୮।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଭୋଲାଗଡ଼ିଆ ଗ୍ରାମର ଜଣେ ମହିଳା ଏବେ ବେସାହାରା ହୋଇପଡ଼ିଛନ୍ତି। ସଡ଼କ ଦୁର୍ଘଟଣାରେ ତାଙ୍କ ଦୃଷ୍ଟିଶକ୍ତି ଚାଲିଯିବା ପରେ ସାତଜନ୍ମର ସାଥୀ ହୋଇ ଜୀବନ ବିତାଇବାକୁ ଶପଥ ନେଇଥିବା ସିଆର୍‌ପିଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିବା ସ୍ୱାମୀ ହାତ ଛାଡ଼ିଦେଇଛନ୍ତି। ଚିକିତ୍ସା ନିମନ୍ତେ ଔଷଧ କିମ୍ବା ଭରଣପୋଷଣ ପାଇଁ ସହଯୋଗ କରୁ ନ ଥିବାରୁ ଦିବ୍ୟାଙ୍ଗ ସାଜିଥିବା ମହିଳା ଜଣକ ଏବେ ନ୍ୟାୟ ପାଇଁ ସଂଘର୍ଷ କରୁଛନ୍ତି।




ସୀତା ମାରାଣ୍ଡି

ସେନା ଅଧିକାରୀଙ୍କଠାରୁ ଆରମ୍ଭକରି ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ବାପଘର ଲୋକେ ଝିଅକୁ ନ୍ୟାୟ ଦେବାପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ନେତାନନ୍ଦ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଭୋଲାଗଡ଼ିଆ ଗ୍ରାମର ଲକ୍ଷ୍ମଣ ମାରାଣ୍ଡିଙ୍କ ଝିଅ ସୀତାଙ୍କୁ ବଡ଼ହାଳିଆ ଗ୍ରାମର ଗୁମୁଦା ହାଁସଦା ୨୦୧୮ ନଭେମ୍ବର ୨୫ରେ ପ୍ରେମ ବିବାହ କରିଥିଲେ। ଗୁମୁଦା ଜଣେ ସିଆର୍‌ପିଏଫ୍ ଯବାନ ହୋଇଥିବା ବେଳେ ଏବେ ସେ ବିହାର ରେଜିମେଣ୍ଟ ୨୦୫ କୋବ୍ରା ବାଟାଲିୟନରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ପଡ଼ୋଶୀରେ ଅସ୍ଥିରତା



# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଓଡ଼ିଶା ବୁଣାକାର ମହାସଂଘ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶିଳାଶ୍ରୀ ସାହିତ୍ୟ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।
- ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଆଲୋଚନାଚକ୍ର (ସଂସ୍କୃତି ସୁରକ୍ଷା ପାଇଁ ଗଣମାଧ୍ୟମର ଭୂମିକା), ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୭ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### କଟକ
- ଭାରତ ସରକାରଙ୍କ ଇନ୍‌ଟାକ୍ ପକ୍ଷରୁ ଜନତା ରଙ୍ଗମଞ୍ଚକୁ ଐତିହାସିକ ସାଂସ୍କୃତିକ ଅନୁଷ୍ଠାନ ମାନ୍ୟତା ଫଳକ ଉନ୍ମୋଚନ ଉତ୍ସବ, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଜାଗା ମିଶନ ଯୋଜନା ପୁନଃ ପ୍ରଚଳନ ନିମନ୍ତେ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ତୃତୀୟ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

### ଭଦ୍ରକ
- ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ୩ୟ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ତିହିଡ଼ି କାଳୀପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ୩ୟ ଶ୍ରାଦ୍ଧବାର୍ଷିକ ପାଳନ, ସ୍ଥାନ: ପାନ୍ଥନିବାସ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦୁଝର
- ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକରେ ଗୀତା ଯଜ୍ଞ ଓ ସ୍ମୃତିସଭା, ସ୍ଥାନ: ବୈତରଣୀ ନଦୀ ଉତ୍ତରବାହିନୀ ଘାଟ, ଆନନ୍ଦପୁର, ସମୟ: ସକାଳ ୮ଟା ଓ ସନ୍ଧ୍ୟା ୬ଟା।

### ବ୍ରହ୍ମପୁର
- କଂଗ୍ରେସର ପ୍ରତିବାଦ କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଡିସି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- କାଲୁଆ ଯାତ୍ରା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଷାଣୀନୂଆଗାଁ ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

### ଗଞ୍ଜାମ
- ଜିଲାସ୍ତରୀୟ ଶିଶୁ ଉତ୍ସବ ମହକ, ସ୍ଥାନ: ଛତ୍ରପୁର ଜିଲ୍ଲା ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବ୍ୟାଙ୍କ ପରାମର୍ଶ କମିଟି ବୈଠକ,ସ୍ଥାନ: ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।

### ଢେଙ୍କାନାଳ
- ଫୁଡ୍ ଲଭର୍ସ ପକ୍ଷରୁ ଫୁଡ୍ ଫେଷ୍ଟା, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୪ର୍ଥ ଶ୍ରେଣୀ ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### ଜଗତ୍‌ସିଂହପୁର
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ,ସ୍ଥାନ: ବଡ଼ପଡ଼ିଆ ବ୍ୟାଙ୍କ ଛକ, ପାରାଦୀପ, ସମୟ: ସକାଳ ୭ ଟା।
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ତଟ ସଫେଇ ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ତଟରକ୍ଷକ ବାହିନୀର ନୂତନ ପାଟ୍ରୋଲିଂ ଜାହାଜ 'ଅଦମ୍ୟ'ର ଲୋକାର୍ପଣ ଉତ୍ସବ, ସ୍ଥାନ: କୋଷ୍ଟଗାର୍ଡ ବର୍ଥ, ପାରାଦୀପ ବନ୍ଦର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଗନ୍ନାଥ ଟ୍ରକ୍ ମାଲିକସଂଘ ପୂଜା ତୋରଣ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

### କେନ୍ଦ୍ରାପଡ଼ା
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ମା' ବିରଜାଙ୍କ ଷୋଡ଼ଶ ପୂଜା, ସ୍ଥାନ: ବ୍ୟାସନଗର ବିରଜା ନଗର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା୨୦।

### ନୟାଗଡ଼
- ନାରାୟଣୀଙ୍କ ଷୋଡ଼ଶ ପୂଜାର ଷଷ୍ଠ ଦିବସ, ସ୍ଥାନ:ଭାପୁର ବ୍ଲକର ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ୩ୟ ଦିବସ, ସ୍ଥାନ: ଦଶପଲ୍ଲା ବ୍ଲକର ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟ ସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକର ଗୋହିରିମଡା ସହ ଆଖପାଖ ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ବିମଳାଙ୍କ ଷୋଡ଼ଶ ପୂଜାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

### ରାୟଗଡ଼ା
- ଜୀବନ ପାଇଁ ଖାଦ୍ୟ ହେକାଥନ- ୨୦୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର, ସମୟ: ସକାଳ ୯ଟା।

### ନବରଙ୍ଗପୁର
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଉମରକୋଟ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏମ୍‌ସି ପକ୍ଷରୁ ୬ଟି ଷ୍ଟଲ ସିଲ୍ କରାଯିବ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅବିଭକ୍ତ କୋରାପୁଟ ଜିଲାକୁ ନେଇ ରାଜ୍ୟ ଗଠନ ଦାବିରେ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ତୃପ୍ତି ଲଜ୍, ସମୟ: ଅପରାହ୍ନ ୩ଟା।
- ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଯୁଗ୍ମ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲା ପରିଷଦ ବୈଠକ ଗୃହ, ସମୟ: ଅପରାହ୍ନ ୪ଟା।

### କୋରାପୁଟ
- ସ୍ୱାର୍କ-୨୦୨୫, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମେସିଙ୍ଗପୁଟ, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଖେଳକୁଦ ଚୟନ, ସ୍ଥାନ: ନୋଡାଲ ହାଇସ୍କୁଲ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁସ୍ଥ ନାରୀ ସଶକ୍ତ ଅଭିଯାନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଲମତାପୁଟ, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁର ରେଳ ମଣ୍ଡଳରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଉପଲକ୍ଷେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: ରେଳ ନଗର, ସମୟ: ସକାଳ ୬ଟା।
- ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ରେଙ୍ଗାଲି ବ୍ଲକ ଅର୍ନ୍ତଗତ ନିଶାନଭଙ୍ଗା ଜଙ୍ଗଲ, ସମୟ : ସକାଳ ୯ଟା ୩୦।
- ଓଡ଼ିଶା କେନ୍ଦୁପତ୍ର ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା ୩୦।
- ପ୍ରଫେସର ଦୁର୍ଗା ପ୍ରସାଦ ନାୟକ ସ୍ମାରକୀ ବକ୍ତୃତାମାଳା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା୬ଟା।
- ରାବଣ ବଧ ଉତ୍ସବର ପ୍ରସ୍ତୁତି ଓ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

### ବଲାଙ୍ଗୀର
- ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱିତୀୟ ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା

### ରାଉରକେଲା
- ଷ୍ଟିଲ୍ ଏମ୍ପ୍ଲଇଜ୍ ଟ୍ରେଡ୍ ୟୁନିଅନ ଓ ସାଥୀ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୭ଟା ୩୦।
- ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବାସନ୍ତୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଅଭିଭାବକ ବୈଠକ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଛେଣ୍ଡ ପାଠାଗାର ସତ୍ୟବାଦୀ କକ୍ଷ, ସମୟ: ସନ୍ଧ୍ୟା ୭ଟା।

### ବରଗଡ଼
- କ୍ୟାନସର ଚିହ୍ନଟ ଶିବିର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ପ୍ରଶିକ୍ଷଣ ଶିବିର-'ସମ୍ଭବ', ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୯ଟା ୩୦।
- ସେବାପକ୍ଷ ଅବସରରେ କର୍ମଶାଳା, ସ୍ଥାନ:ଜିଲା ସଂସ୍କୃତି ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ଅପରାହ୍ନ ୨ଟା।

### କଳାହାଣ୍ଡି
- ସେବାପକ୍ଷ ଉପଲକ୍ଷେ ଭାଜପାର ରକ୍ତଦାନ ଶିବିର, ସ୍ଥାନ: ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ସୁପର ଡ୍ୟାନ୍ସର କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ଅଗ୍ରସେନ ଭବନ, ସମୟ: ଅପରାହ୍ନ ୪ଟା।

### ବୌଦ୍ଧ
- ସ୍ୱାସ୍ଥ୍ୟ ନାରୀ ଶକ୍ତି ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ହରଭଙ୍ଗା ବ୍ଲକ, ସମୟ: ସକାଳ ୮ଟା।
- ସର୍ବସାଧାରଣଙ୍କ ଜନଶୁଣାଣି ଶିବିର, ସ୍ଥାନ: ଗୁନ୍ଦୁଲିଆ ମାର୍କେଟ କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ତରଭାରେ ବିଶ୍ୱକର୍ମାଙ୍କ ଭସାଣି ଶୋଭାଯାତ୍ରା, ସ୍ଥାନ: ବିଦ୍ୟୁତ୍ ବିଭାଗ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନବାହ୍ନ ପରାୟଣର ଦ୍ୱିତୀୟ ଦିବସ, ସ୍ଥାନ: କର୍ଡପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ସେବାପକ୍ଷ ପାଳନ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ଗଡଗଡବାହାଲି ଗାଁ, ସମୟ: ସକାଳ ୯ଟା ୩୦।
- ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ମୂର୍ତ୍ତି ବିସର୍ଜନ, ସ୍ଥାନ: ଆମ୍ବେଡକର ଛକ ନିକଟ ବାରିକ ଗ୍ୟାରେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ତୃତୀୟ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ପ୍ରଥମ ପୃଷ୍ଠାରୁ...

## ଆକ୍ରମଣର ମିଳିତ...

ସମୟରେ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ସେ ଉକ୍ତ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଗଲ୍ଫ ରିଜିଅନ୍‌ରେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରହିଆସିଥିବା କାତାର ରାଜଧାନୀ ଦୋହାରେ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍‌ର ଶୀର୍ଷ ରାଜନେତାମାନଙ୍କୁ ହତ୍ୟା ପାଇଁ ଇସ୍ରାଏଲ୍ ଟାର୍ଗେଟ କରିବାର କିଛିଦିନ ପରେ ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ଏହି ଚୁକ୍ତି ସମ୍ପନ୍ନ ହୋଇଛି। ପ୍ରତିରକ୍ଷା ଚୁକ୍ତିର ଦିନକ ପରେ ଗୁରୁବାର ନୂଆଦିଲ୍ଲୀ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତର ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହ ବ୍ୟାପକ ଜାତୀୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଦିଗରେ ସବୁ ପ୍ରକାର ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ କଂଗ୍ରେସ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୂଟନୈତିକ ବିଫଳତା ବୋଲି ସମାଲୋଚନା କରିଛି।

ପାକିସ୍ତାନ-ସାଉଦି ଆରବ ମିଳିତ ଘୋଷଣାନାମାରେ ଉଲ୍ଲେଖ କରାଯାଇଛି, ଏହି ପ୍ରତିରକ୍ଷା ଚୁକ୍ତି ସମ୍ପୃକ୍ତ କ୍ଷେତ୍ରରେ ନିରାପତ୍ତା ଓ ଶାନ୍ତିକୁ ସୁନିଶ୍ଚିତ କରିବା ଲାଗି ଉଭୟ ଦେଶର ସୁରକ୍ଷାକୁ ତ୍ୱରାନ୍ୱିତ କରିବା ଉପରେ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ୨ ଦେଶ ମଧ୍ୟରୁ କାହା ଉପରେ ବି ଆକ୍ରମଣ ହେଲେ ତାକୁ ଉଭୟେ ନିଜ ଉପରେ ଅତିକ୍ରମଣ ବିବେଚନା କରି ଏହାର ମିଳିତ ମୁକାବିଲା କରିବେ। ପାକିସ୍ତାନ ଓ ସାଉଦି ଆରବର ୮ ଦଶନ୍ଧି ପୁରୁଣା ଐତିହାସିକ ସହଭାଗିତାକୁ ଆଗକୁ ଆହୁରି ମଜଭୁତ କରିବା ଦିଗରେ ଏହା ସହାୟକ ହେବ। ଭ୍ରାତୃତ୍ୱ ଓ ଇସ୍‌ଲାମିକ୍ ଏକତା ଆଧାରିତ ତଥା ଘନିଷ୍ଠ ପ୍ରତିରକ୍ଷା ସହଯୋଗକୁ ଭିତ୍ତିକରି ୨ ଦେଶ ଉପରୋକ୍ତ ସହମତି ପ୍ରକାଶ କରିଛନ୍ତି। ଗୁରୁବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ କ୍ଷେତ୍ରୀୟ ଆହ୍ୱାନ ଓ ଦ୍ୱିପାକ୍ଷିକ ସହଯୋଗିତା ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି।

କ୍ରାଉନ୍ ପ୍ରିନ୍ସଙ୍କ ନିରନ୍ତର ସମର୍ଥନ, ସାଉଦି ନିବେଶ ଓ ଦୁଇଦେଶର ବାଣିଜ୍ୟ ତଥା ବ୍ୟବସାୟ ବୃଦ୍ଧିକୁ ସେ ସମ୍ମାନ ଦିଅନ୍ତି। ତୈଳ ପ୍ରାଚୁର୍ଯ୍ୟ ରାଷ୍ଟ୍ରକୁ ଶେହବାଜଙ୍କ ଗସ୍ତ ପୂର୍ବରୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଉଭୟ ରାଷ୍ଟ୍ରର ସ୍ୱାର୍ଥ ସମ୍ବଳିତ ଏକ ଐତିହାସିକ ସୁଯୋଗ ବୋଲି ଅଭିହିତ କରିଥିଲା। ସପ୍ତାହେ ଭିତରେ ଉପସାଗରୀୟ ଅଞ୍ଚଳକୁ ଏହା ହେଉଛି ଶେହବାଜଙ୍କ ତୃତୀୟ ଗସ୍ତ। ଏହା ପୂର୍ବରୁ ଶେହବାଜ କାତାରକୁ ୨ ଥର (ଗୁରୁବାର ଓ ସୋମବାର) ଗସ୍ତ କରିଥିଲେ। ସେପ୍ଟେମ୍ବର ୯ରେ କାତାରରେ ଇସ୍ରାଏଲର ଆକ୍ରମଣ ପରିପ୍ରେକ୍ଷୀରେ ଦୋହାକୁ ସମର୍ଥନ କରିବା ଥିଲା ତାଙ୍କ ଗସ୍ତର ଉଦ୍ଦେଶ୍ୟ। ଶେହବାଜଙ୍କ ସଦ୍ୟ ରିୟାଧ ଗସ୍ତବେଳେ ତାଙ୍କ ସହ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ୍ ମୁନିର, ବହିର୍ବ୍ୟାପାର ମନ୍ତ୍ରୀ ଇଶାକ୍ ଡାର୍, ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍, ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ୍, ସୂଚନା ମନ୍ତ୍ରୀ ଅତାଉଲ୍ଲାହ ତରାର, ପରିବେଶ ମନ୍ତ୍ରୀ ମୁସାଦିକ୍ ମଲିକ୍ ଏବଂ ସ୍ୱତନ୍ତ୍ର ସହଯୋଗୀ ତାରିକ୍ ଫତେମି ଯାଇଥିଲେ।

ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନ ଧରି ସାମରିକ ସଂଘର୍ଷ ଲାଗିରହିବାର ୪ ମାସ ପରେ ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସମ୍ପନ୍ନ ହୋଇଛି। ଏହା ଉପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି, ଜାତୀୟ ସୁରକ୍ଷା ସହ ଆଞ୍ଚଳିକ ଓ ବୈଶ୍ୱିକ ସ୍ଥିରତା ଉପରେ ଏହି ଚୁକ୍ତିର କି ପ୍ରଭାବ ପଡ଼ିବ, ନୂଆଦିଲ୍ଲୀ ତାହା ଅନୁଧ୍ୟାନ କରିବ। ଭାରତର ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ସବୁ କ୍ଷେତ୍ରରେ ବ୍ୟାପକ ଜାତୀୟ ନିରାପତ୍ତାକୁ ସୁନିଶ୍ଚିତ କରିବା ହେଉଛି ନୂଆଦିଲ୍ଲୀର ପ୍ରାଥମିକତା।

## ଅନାସ୍ଥା ଆଣିଲା...

ପବିତ୍ର ସାଉନ୍ତା ପ୍ରମୁଖ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ପ୍ରକୋଷ୍ଠରେ ଅନାସ୍ଥା ପ୍ରସ୍ତାବ ପାଇଁ ସହଯୋଗ ଲୋଡ଼ିବାକୁ ପହଞ୍ଚିଥିଲେ। ହେଲେ ସେଠାରେ ଉପସ୍ଥିତ ଥିବା ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ ଓ ଅନ୍ୟ ସଦସ୍ୟମାନଙ୍କ ସହ ଏନେଇ ଆଲୋଚନା ହୋଇଥିଲା। ଏହି ଅବସରରେ କାଡାମ କହିଛନ୍ତି, କଂଗ୍ରେସ ସବୁବେଳେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛି। ରାଜ୍ୟରେ ଯେଉଁଭଳି ଭାବେ ନାରୀ ନିର୍ଯାତନା ବଢ଼ିଚାଲିଛି ଏବଂ ମହିଳାମାନେ ତ୍ରାହି ତ୍ରାହି ଡାକୁଛନ୍ତି ତାହା ସମସ୍ତେ ଜାଣିଛନ୍ତି। ରାଜ୍ୟରେ ଚାଷୀଙ୍କଠାରୁ ଆରମ୍ଭ କରି ବେକାର ଯୁବତୀଯୁବକ ଏବଂ ଆଦିବାସୀଙ୍କ ପର୍ଯ୍ୟନ୍ତ ସମସ୍ତେ ସମସ୍ୟା ଦେଇ ଗତି କରୁଛନ୍ତି। ଏହାକୁ ନେଇ କଂଗ୍ରେସ ଅନାସ୍ଥା ଆଗତ କରିଛି। ଆଶା କରୁଛୁ ରାଜ୍ୟବାସୀଙ୍କ ହିତ ପାଇଁ ବିଜେଡି ଆମକୁ ସମର୍ଥନ ଦେବ।

ଅପରପକ୍ଷେ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ବିଜେଡି ଓ କଂଗ୍ରେସ ଭିତରେ 'ସିଲ୍‌ଭର ମେଡାଲ' ପାଇଁ ଲଢ଼େଇ ଚାଲିଛି। ଅନାସ୍ଥାର କୌଣସି ପ୍ରଭାବ ସରକାରଙ୍କ ଉପରେ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ଭାଜପା ବିଧାୟକ ବାବୁ ସିଂ କହିଛନ୍ତି, ଅନାସ୍ଥା ଆଣି କଂଗ୍ରେସ ଲୋକହସା ହେବ ଏବଂ 'ଜଗତେ କେବଳ ଜନେ ହସିବେ'। ବିଧାନସଭାରେ ଆବଶ୍ୟକ ସଂଖ୍ୟା ନଥାଇ କଂଗ୍ରେସ ଅନାସ୍ଥା ଆଣିବା କେବଳ ସତ୍ତା ବଞ୍ଚାଇବାକୁ ଉଦ୍ୟମ ଛଡ଼ା ଆଉ କିଛି ନୁହେଁ ବୋଲି ସେ କହିଛନ୍ତି।

## ବିଜେଡି ତଣ୍ଟିରେ...

ଅନାସ୍ଥା ଏକ କଣ୍ଟା ଭଳି ଲାଗିବାକୁ ଯାଉଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେଡି ସବୁବେଳେ ସମଦୂରତା ନୀତି ଅବଲମ୍ବନ କରିଆସିଛି। ଅନାସ୍ଥାକୁ ବାଚସ୍ପତି ଏ ପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି। ତେଣୁ ନଈ ନ ଦେଖୁଣୁ ଲଙ୍ଗଳା ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ସମଦୂରତା ନୀତି ବିଷୟରେ କହିବା ପରେ ବିଜେଡି ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଦେବ ନାହିଁ ବୋଲି ପରୋକ୍ଷରେ ଇଙ୍ଗିତ କରିଥିବା ଚର୍ଚ୍ଚା ହେଉଛି। ସେପଟେ ଦଳ ଭିତରେ ବର୍ତ୍ତମାନ ଆଉ ଏକ ନୂଆ କଥା ଚର୍ଚ୍ଚାକୁ ଆସିଛି। ଦଳର ବହୁ ବରିଷ୍ଠ ନେତା ପୂର୍ବରୁ ଜଣେ ଆଇଏଏସ୍‌ଙ୍କ ପଛରେ ଯେମିତି ଦୌଡୁଥିଲେ ବର୍ତ୍ତମାନ ସେହିଭଳି ଆଉ ଜଣେ ଓଏଏସ୍ ଅଫିସରଙ୍କ ପାଖରେ ନିଜର ଓଜନ ଖସାଇବାକୁ ବସିଲେଣି ବୋଲି ଶୁଣିବାକୁ ମିଳୁଛି। ନବୀନ ନିବାସରେ ଅଧିକାଂଶ ବିଷୟ ବୁଝାବୁଝି କରୁଥିବା ଜଣେ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଦେଖା ହେବାକୁ ଦଳର ବରିଷ୍ଠ ନେତାମାନେ କୁଆଡ଼େ ସମୟ ମାଗୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ସେହି ଓଏଏସ୍ ଅଫିସର ଜଣଙ୍କ ଭି.କେ. ପାଣ୍ଡିଆନ୍‌ଙ୍କ ଏକାନ୍ତ ଅନୁଗତ ବୋଲି ସମସ୍ତେ ଜାଣନ୍ତି। ଅନାସ୍ଥା ପ୍ରସ୍ତାବକୁ ନେଇ ଚାଲିଥିବା ରାଜନୀତି ବିଷୟରେ ଚର୍ଚ୍ଚା ଆଉ ଆଲୋଚନା କରିବାକୁ ଅଧିକାଂଶ ନେତା ନବୀନ ନିବାସ ଯାଇ ସେହି ଓଏଏସ୍ ଅଧିକାରୀଙ୍କୁ ଭେଟିଥିବା ଜଣାପଡ଼ିଛି, ଯେତେବେଳେ କି ବିଜେଡି ସଭାପତି ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି।

## ନ୍ୟାଶନାଲ ଜିଓଗ୍ରାଫିକ୍‌ର...

ଏହି ପ୍ରକାରର କଳାବାଘ କେବଳ ଶିମିଳିପାଳରେ ଦେଖାଯାଆନ୍ତି ବୋଲି ପ୍ରସନ୍‌ଜିତ କହିଛନ୍ତି। ସେ କହିଛନ୍ତି, ଜଣେ ଏକ୍ସପ୍ଲୋରର ଏବଂ ନ୍ୟାଶନାଲ ଜିଓଗ୍ରାଫିକ୍‌ର ଫଟୋଗ୍ରାଫର ଭାବେ ଦୀର୍ଘ ମାସ ଧରି ଶିମିଳିପାଳ ଜଙ୍ଗଲରେ ବୁଲିବା ତାଙ୍କ ପାଇଁ ଏକ ନିଆରା ଅନୁଭୂତି ଥିଲା। ଏହି ଅବସରରେ ଦୁର୍ଲଭ ବାଘମାନଙ୍କ ସୁରକ୍ଷା ଦିଗରେ ଓଡ଼ିଶା ବନ ବିଭାଗର ଉତ୍ସର୍ଗୀକୃତ ପରିଚାଳନା ଓ ଅଧିକାରୀମାନଙ୍କ ପ୍ରତିବଦ୍ଧତାକୁ ସେ ପ୍ରତ୍ୟକ୍ଷ ଭାବରେ ଦେଖିଥିଲେ। ଅନେକ ମାସର ଧୈର୍ଯ୍ୟ ଓ ପରିଶ୍ରମ ପରେ ବ୍ୟାଘ୍ର ଗବେଷକଙ୍କ ମଧ୍ୟରେ ଟି୧୨ ଭାବେ ପରିଚିତ ଥିବା ବାଘର ଏକ ଉତ୍କୃଷ୍ଟ ଫଟୋ ନେବା ତାଙ୍କ ପାଇଁ ଆନନ୍ଦଦାୟକ ମୁହୂର୍ତ୍ତ ଥିଲା। ତାଙ୍କ ଦ୍ୱାରା ନିଆଯାଇଥିବା ଏହି ଫଟୋ ଏବଂ ଷ୍ଟୋରି ନ୍ୟାଶନାଲ ଜିଓଗ୍ରାଫିକ୍ ମାଗାଜିନର କଭର ପେଜ୍‌ରେ ସ୍ଥାନିତ ହେବା ନିଶ୍ଚିତ ଭାବେ ତାଙ୍କ ପାଇଁ ସମ୍ମାନର ବିଷୟ ବୋଲି ପ୍ରସନ୍‌ଜିତ କହିଛନ୍ତି। ଉକ୍ତ କଭର ଫଟୋର ଷ୍ଟୋରିରେ ବ୍ୟାଘ୍ର ସଂରକ୍ଷଣର ଜଟିଳ ବାସ୍ତବତା ଏବଂ ସ୍ୟୁଡୋ ମେଲାନିଷ୍ଟିକ୍ ପ୍ରଜାତିର ବାଘଙ୍କ ବିରଳ ଜେନେଟିକ ମ୍ୟୁଟେଶନ ସମ୍ପର୍କିତ ବୈଶିଷ୍ଟ୍ୟ ବିଷୟରେ ଲୋକଙ୍କ ପାଇଁ ବିସ୍ତୃତ ସୂଚନା ରହିଥିବା ନେଇ ନ୍ୟାଶନାଲ ଜିଓଗ୍ରାଫିକ୍‌ର ମୁଖ୍ୟ ସମ୍ପାଦକ ନାଥନ ଲମ୍ପ୍ କହିଛନ୍ତି।

## ଦୁର୍ଘଟଣା ପରେ...

କାର୍ଯ୍ୟରତ ଅଛନ୍ତି। ତେବେ ବିବାହର କିଛି ବର୍ଷ ହସଖୁସିରେ କଟିବା ପରେ ୨୦୨୪ ସେପ୍ଟେମ୍ବର ୪ରେ ସ୍ତ୍ରୀ ଓ ସ୍ୱାମୀ ଉଦଳାରୁ ଘରକୁ ଫେରୁଥିବା ବେଳେ ବାରିପଦା-ଉଦଳା ରାସ୍ତାର ନାହୁଆ ଛକ ନିକଟରେ ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କାଦେଇଥିଲା। ଏଥିରେ ଉଭୟେ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହୋଇଥିଲେ। ଗୁମୁଦାଙ୍କ ଗୋଟିଏ ଗୋଡ଼ ଭାଙ୍ଗିଯାଇଥିବା ବେଳେ ସୀତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ୱାମୀ ସୁସ୍ଥ ହୋଇ ଚାକିରିରେ ଯୋଗଦେଇଥିବା ବେଳେ ୨ମାସ ଧରି ଆଇସିୟୁରେ ରହିବା ପରେ ସୀତା ଶାଶୁଘରକୁ ଫେରିଥିଲେ। ମାତ୍ର ଦୁର୍ଘଟଣାରେ ଦୁଇଟି ଆଖି ସମ୍ପୂର୍ଣ୍ଣ ନଷ୍ଟହୋଇଥିବାରୁ ଶାଶୁଘର ଲୋକେ ସୀତାଙ୍କ ସେବାଯତ୍ନ କରିବାକୁ ଅମଙ୍ଗ ହୋଇ ନଭେମ୍ବରରେ ତାଙ୍କୁ ବାପଘରକୁ ପଠାଇ ଦେଇଥିଲେ। ସେହିଦିନଠାରୁ ସୀତା ବାପଘରେ ରହି ଆସୁଛନ୍ତି। ଗୋଟିଏ ପଟେ ଆଖି ହରାଇଥିବା ଓ ଅନ୍ୟପଟେ ସ୍ୱାମୀ ହାତ ଛାଡ଼ିଦେବାରୁ ସେ ଅସହାୟ ହୋଇପଡ଼ିଛନ୍ତି। ଇତିମଧ୍ୟରେ ଗୁମୁଦା ଦ୍ୱିତୀୟ ବିବାହ ପାଇଁ ସଜବାଜ ହେଉଥିବା ବେଳେ ସୀତା ଘଟଣା ସମ୍ପର୍କରେ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ଆର୍ଥିକ ସହାୟତା ପାଇଁ ସୀତା ସିଆର୍‌ପିଏଫ୍ ମୁଖ୍ୟାଳୟ ଦିଲ୍ଲୀ ଏବଂ ବିହାରରେ ନିବେଦନ କରିଛନ୍ତି। ଦିବ୍ୟାଙ୍ଗ ସୀତାଙ୍କୁ ନ୍ୟାୟ ପ୍ରଦାନ ସହ ସରକାରୀ ସୁବିଧା ଯୋଗାଇଦେବାକୁ ତାଙ୍କ ବାପଘର ଲୋକେ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ଗୁମୁଦାଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ହେଁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ୧୩୫ ଶିଳ୍ପ ସଂସ୍ଥା...

୧,୧୬୧.୭୧ କ୍ୟୁସେକ୍ ଜଳ ଟାଣୁଥିବାବେଳେ ୧,୦୩୭.୪୧ ମିଲିୟନ କ୍ୟୁବିକ୍ ମିଟର(ଏମ୍‌ସିଏମ୍) ଜଳ ବ୍ୟବହାର କରୁଛନ୍ତି। ଏବାବଦକୁ ପ୍ରମୁଖ ୧୩୫ଟି ଶିଳ୍ପ ସଂସ୍ଥା ଉପରେ ୩,୭୯୭.୧୪କୋଟି ଟଙ୍କା ବକେୟା ରହିଛି। ସେଥିମଧ୍ୟରେ କଟକ ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ ଲି. ଉପରେ ମାର୍ଚ୍ଚ ୨୦୨୫ ସୁଦ୍ଧା ୫୮.୩୬୮କୋଟି ଟଙ୍କା ବକେୟା ଗଡୁଥିବାବେଳେ ପାରାଦ୍ୱୀପସ୍ଥିତ ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ଉପରେ ୧୦୮.୯୮୧କୋଟି, ସମ୍ବଲପୁରସ୍ଥିତ ଭୂଷଣ ପାୱାର ଆଣ୍ଡ୍ ଷ୍ଟିଲ ଲି. ଉପରେ ୨୪୪.୧୦୯ କୋଟି, ପାରାଦୀପ ଫସ୍‌ଫେଟ୍‌ସ ଉପରେ ୪୫.୫୧୩ କୋଟି, ବିରଜା ଷ୍ଟିଲ୍ ଆଣ୍ଡ୍ ଏନର୍ଜି ଉପରେ ୯୮କୋଟିରୁ ଅଧିକ ଟଙ୍କା ବକେୟା ରହିଛି। ସେହିପରି ଢେଙ୍କାନାଳସ୍ଥିତ ଭୂଷଣ ଷ୍ଟିଲ ଆଣ୍ଡ୍ ଷ୍ଟ୍ରିପ ଉପରେ ୧୮୫କୋଟି, ଶ୍ରୀ ମହାବୀର ଫେରୋ ଆଲୟଜ ଉପରେ ୨୫.୭୪୦କୋଟି, ଜୟପୁରସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଲି. ଉପରେ ୧୯୫.୮୩୯କୋଟିଟଙ୍କା ବକେୟା ଗଡୁଛି।

ଏହି ୧୧ଟି ନଦୀରୁ ଚାଷ ପାଇଁ ୨୪,୧୫୪.୯୭ ଏମ୍‌ସିଏମ୍ ଜଳ ବ୍ୟବହାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେଥିମଧ୍ୟରେ ମହାନଦୀରୁ ୧୨,୭୧୦.୫୯ ଏମ୍‌ସିଏମ୍, ବ୍ରାହ୍ମଣୀରୁ ୩୩,୨୫.୪୮, ବୈତରଣୀରୁ ୧,୯୪୩.୬୫, ଋଷିକୁଲ୍ୟାରୁ ୧,୪୦୨.୪୭, ବଂଶଧାରାରୁ ୭୧୯.୭୪, ନାଗାବଳୀରୁ ୧୭୦.୮୯, କୋଲାବରୁ ୧,୪୦୨.୬୩, ଇନ୍ଦ୍ରାବତୀରୁ ୧,୫୮୦.୨୧, ସୁବର୍ଣ୍ଣରେଖାରୁ ୩୯୪,୮୦, ବାହୁଦାରୁ ୧୭୦,୧୬ ଏବଂ ଜମ୍ବୀରାରୁ ୬୬.୩୫ ଏମ୍‌ସିଏମ୍ ଜଳ ଚାଷ ପାଇଁ ବ୍ୟବହାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମଣ୍ଡା ପିଠା ଗୋଟି ଅଇଁଠା କଲି**
**କଷା କିଏ ମିଶାଇଲା**
**ଗଲା କଥା ଆଉ ଲେଉଟି ଆସେ କି**
**ଯେତେ ଆଶା କଲେ ଭଲା ?**

ଗତସ୍ୟ ଶୋଚନା ନାସ୍ତି। ଘଟିଯାଇଥିବା ଘଟଣା ପାଇଁ ମନସ୍ତାପ କରିବା ବା ଭାବି ଭାବି ସମୟ ନଷ୍ଟ କରିବା ଅନୁଚିତ। ସେହିପରି ଯାହା ବିତିଯାଇଛି ତାହା ଆଉ ଫେରି ଆସି ନ ଥାଏ। ଅତୀତ ସବୁବେଳେ ଅଫେରା। ତେଣୁ ପଛ କଥା ଚିନ୍ତା କରି ଅଯଥାରେ ସମୟ ନଷ୍ଟ କରିବାରେ କିଛି ଲାଭ ମିଳି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ମାଗିଖିଆ ଲାଗି ଖାଏ ନାହିଁ**
**କି ଲାଗିଖିଆ ମାଗି ଖାଏ ନାହିଁ।**

ଯିଏ ଭିକ ମାଗି ପେଟ ପୋଷେ ସେ କେବେ କଷ୍ଟ କରି କାମ କରିବାକୁ ଇଚ୍ଛା କରି ନ ଥାଏ। ସେହିପରି ଯିଏ କାମଦାମ କରି ନିଜ ପେଟ ପୋଷୁଥାଏ ସେ ପର ଆଗରେ ହାତ ପାତିବାକୁ ସଙ୍କୋଚ କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘଦିନର ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ଆନୁଷଙ୍ଗିକ ସାହାଯ୍ୟରୁ ନିର୍ମାଣାଧୀନ କାମର ପ୍ରତିବନ୍ଧକ ଦୂର ହେବ। ଶୁକ୍ରଙ୍କ ପ୍ରଭାବରୁ ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। କର୍ମକ୍ଷେତ୍ରରେ କେତେକାଂଶରେ ସାଧାରଣ ଘଟଣାରେ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ** ବନ୍ଧୁଙ୍କ ନିକଟରୁ ଆନୁଷଙ୍ଗିକ ସାହାଯ୍ୟ ଲାଭରୁ କାର୍ଯ୍ୟ ହାସଲ କରିବେ। ମନୋବଳ ଟାଣ ରହିବ ଓ ଅଟକିଥିବା କାମକୁ ଶେଷ କରିପାରିବେ। ପାରିବାରିକ ସମସ୍ୟା ଭିତରେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ। ଆଧାତ୍ମିକ ଗ୍ରହ ଶନିଙ୍କ କୃପାରୁ ବନ୍ଧୁଙ୍କ ଗହଣରେ ତୀର୍ଥାଟନର ସୁଯୋଗ ଲାଭ କରି ଖୁସୀ ଅନୁଭବ କରିପାରନ୍ତି।

**ମିଥୁନ** ପରିବାର ସ୍ଥାନରେ ବୁଧ ହେତୁ ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମ ସଫଳତାର ସହ ସମ୍ପନ୍ନ କରିବେ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ବ୍ୟବସାୟରେ ସମସ୍ୟା ବଡ ଆକାର ଧାରଣ କରିପାରେ। ଆନୁଷ୍ଠାନିକ କାମରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** ସ୍ୱରାଶିରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ସହକର୍ମୀଙ୍କ ସହ ସୁସମ୍ପର୍କ ଅଭାବରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବେ। ବିନୟ ବଚନ ପ୍ରଭାବରୁ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। ପାରିବାରିକ କଳହକୁ କେନ୍ଦ୍ରକରି ସାୟାହ୍ନେ ଭାବପ୍ରବଣ ହୋଇପାରନ୍ତି।

**ସିଂହ** ନୀଚାରୋହୀ କର୍ମାଧିପତି ପାପଗ୍ରହ ଯୁକ୍ତ କାରଣରୁ କାମର ଚାପ ବୃଦ୍ଧିଜନିତ ମାନସିକ ସ୍ଥିରତା ରହିବ ନାହିଁ। ପରିସ୍ଥିତିରେ ପଡି ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହେବେ। ଗତକାଲି ପରି ଆଜି ମଧ୍ୟ ପାରିବାରିକ ପରିସ୍ଥିତି ଅପରିବର୍ତ୍ତିତ ରହିବ। ବନ୍ଧୁ ପରିଜନଙ୍କ ସହିତ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିପାରନ୍ତି।

**କନ୍ୟା** ଏକାଦଶ ସ୍ଥାନରେ ବୃହସ୍ପତି ଅବସ୍ଥାନ କରିଥିବାରୁ କୌଣସି ସମସ୍ୟା ବିଚଳିତ କରିପାରିବ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ କାମ କରିପାରନ୍ତି। ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରୁ ଫେରିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା** କର୍ମଭାବସ୍ଥ ଚନ୍ଦ୍ର ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ , ପରିବହନ ଏବଂ ଦୂରଯାତ୍ରା କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁଙ୍କର ଆଗଭଳି ଭଲ ମନୋଭାବ ନ ଥିବା ଅନୁଭବ କରିପାରନ୍ତି। ରଚନାତ୍ମକ କାମରେ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା** ବୁଧାଦିତ୍ୟ ଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଶତ୍ରୁ ସାମୟିକ କାମଟିକୁ ଅଟକାଇ ଦେଇପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବାର ସୂଚନା ରହିଛି।

**ଧନୁ** ନିଜ ଗୃହକୁ ରାଶ୍ୟାଧିପତି ବୃହସ୍ପତିଙ୍କ ଦୃଷ୍ଟିରୁ ଆରୋଗ୍ୟଲାଭ କରିବା ସହ ନୂତନ ଯୋଜନାରେ ସଫଳତା ପାଇବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ କଳହର ସୂତ୍ରପାତ ହେବ। ସ୍ଥଗିତ କାମକୁ ପୂରା କରିବା ସହ ଆଲୋଚନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**ମକର** କର୍ମଭାବରେ ମଙ୍ଗଳଗ୍ରହ ଅମଙ୍ଗଳ ବିନାଶ ପୂର୍ବକ ଜମିଜମା ସମ୍ବନ୍ଧୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଉପର ଅଧିକାରୀଙ୍କ ହସ୍ତକ୍ଷେପ ଫଳରେ ବିବାଦୀୟ ପରିସ୍ଥିତି ବଦଳି ଯାଇପାରେ। ଦୂରଯାତ୍ରା କ୍ଷେତ୍ରରେ କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିଯିବ।

**କୁମ୍ଭ** ରାହୁଙ୍କ ପ୍ରଭାବରୁ ପ୍ରତ୍ୟେକ ପରିସ୍ଥିତିରେ କୌଶଳ ପ୍ରୟୋଗକରି କାମ ହାସଲ କରିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ କାର୍ଯ୍ୟରେ ମତାମତବ୍ୟ ଦେବା ଠିକ୍ ହେବନାହିଁ। ପ୍ରତିବାଦୀଙ୍କ ଅନୁପସ୍ଥିତିଜନିତ କଚେରି ମାମଲାରେ ବାଧା ହୋଇପାରେ। ଆଜିର ଅର୍ଥନୈତିକ ସ୍ଥିତି, ପାରିବାରିକ ପରିସ୍ଥିତି ଏବଂ ବନ୍ଧୁସମ୍ପର୍କ ପ୍ରାୟତଃ ଭଲ ରହିବ।

**ମୀନ** ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମ ସମ୍ପନ୍ନରେ ଅସୁବିଧା ହେବ ନାହିଁ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। କଠୋର ପରିଶ୍ରମ ସମସ୍ୟା ସମାଧାନର ମାର୍ଗଦର୍ଶକ ସାଜିବ। ଚନ୍ଦ୍ର ଓ ବୁଧଙ୍କ ଶୁଭସଂସ୍ଥାନ ହେତୁ ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ସଫଳତା ପାଇବେ।

ଆଜି ସେପ୍ଟେମ୍ବର ୧୯ ତାରିଖ, ଆଶ୍ୱିନ କୃଷ୍ଣ ତ୍ରୟୋଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ସକାଳ ଘ. ୦୭।୦୬ ମି. ଗତେ, ମଘା/ସିଂହ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୫।୩୮ ଗତେ, ଘ.୦୬।୨୬ ମଧ୍ୟେ, ଘ.୦୭।୧୪ ଗତେ, ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୦୯ ଗତେ, ଘ.୧୧।୪୦ ମଧ୍ୟେ ରାହୁକାଳ।




# ୬୦ ବର୍ଷୀୟ ସୁଭଦ୍ରା ହିତାଧିକାରୀଙ୍କୁ ମିଳିବ ବାର୍ଦ୍ଧକ୍ୟ ପେନ୍‌ସନ

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)

**▪ ସୁଭଦ୍ରା ଲାଭ ଏଯାଏଁ ପାଇଥିଲେ ବି ସେମାନଙ୍କୁ ଭତ୍ତା ଦିଆଯିବ**

**▪ ବୃଦ୍ଧାବସ୍ଥା, ଅକ୍ଷମତା, ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ, ବିଧବାଙ୍କ କ୍ଷେତ୍ରରେ ଏହା ଲାଗୁ ହେବ**

ସୁଭଦ୍ରା ହିତାଧିକାରୀ ୬୦ ବର୍ଷ ବୟସ ହେବା ପରେ ପେନ୍‌ସନ ପାଇଁ ଆବେଦନ କରିପାରିବେ। ସୁଭଦ୍ରା ଉପରେ ପ୍ରଥମ ରାଜ୍ୟସ୍ତରୀୟ ପରିଚାଳନା ଏବଂ ତଦାରଖ କମିଟି ବୈଠକର ସମୀକ୍ଷା ପରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ଗୁରୁବାର ଏହି ସୂଚନା ପ୍ରଦାନ କରାଯାଇଛି। ଏଥିସହ ମଧୁବାବୁ ପେନ୍‌ସନ ଯୋଜନା (ଏମ୍‌ବିପିୱାଇ) କିମ୍ବା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି)ରେ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କ ପକ୍ଷରୁ ଚିଠି ଜାରି କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ଏନେଇ ମହିଳା ଓ ଶିଶୁ ସୁରକ୍ଷା ବିଭାଗକୁ ଚିଠି ଲେଖାଯାଇଥିବା ସୂଚନା ଦିଆଯାଇଛି । ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ୬୦ ବର୍ଷ ହେବା ପରେ ସୁଭଦ୍ରା ହିତାଧିକାରୀ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଅନ୍ତର୍ଗତ ଯେକୌଣସି ସାମାଜିକ ସୁରକ୍ଷା ପେନ୍‌ସନ ପାଇଁ ଆବେଦନ କରିପାରିବେ। କିନ୍ତୁ ପେନ୍‌ସନ ମଞ୍ଜୁରୀ ସମ୍ପୃକ୍ତ ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବା ଜରୁରୀ। ଏହା ସହ ଏହି ବ୍ୟବସ୍ଥା ଉପଲବ୍ଧତା ଉପରେ ନିର୍ଭରକରିବ। ରାଜ୍ୟ ସରକାର ନିଜର ଆର୍ଥିକ କ୍ଷମତା ଏବଂ ବିକାଶର ସୀମା ମଧ୍ୟରେ ତଥା ପର୍ଯ୍ୟାପ୍ତ ସମ୍ବଳ ଆଧାରରେ ଦୁର୍ବଳ ଜନସଂଖ୍ୟାକୁ ସାମାଜିକ ସୁରକ୍ଷା ପେନ୍‌ସନ ସୁନିଶ୍ଚିତ କରାଇବେ। ବୃଦ୍ଧାବସ୍ଥା, ଅକ୍ଷମତା, ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ, ବିଧବାଙ୍କ କ୍ଷେତ୍ରରେ ଏହା ଲାଗୁହେବ। ଯଦିଓ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀମାନେ ପୂର୍ବରୁ ସରକାରଙ୍କ ଠାରୁ ଲାଭପାଇ ସାରିଛନ୍ତି କିନ୍ତୁ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଏବଂ ଉଭୟ ଅନ୍ତର୍ଗତ ଅପେକ୍ଷାରେ ରହିଥିବା ତାଲିକାଭୁକ୍ତ ଆବେଦନକାରୀ ତଥା ଏପର୍ଯ୍ୟନ୍ତ ଏପରି କୌଣସି ଲାଭ ପାଇ ନ ଥିବା କିମ୍ବା ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କ ତୁଳନାରେ ଅଧିକ ବୟସ୍କ/ଅଧିକ ଆବଶ୍ୟକତା ଥିବା ଆଦେନକାରୀଙ୍କୁ ପ୍ରାଥମିକତା ପ୍ରଦାନ ଦିଆଯିବ। ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଅନ୍ତର୍ଗତ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କୁ ପେନ୍‌ସନ ମଞ୍ଜୁର କରିବା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା/ଛାଡ଼ ଆବଶ୍ୟକତା ନାହିଁ। ତଥାପି ସେମାନେ ନିଜ ଅନୁଯାୟୀ, ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ଏବଂ ଜିଲା ସାମାଜିକ ସୁରକ୍ଷା ଅଧିକାରୀମାନେ ସୁଭଦ୍ରା ହିତାଧିକାରୀଙ୍କୁ ଆବେଦନ କରିବାରେ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରିବେ। ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀ ସିଧାସଳଖ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପିରେ ଆସିବେ ନାହିଁ। ସେମାନଙ୍କୁ ସେଥିପାଇଁ ୬୦ ବର୍ଷ ବୟସ ହେବା ପରେ ଆବେଦନ କରିବାକୁ ପଡ଼ିବ। ପ୍ରଥମେ ଅଧିକ ବୟସ୍କ/ଦୁର୍ବଳ ଏବଂ ଅପେକ୍ଷା ତାଲିକାରେ ଥିବା ଲୋକଙ୍କୁ ପ୍ରାଥମିକତା ମିଳିବ ବୋଲି ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

# ସୁନା ଚୋରି ପ୍ରସଙ୍ଗ ଉଠାଇଲା କଂଗ୍ରେସ

ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)

**ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ କାଡାମ**

ବିଧାନସଭାର ବଜେଟ ଅଧିବେଶନ ସମୟରେ କଂଗ୍ରେସ ସଦସ୍ୟଙ୍କ ଚୋରି ଜିନିଷକୁ ଉଦ୍ଧାର କରିବା ପାଇଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗୁରୁବାର ମଧ୍ୟାହ୍ନରେ କାଡାମ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ସଚିବଙ୍କୁ ଏକ ଚିଠି ପ୍ରଦାନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଗତ ଅଧିବେଶନକାଳରେ ନାରୀ ନିର୍ଯାତନା ନେଇ କଂଗ୍ରେସ ବିଧାୟକମାନେ ଗୃହ ତଦନ୍ତ କମିଟି ଗଠନ ଦାବି କରିବା ଯୋଗୁ ବିଧାନସଭାରୁ ନିଲମ୍ବିତ ହୋଇଥିଲେ। ସେତେବେଳେ ବାଚସ୍ପତିଙ୍କ ଏହି ନିର୍ଦ୍ଦେଶ ଅଗଣତାନ୍ତ୍ରିକ ବୋଲି କହି କଂଗ୍ରେସ ସଦସ୍ୟମାନେ ନାରାବାଜି କରିଥିଲେ। ଏହା ପରଦିନ ମାର୍ଚ୍ଚ ୨୬ରେ ବିଧାନସଭା ଗୃହ ମଧ୍ୟକୁ ସଦସ୍ୟମାନେ ପ୍ରବେଶ କରିବାବେଳେ ବିଧାନସଭାର ସୁରକ୍ଷା କର୍ମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେହି ସମୟରେ କିଛି ଅସାମାଜିକ ତତ୍ତ୍ୱ ବିଧାୟକମାନଙ୍କ ଘଣ୍ଟା, ସୁନା ଚେନ ଓ ବ୍ୟାଗରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ପ୍ୟାଣ୍ଟ ଶାର୍ଟ ମଧ୍ୟ ଚୋରି କରିନେଇଥିଲେ। ଉକ୍ତ ଜିନିଷକୁ ତୁରନ୍ତ ଉଦ୍ଧାର କରି ଫେରାଇବାକୁ ବାଚସ୍ପତିଙ୍କୁ ପତ୍ର ଲେଖିଛି ବୋଲି କାଡାମ କହିଛନ୍ତି।

# ପ୍ରାଚୀନ ଦୁର୍ଗାମେଢ଼କୁ ଅନୁଦାନ ଦେବେ ରାଜ୍ୟ ସରକାର

ଭୁବନେଶ୍ୱର, ୧୮।୯(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଧାର୍ମିକ ଭାବଧାରାକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ଆଉଏକ ନିଷ୍ପତ୍ତି ନେଇଛନ୍ତି। ଏବେ ପ୍ରାଚୀନ ଦୁର୍ଗାମେଢ଼କୁ ସରକାର ଦେବେ ଆର୍ଥିକ ଅନୁଦାନ। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ହୋଇଛି। ଏନେଇ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି। ପ୍ରତ୍ୟେକ ଜିଲାରେ ମେଢ଼ଗୁଡ଼ିକର ବର୍ଷ ଅନୁସାରେ ବିବରଣୀ ପ୍ରସ୍ତୁତ କରାଯିବ। ଆଗାମୀ ୨ ଦିନ ଭିତରେ ଏହାର ତାଲିକା କରାଯିବ। ଏଥିପାଇଁ ରହିଥିବା ଫର୍ମରେ ଜିଲା ହିସାବରେ ବର୍ଗୀକରଣ କରାଯାଇଛି। ୧୦୦ ବର୍ଷରୁ ଊର୍ଦ୍ଧ୍ୱ ମେଢକୁ 'କ' ବର୍ଗରେ, ୭୫ ବର୍ଷରୁ ଊର୍ଦ୍ଧ୍ୱ ମେଢକୁ 'ଖ' ବର୍ଗରେ ଓ ୫୦ ବର୍ଷରୁ ଊର୍ଦ୍ଧ୍ୱ ମେଢକୁ 'ଗ' ବର୍ଗରେ ସ୍ଥାନ ଦିଆଯାଇଛି। ଯେଉଁ ଜିଲ୍ଲାରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ମେଢ଼ ନ ଥିବ, ସେଠାରେ ସବୁଠାରୁ ୨ଟି ପୁରାତନ ମେଢ଼ର ବିବରଣୀ ଦେବାକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶ ଦେଇଛି।




# ରାଜ୍ୟରେ ସରକାରୀ ମେଡ଼ିକାଲ କଲେଜ ସଂଖ୍ୟା ୧୪କୁ ବୃଦ୍ଧି

ଭୁବନେଶ୍ୱର, ୧୮।୯ (ବନ୍ଦନା ସେଠୀ)

ଓଡ଼ିଶାରେ ମେଡିକାଲ ଶିକ୍ଷା ଓ ତାଲିମ ବିକାଶ ନିମନ୍ତେ ରାଜ୍ୟ ସରକାର ଲଗାତର ପ୍ରଚେଷ୍ଟା କରି ଆସୁଛନ୍ତି। ରାଜ୍ୟରେ ସରକାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସଂଖ୍ୟା ୧୨ରୁ ୧୪କୁ ବୃଦ୍ଧି ପାଇଛି। ଏଥିସହ ବ୍ୟାପକ ନୂଆ ନିଯୁକ୍ତି ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଚଳିତ ବର୍ଷ ଫୁଲବାଣୀଠାରେ ସରକାରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଏବଂ ତାଳଚେରଠାରେ ପବିତ୍ର ମୋହନ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ୨୦୨୪ରେ ଯାଜପୁରଠାରେ ମହାରାଜା ଯଯାତୀ କେଶରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଥିଲା। ଏହାଛଡା ୨ଟି ସ୍ନାତକୋତ୍ତର ମେଡିକାଲ ପ୍ରତିଷ୍ଠାନ ଯଥା ପିଜିଆଇଏମ୍‌ଇଆର୍ ଭୁବନେଶ୍ୱର ଏବଂ ଏଏଚ୍‌ପିଜିଆଇସି କଟକରେ ନୂଆ ପ୍ରଫେସର ନିଯୁକ୍ତି ଦିଆଯାଇଛି। ଏଥିସହ ରାଜ୍ୟର ବିଭିନ୍ନ ଜିଲାରେ ଥିବା ମେଡିକାଲଗୁଡିକରେ ୯୧ଜଣ ଆସୋସିଏଟ୍ ପ୍ରଫେସର (୨୩ଟି ବିଶେଷଜ୍ଞ ବିଭାଗରେ) ଏବଂ ୭ଜଣ ଆସୋସିଏଟ୍ ପ୍ରଫେସର (୬ଟି ସୁପରସ୍ପେଶାଲିଟି ବିଭାଗରେ)ଙ୍କୁ ନିଯୁକ୍ତି ଦେଇଛନ୍ତି। ଏସସିବି ମେଡିକାଲ କଲେଜରେ ୧୫ଜଣ ସ୍ପେଶାଲିଷ୍ଟ ଓ ୪ଜଣ ସୁପର ସ୍ପେଶାଲିଷ୍ଟ, ଏମ୍‌କେସିଜି ବ୍ରହ୍ମପୁରରେ ୧୯ଜଣ ସ୍ପେଶାଲିଷ୍ଟ ଓ ୩ଜଣ ସୁପର ସ୍ପେଶାଲିଷ୍ଟ, ପିଆର୍‌ଏମ୍ ମେଡିକାଲ କଲେଜ ବାରିପଦାରେ ୬ଜଣ, ଏସ୍‌ଏଲ୍‌ଏନ ମେଡିକାଲ କଲେଜ କୋରାପୁଟରେ ୧୦ଜଣ, ଏଫ୍‌ଏମ୍ ମେଡିକାଲ କଲେଜ ବାଲେଶ୍ୱରରେ ୬ଜଣ, ବିବି ମେଡିକାଲ କଲେଜ ବଲାଙ୍ଗୀରରେ ଜଣେ, ଶ୍ରୀ ଜଗନ୍ନାଥ ମେଡ଼ିକାଲ କଲେଜ ପୁରୀରେ ୨ଜଣ, ସରକାରୀ ମେଡିକାଲ କଲେଜ ସୁନ୍ଦରଗଡ଼ରେ ୬ଜଣ, ଡିଡି ମେଡିକାଲ କଲେଜ କେନ୍ଦୁଝରରେ ୫ଜଣ, ଏସ୍‌ଆର୍‌ଏମ ମେଡିକାଲ କଲେଜ ଭବାନୀପାଟଣାରେ ୭ଜଣ, ଏମ୍‌ଜିକେ ମେଡିକାଲ କଲେଜ ଯାଜପୁରରେ ୨ଜଣ, ପିଏମ୍‌ପି ମେଡିକାଲ କଲେଜ ତାଳଚେରରେ ୮ଜଣ, ସରକାରୀ ମେଡିକାଲ କଲେଜ ଫୁଲବାଣୀରେ ୫ଜଣ, ପିଜିଆଇଏମ୍‌ଇଆର୍ କ୍ୟାପିଟାଲ ହସ୍ପିଟାଲରେ ୮ଜଣ ଆସୋସିଏଟ ପ୍ରଫେସରଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି।

ଏହାବାଦ୍ ବିଭିନ୍ନ ମେଡିକାଲ କଲେଜରେ ୩୮ ପ୍ରଫେସର ଏବଂ ୨୭ ଆସୋସିଏଟ ପ୍ରଫେସର ପଦବୀକୁ ବିଭାଗୀୟ ପଦୋନ୍ନତି ମାଧ୍ୟମରେ ପୂରଣ କରାଯାଇଛି। କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନ୍‌ସର ପ୍ରତିଷ୍ଠାନରେ ନୂଆ ୧୦ଜଣ ସୁପର ସ୍ପେଶାଲିଷ୍ଟ ଆସୋସିଏଟ୍ ପ୍ରଫେସର ନିଯୁକ୍ତି ସହ ଶିକ୍ଷା ଓ ଚିକିତ୍ସା ସୁବିଧା ପରିସର ବୃଦ୍ଧି କରାଯାଇଛି। ସେହିପରି ଗୋଟିଏ ପ୍ରଫେସର ଏବଂ ୨ଟି ଆସୋସିଏଟ ପ୍ରଫେସର୍ ପଦବୀକୁ ପଦୋନ୍ନତି ମାଧ୍ୟମରେ ପୂରଣ କରାଯାଇଛି ବୋଲି ବିଭାଗୀୟ ତଥ୍ୟରୁ ଜଣାପଡିଛି।

# ସୀତାରାମ ୟେଚୁରୀ ସାମ୍ପ୍ରଦାୟିକତା ବିରୋଧରେ ସାଲିସ ନ କରି ଲଢ଼ିଥିଲେ




ସୀତାରାମ ୟେଚୁରୀଙ୍କ ୭୪ତମ ଜୟନ୍ତୀ ସ୍ମାରକୀ ବକ୍ତୃତାମାଳାରେ ଉଦ୍‌ବୋଧନ ଦେଉଛନ୍ତି ସିପିଆଇ(ଏମ୍) ନେତା ପ୍ରକାଶ କାରାତ୍।

ଭୁବନେଶ୍ୱର, ୧୮।୯(ବନ୍ଦନା ସେଠୀ)

ବିଶିଷ୍ଟ ସିପିଆଇଏମ୍ ନେତା ସୀତାରାମ ୟେଚୁରୀ ଭାରତର ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ଭାବନାକୁ ମଜବୁତ୍ କରିଥିଲେ। ସେ କେବେ ସାମ୍ପ୍ରଦାୟିକତା ବିରୋଧରେ କୌଣସି ସାଲିସ ନ କରି ଲଢ଼ିଥିଲେ। ୟେଚୁରୀ ତାଙ୍କ ରାଜନୈତିକ ଯାତ୍ରାରେ ସର୍ବଦା ଭାରତୀୟ ସମ୍ବିଧାନର ମୂଳ ନୀତିଗୁଡ଼ିକୁ ତୋଳି ଧରିଥିଲେ ଏବଂ ଏଗୁଡ଼ିକୁ ନଷ୍ଟ କରିବାକୁ ଚେଷ୍ଟା କରୁଥିବା ଶକ୍ତିମାନଙ୍କ ବିରୋଧରେ ଲଢ଼ିଥିଲେ ବୋଲି ସିପିଆଇ(ଏମ୍) ନେତା ପ୍ରକାଶ କାରାତ୍ କହିଛନ୍ତି। ଗୁରୁବାର ବୁଦ୍ଧ ମନ୍ଦିରରେ ଆୟୋଜିତ ସୀତାରାମ ୟେଚୁରୀ ସ୍ମାରକୀ ବକ୍ତୃତା 'ସୀତାରାମ ୟେଚୁରୀ: ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ଭାରତବାସୀଙ୍କ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ କାରାତ୍ ଯୋଗଦେଇ, ୟେଚୁରୀଙ୍କ ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ଲୋକଙ୍କ ମୁକ୍ତିର ମୂଲ୍ୟବୋଧ ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥଲେ। ସର୍ବଦା ଜାତି, ଧର୍ମ, ଭାଷା ଏବଂ ଅଞ୍ଚଳ ନିର୍ବିଶେଷରେ ଲୋକଙ୍କ ଐକ୍ୟକୁ ପ୍ରୋତ୍ସାହିତ କରିଥିଲେ। ଏଥିସହ ସମାଜକୁ ବିଭକ୍ତ କରୁଥିବା ଘୃଣାର ରାଜନୀତିରୁ ସାବଧାନ କରିଥିଲେ। ସେ ଜରୁରୀକାଳରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଏକଛତ୍ରବାଦୀ ପ୍ରବୃତ୍ତି ବିରୋଧରେ ଲଢ଼ିଥିଲେ। ସର୍ବଦା ସାମାଜିକ ନ୍ୟାୟ, ସମାନ ବିକାଶ ଏବଂ ଗରିବଙ୍କ କଲ୍ୟାଣ ପାଇଁ ଏବଂ ଲୋକାଭିମୁଖୀ ଭାରତର ଦୃଷ୍ଟିକୋଣକୁ ତାଙ୍କ ରାଜନୀତିର କେନ୍ଦ୍ରବିନ୍ଦୁ କରିଥିଲେ ବୋଲି କାରାତ୍ ମତ ରଖିଥିଲେ।

ସୀତାରାମ ୟେଚୁରୀ ସ୍ମୃତି କମିଟିର ଅଧ୍ୟକ୍ଷ ଅଳି କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟିର ସୁରେଶ ଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବରିଷ୍ଠ ସିପିଆଇ(ଏମ୍) ନେତା ଜନାର୍ଦ୍ଦନ ପତି, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇଏମ୍‌ଏଲ ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପୁଷ୍ପା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୁଭମିତ୍ରାଙ୍କୁ ନ୍ୟାୟ ଦାବିରେ ମହିଳା କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)

ହତ୍ୟାର ଶିକାର ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ତାଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନିର୍ଦ୍ଦେଶକ୍ରମେ ମହିଳା କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ହାତରେ କ୍ୟାଣ୍ଡେଲ ଧରି କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମୃତକ ଶୁଭମିତ୍ରାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ସହ ଦୋଷୀକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରାଯାଇଥିଲା। ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ନିରୁପମା ପାତ୍ର, ସିଲି ସେଠୀ, ବିଶ୍ୱକଲ୍ୟାଣୀ କର, ଅମିତା ବିଶ୍ୱାଳ, ସୁନୀତା ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ହେଲେ ଏମ୍‌ପି ଭର୍ତ୍ତୃହରି ମହତାବ

କଟକ,୧୮।୯(କାର୍ତ୍ତିକ ସାହୁ)

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଗତ ଅଗଷ୍ଟ ୨୦ରେ ଅନୁଷ୍ଠିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ବୈଠକରେ ଏନେଇ ପ୍ରସ୍ତାବ ଗୃହୀତ ହୋଇଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ଆକ୍ଟ-୨୦୨୪ ର ଧାରା ୯-(୧) ଅନୁଯାୟୀ ଏମ୍‌ପି ମହତାବ ଆଗାମୀ ୩ ବର୍ଷ ଯାଏ ସିନେଟ ସଦସ୍ୟ ଭାବେ ରହିବେ। ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ ପକ୍ଷରୁ ଗୁରୁବାର ଏନେଇ ଏମ୍‌ପି ମହତାବଙ୍କୁ ପତ୍ର ପ୍ରେରଣ କରାଯାଇଥିବା ସୂଚନା ମିଳିଛି।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭା ୫୪ ନଂ ପ୍ରକୋଷ୍ଠରେ ଗୁରୁବାର ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକ।



ନମ୍ର ହେବା ଅର୍ଥ ହେଲା- ମନରେ, ପ୍ରାଣରେ ଏବଂ ଶରୀରରେ ସର୍ବଦା ସଚେତନ ରହିବା ଯେ, ଭଗବାନଙ୍କୁ ଛାଡି କିଛି ଜାଣି ହେବ ନାହିଁ- ନିଜର ଅସ୍ତିତ୍ୱ ପର୍ଯ୍ୟନ୍ତ ରହିବ ନାହିଁ ଓ କିଛି କାର୍ଯ୍ୟ କରିହେବ ନାହିଁ। ଭଗବାନଙ୍କ ବ୍ୟତୀତ ମଣିଷ କେବଳ ଅଜ୍ଞାନ, ଶକ୍ତିହୀନ ଓ ଅବ୍ୟବସ୍ଥିତ। -ଶ୍ରୀମା



# ପଡ଼ୋଶୀରେ ଅସ୍ଥିରତା



ନିରୁପମା ରାଓ

ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ ଦେଖାଯାଉଥିବା ଅସ୍ଥିରତା ଉଭୟ ଭାରତ ଓ ତାହାର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ପାଇଁ ଅଧିକ ବିପଜ୍ଜନକ ହୋଇଛି। ନିକଟରେ ନେପାଳର ହିଂସାତ୍ମକ ବିଦ୍ରୋହରେ ଏହା ପ୍ରତିଫଳିତ ହୋଇଛି। ଭାରତର ପୂର୍ବଭାଗରେ ଥିବା ବାଂଲାଦେଶରେ ୨୦୨୪ରେ ମଧ୍ୟ ସମାନ ପ୍ରକାର ଉତ୍ତେଜନା ପ୍ରକାଶ ପାଇବା ଯୋଗୁ ସେଠାକାର ସରକାର କ୍ଷମତାଚ୍ୟୁତ ହୋଇଥିଲେ। ଏହା ସହ ଦକ୍ଷିଣ-ପୂର୍ବରେ, କୋର୍ଟ ନିର୍ଦ୍ଦେଶରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ହଟାଇ ଦିଆଯିବା ଏବଂ ସୀମାରେ କାମ୍ବୋଡ଼ିଆ ସହ ଏହାର ସଂଘର୍ଷ ଭଳି ଘଟଣା ସାମ୍ନାକୁ ଆସିଛି। ଆର୍ମଡ୍ କନ୍‌ଫ୍ଲିକ୍ଟ ଲୋକେଶନ ଆଣ୍ଡ୍ ଇଭେଣ୍ଟ ଡେଟା ପ୍ରୋଜେକ୍ଟର ତଥ୍ୟ ଅନୁଯାୟୀ, ମ୍ୟାନ୍‌ମାରରେ ଆଙ୍ଗ୍ ସାନ୍ ସୁକିଙ୍କ ଗଣତାନ୍ତ୍ରିକ ସରକାରର ପତନ ଘଟାଇ ମିଲିଟାରି ଶାସନ ପ୍ରତିଷ୍ଠା ହେବା ପରଠାରୁ ଗୃହଯୁଦ୍ଧରେ ୨୦୨୧ରୁ ଏଯାବତ୍ ଅତିକମ୍‌ରେ ୮୦ ହଜାର ଲୋକଙ୍କ ଜୀବନ ଗଲାଣି। ଭାରତର ପଶ୍ଚିମରେ ପାକିସ୍ତାନରେ ଇସ୍‌ଲାମିକ ଉଗ୍ରବାଦୀ ଗୋଷ୍ଠୀ ସକ୍ରିୟ ହେବା ସହ ସେଠାରେ ଅର୍ଥନୀତି ଭୁଶୁଡ଼ି ପଡ଼ିବା ଶାସକୀୟ ପ୍ରଦର୍ଶନରେ ଦୁର୍ବଳତା ଦର୍ଶାଇଛି। ଦକ୍ଷିଣରେ, ଶ୍ରୀଲଙ୍କାରେ ୩ ବର୍ଷ ପୂର୍ବେ ଏହାର ପ୍ରଧାନମନ୍ତ୍ରୀ ବିତାଡ଼ିତ ହେବା ପରେ କିଛିଟା ସ୍ଥିରତା ଆସିଥାଇପାରେ, କିନ୍ତୁ ଏହାର ଅର୍ଥ ବ୍ୟବସ୍ଥାର ପୁନର୍ଗଠନର ସଙ୍କେତ ଦେଖାଯାଇନି। ଏହା ବ୍ୟତୀତ ଭାରତର ଉତ୍ତରରେ, ଆଞ୍ଚଳିକ କ୍ଷେତ୍ରରେ ପ୍ରାଧାନ୍ୟ ବୃଦ୍ଧି ପାଇଁ ଚାଇନାର ଆକାଂକ୍ଷା ଅସ୍ଥିରତାର ଆଉ ଏକ ଉତ୍ସ ବୋଲି କୁହାଯାଇପାରେ।

ବାଂଲାଦେଶରୁ ଆସୁଥିବା ଅଧିକ ଶରଣାର୍ଥୀ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଅଶାନ୍ତ ସ୍ଥିତି ସୃଷ୍ଟି କରୁଛନ୍ତି। ଏହାବ୍ୟତୀତ ପାକିସ୍ତାନ ପ୍ରାୟୋଜିତ ସୀମାପାର ଆତଙ୍କବାଦ ଯୋଗୁ ଚଳିତବର୍ଷ ଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ଏବେ ନେପାଳର ଅସ୍ଥିର ରାଜନୀତି ଚାଇନାକୁ ପୁନର୍ବାର ହସ୍ତକ୍ଷେପ କରିବାର ସୁଯୋଗ ଦେଇଛି। ଏଭଳି ଅସ୍ଥିରତାକୁ ଭାରତ କିଭଳି ଅନୁଧ୍ୟାନ କରି ହ୍ରାସ କରିବ ଏବଂ କିପରି ଆଞ୍ଚଳିକ ସ୍ଥିରତା ଆଣିବ ତାହାହିଁ ବଡ଼ ପ୍ରଶ୍ନ। ଏବେ ନେପାଳରୁ ଆରମ୍ଭ କରିବା। ଏହା ଏକ ମହତ୍ତ୍ୱାକାଂକ୍ଷୀ ସମ୍ବିଧାନ ଦ୍ୱାରା ତିଷ୍ଠି ରହିବାକୁ ସଂଗ୍ରାମ କରିଆସିଛି, ଯାହା ଦୁଇ ଦଶନ୍ଧି ପୂର୍ବେ ଏକ ଦୀର୍ଘ ମାଓ ବିଦ୍ରୋହକୁ ଶେଷ କରିବାକୁ ଗଢ଼ାଯାଇଥିଲା। ନେପାଳର ସରକାରୀ ସଂସ୍ଥାଗୁଡ଼ିକ ଦୁର୍ବଳ ରହିଛନ୍ତି ଓ ବାଧାର ସମ୍ମୁଖୀନ ହେଉଛନ୍ତି ଏବଂ ବିଚ୍ଛିନ୍ନତାବାଦ, ଦୁର୍ନୀତି ତଥା ଏକ ବିଶ୍ୱାସଯୋଗ୍ୟ ବ୍ୟବସ୍ଥା ଆଣିବାରେ ରାଜନୈତିକ ନେତାମାନଙ୍କ ଅକ୍ଷମତା ଯୋଗୁ ସ୍ଥିରତାର ଆଶା ବାରମ୍ବାର ଧୂଳିସାତ୍ ହୋଇଯାଇଛି। ଏହିସବୁ ଗମ୍ଭୀର ତ୍ରୁଟି ଯୋଗୁ ନିକଟରେ ସେଠାରେ ହିଂସା ଉପୁଜିଛି। ନେପାଳ ସହିତ ଆମର ଦୀର୍ଘ ତଥା ଖୋଲା ସୀମା ରହିଛି। ଏଣୁ ସେଠାରୁ ଅତ୍ୟଧିକ ଶରଣାର୍ଥୀ ଆଗମନ ଓ ସୀମାପାର ଅପରାଧର ଆଶଙ୍କା ଅଛି। ତଥାପି ଭାରତ ସହ ଥିବା ଦୃଢ଼ ସାଂସ୍କୃତିକ, ଜାତିଗତ, ଧାର୍ମିକ ଓ ଆର୍ଥିକ ସମ୍ପର୍କ କିଭଳି ନଷ୍ଟ ନ ହେବ, ସେଥିପାଇଁ ନେପାଳ ସରକାର ସବୁବେଳେ ସତର୍କ ରହିବ। ତେବେ ନେପାଳର ଘରୋଇ ରାଜନୀତିରେ ବଢୁଥିବା ଚାଇନାର ପ୍ରଭାବକୁ ଅଣଦେଖା କରାଯିବା ଉଚିତ ନୁହେଁ, ଯାହା ରଣନୀତିକ ଦୃଷ୍ଟିରୁ ଭାରତ ପାଇଁ ଅତ୍ୟନ୍ତ ଚିନ୍ତାର କାରଣ ହେବ। ବାଂଲାଦେଶରେ, ଶେଖ୍ ହାସିନାଙ୍କୁ ବିତାଡ଼ିତ କରାଯିବା ପରଠାରୁ ଏକ ମଧ୍ୟବର୍ତ୍ତିକାଳୀନ ସରକାର ଚାଲିଛି। ହେଲେ ସେଠାରେ ଆଇନଶୃଙ୍ଖଳା ବଜାୟ ରଖିବା କିମ୍ବା ମାନବ ଅଧିକାର ସୁରକ୍ଷା କ୍ଷେତ୍ରରେ ଏହି ସରକାର ବିଫଳ ହୋଇଛି। କିଛି ଦଶନ୍ଧି ପୂର୍ବରୁ ଥିବା ତାହାର ଏକ ସମୃଦ୍ଧ ଅର୍ଥ ବ୍ୟବସ୍ଥା ଏବେ ଘରୋଇ ରାଜନୈତିକ ଅସ୍ଥିରତା ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ମାଡ଼ରେ ଚାପଗ୍ରସ୍ତ ହୋଇପଡ଼ିଛି। ରାଜନୈତିକ ଉତ୍ତେଜନାର ପରିବେଶ ଯୋଗୁ ଦେଶର ସଂଖ୍ୟାଲଘୁମାନେ ଅତ୍ୟଧିକ ଅସୁରକ୍ଷିତ ମଣୁଛନ୍ତି। ତେବେ ସୀମାରେ ପ୍ରବାଶନ ଓ ଆତଙ୍କବାଦ ହେଲେ ଢାକାରେ ବ୍ୟବସ୍ଥିତ ଶାସନ ଦରକାର। କିନ୍ତୁ ଏବକାର ମଧ୍ୟବର୍ତ୍ତିକାଳୀନ ସରକାରଙ୍କ ବିଫଳତାକୁ ଦେଖିଲେ ଭାରତ ପ୍ରତି ଅଧିକ ବିପଦ ରହିଛି ବୋଲି କୁହାଯାଇପାରେ।



ପ୍ରଥମ ଥର ପାଇଁ ଥାଇଲାଣ୍ଡର ବିପର୍ଯ୍ୟୟ ଓ କାମ୍ବୋଡ଼ିଆ ସହ ସୀମା ବିବାଦକୁ ଗୁରୁତ୍ୱ ଦିଆ ନ ଯାଇପାରେ, କିନ୍ତୁ ଭାରତ ତାହାର ଆକ୍ଟ ଇଷ୍ଟ ପଲିସିରେ ଦକ୍ଷିଣ-ପୂର୍ବ ଏସୀୟ ଦେଶ ସଂଗଠନର ୧୦ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଏକ ଗଭୀର ଆର୍ଥିକ ଓ ରଣନୀତିକ ସମ୍ପର୍କ ଯୋଡ଼ିବା ଆରମ୍ଭ କରିଛି। ସେହି ସଂଗଠନରେ କୌଣସି ଅସ୍ଥିରତା ସୃଷ୍ଟିହେଲେ ଏଭଳି ପଦକ୍ଷେପ ବିଗିଡ଼ିଯିବ। ଦୀର୍ଘଦିନରୁ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ଥାଇଲାଣ୍ଡ ଏକ ସମ୍ପର୍କର ସେତୁ ଭାବେ ରହିଆସିଛି। ଯଦି ଏହାର ବ୍ୟବସ୍ଥା ଦୁର୍ବଳ ହୋଇଯାଏ ଏବଂ କାମ୍ବୋଡ଼ିଆ ସହ ସୀମା ଉତ୍ତେଜନା ବୃଦ୍ଧିପାଏ, ତେବେ ଭାରତର ଏକ ପରସ୍ପର ସମ୍ବନ୍ଧିତ ତଥା ସୁରକ୍ଷିତ ପ୍ରଶାନ୍ତ ମହାସାଗରୀୟ କରିଡର ସମ୍ଭବ ହୋଇପାରିବ ନାହିଁ।

ପାକିସ୍ତାନରେ ଦୀର୍ଘ ସମୟରୁ ସମସ୍ୟା ଲାଗି ରହିଛି। ୨୦୨୨ରେ ମିଲିଟାରି ସମର୍ଥନରେ ଇମ୍ରାନ୍ ଖାନ୍‌ଙ୍କ ନିର୍ବାଚିତ ସରକାରକୁ ବିଦା କରାଯିବା ପରେ ଦେଶର ସିଭିଲିଆନ୍ ଅଥରିଟିଗୁଡ଼ିକୁ ଲଗାତର ଅଣଦେଖା କରାଯାଇଆସୁଛି। ରକ୍ତାକ୍ତ ରାଜନୀତିରେ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ସକ୍ରିୟ ହୋଇଯାଇଛନ୍ତି ଏବଂ ପାକିସ୍ତାନର ଦୁର୍ବଳ ଅର୍ଥ ବ୍ୟବସ୍ଥା ଏହାର ଗତିଶୀଳତାକୁ ଆହୁରି ବଢ଼ାଇଦେଇଛି। ଭାରତର ଦୃଷ୍ଟିକୋଣକୁ ଦେଖିଲେ ଏହାର ଆଭ୍ୟନ୍ତରୀଣ ସମସ୍ୟାଠାରୁ ପାକିସ୍ତାନର ସମସ୍ୟାଗୁଡ଼ିକ ଅଧିକ ଗୁରୁତ୍ୱ ରଖେ, କାରଣ ସେମାନେ ନିୟମିତ ଭାବେ କଶ୍ମୀରରେ ଲାଇନ୍ ଅଫ୍ କଣ୍ଟ୍ରୋଲ(ଏଲ୍‌ଓସି)ରେ ଅଧିକ ବିପଦ ସୃଷ୍ଟି କରିବା ସହ ଆତଙ୍କବାଦକୁ ପ୍ରୋତ୍ସାହିତ କରି ଆଞ୍ଚଳିକ ଶାନ୍ତିର ଆଶାକୁ ଭାଙ୍ଗି ଦେଉଛନ୍ତି। କେବଳ ଏତିକି ନୁହେଁ, ସେମାନେ ଆଣବିକ ବିପର୍ଯ୍ୟୟର ସଙ୍କଟ ସୃଷ୍ଟି କରୁଛନ୍ତି। ପାକିସ୍ତାନ- ଚାଇନାର ସମ୍ପର୍କ ବର୍ତ୍ତମାନର ସ୍ଥିତିକୁ ଆହୁରି ଜଟିଳ କରିଦେଇଛି।

ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ଗଣତନ୍ତ୍ରର ଅଧୋଗତି ହେବା ଲକ୍ଷ୍ୟ କରାଯାଉଛି। ସମ୍ବିଧାନର ପୁନର୍ଲିଖନ ହେଉଛି ଓ ନ୍ୟାୟାଳୟଗୁଡ଼ିକର ରାଜନୀତିକରଣ କରାଯାଉଛି। ଦୁର୍ବଳତାକୁ ଦେଖି ଅନେକ ସେନାଧ୍ୟକ୍ଷ ଖୋଲାଖୋଲି ଭାବେ ଗଣତନ୍ତ୍ରରେ ବାଧା ସୃଷ୍ଟି କରିବା ସହ ରାଜନେତାଙ୍କୁ ଜେଲ୍‌ରେ ରଖୁଛନ୍ତି କିମ୍ବା ନିର୍ବାସିତ କରୁଛନ୍ତି। ଏହି ଧାରାକୁ ପ୍ରତିହତ କରିବା ପାଇଁ ବିଶ୍ୱର ବୃହତ୍ ଗଣତାନ୍ତ୍ରିକ ଦେଶ ଭାରତ ପାଇଁ ଏକ ଅଧିକ ଦୃଢ଼ ଆଞ୍ଚଳିକ ରଣନୀତି ଆପଣାଇବାକୁ ପଡ଼ିବ। ଅବଶ୍ୟ ପାକିସ୍ତାନ ବ୍ୟତୀତ ଅଧିକାଂଶ ଦକ୍ଷିଣ ଏସିଆ ଦେଶ ଯେତେବେଳେ ସଙ୍କଟର ସମ୍ମୁଖୀନ ହୁଅନ୍ତି, ସେତେବେଳେ ଭାରତ ପ୍ରଥମେ ପଦକ୍ଷେପ ନେଇଥାଏ। କିନ୍ତୁ ଭାରତର ପଡ଼ୋଶୀମାନେ ଏହାର ସାହାଯ୍ୟ ଦରକାର ନାହିଁ ବୋଲି ଭାବି ସେମାନଙ୍କ ସୁରକ୍ଷା ବିଷୟକୁ ଅଣଦେଖା କରୁଛନ୍ତି। ତେବେ ଭାରତର ପଡ଼ୋଶୀ ଦେଶଗୁଡ଼ିକ ଅଧିକ ବିପଜ୍ଜନକ ସ୍ଥିତିରେ ନ ଥିଲେ ମଧ୍ୟ ବିଶ୍ୱର ଅନେକ ଦେଶ ଏହାକୁ ଅଧିକ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଉଛନ୍ତି। ଏହି ଅଞ୍ଚଳରେ ଟ୍ରମ୍ପଙ୍କ ଏକଚାଟିଆ ନୀତିକୁ ଛୋଟ ଦେଶଗୁଡ଼ିକ ପ୍ରତ୍ୟାଖ୍ୟାନ କରୁଛନ୍ତି। ଜାପାନ ଓ ଦକ୍ଷିଣ କୋରିଆ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ହେବାକୁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ଯାହାକୁ ନେଇ ବିତର୍କ ଚାଲିଛି।

ଝଡ଼ ସାମ୍ନାରେ ଭାରତ ମଜଭୁତ ଭାବେ ଠିଆ ହୋଇଥିଲେ ମଧ୍ୟ ଆଞ୍ଚଳିକ ଓ ଟ୍ରମ୍ପଙ୍କ ପ୍ରେରିତ ଅସ୍ଥିରତା ଯୋଗୁ ଦେଶର ଗୁରୁତ୍ୱପୂର୍ଣ୍ଣ ରଣନୀତିକ ସ୍ୱାଧୀନତା ବଜାୟ ରଖିବା କଷ୍ଟକର ହୋଇପଡୁଛି। ଏବେ ଆମେରିକା ସହ ସମ୍ପର୍କ ଦୃଢ଼ କରିବାର ସମୟ ନୁହେଁ, ବରଂ ଆମେରିକାର ନୀତିରେ ହଠାତ୍ ହୋଇଥିବା ପରିବର୍ତ୍ତନକୁ ବିରୋଧ କରାଯିବା ସହ ରଣନୀତିକ, ପ୍ରଯୁକ୍ତିଗତ ତଥା ଆର୍ଥିକ କ୍ଷେତ୍ରରେ ଆଞ୍ଚଳିକ ଭାଗୀଦାରି ଜାରି ରଖିବାକୁ ପଡ଼ିବ। ଦକ୍ଷିଣ ଏସିଆରେ ଭାରତ ତାହାର ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁନାହିଁ। ବରଂ ଏହାର ଲକ୍ଷ୍ୟ ହେଉଛି ଏକ ସମ୍ମିଳିତ, ନିୟମ ଆଧାରିତ ଏବଂ ପରସ୍ପର ସମ୍ବନ୍ଧିତ ଆଞ୍ଚଳିକ କ୍ଷେତ୍ର ଗଢ଼ିବା, ଯଦ୍ଦ୍ୱାରା ବାରମ୍ବାର ଦେଖାଯାଉଥିବା ସଙ୍କଟର ଏକ ଇତିହାସରେ ପରିବର୍ତ୍ତନ ଆସିବା ଓ ଭବିଷ୍ୟତରେ ଏକ ସ୍ଥାୟୀ ସ୍ଥିରତା ପ୍ରତିଷ୍ଠା ହୋଇପାରିବ।

**ଭାରତର ପୂର୍ବତନ ବୈଦେଶିକ ସଚିବ**

## ଏଇ ଭାରତରେ

ରାଜସ୍ଥାନର ୱାଇଲ୍ଡ ଲାଇଫ ଫଟୋଗ୍ରାଫର ଶ୍ରବଣ ପଟେଲ ତଳ ଛାପରା ସଂରକ୍ଷିତ ଜଙ୍ଗଲର ପ୍ରାଣୀଙ୍କ ପାଇଁ ଛୋଟ ଜଳାଶୟ ନିର୍ମାଣ କରୁଛନ୍ତି। ଫଳରେ ଜଙ୍ଗଲୀ ପ୍ରାଣୀମାନେ ସବୁ ସମୟରେ ପାଣି ପିଇପାରୁଛନ୍ତି। ୨୦୨୨ରେ ବନ୍ୟପ୍ରାଣୀଙ୍କ ଫଟୋ ଉଠାଇବା ପାଇଁ ସେହି ସଂରକ୍ଷିତ ଜଙ୍ଗଲକୁ ଯାଇଥିବାବେଳେ ସେଠାରେ ଜଳାଭାବ ସ୍ଥିତିକୁ ଲକ୍ଷ୍ୟ କରି ସେ ଜଳାଶୟ ନିର୍ମାଣ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ୧୩୦ଟି ପୋଖରୀ କରିସାରିଲେଣି। ଏଭଳି ପୋଖରୀକୁ ସ୍ଥାନୀୟ ଅଞ୍ଚଳରେ ଖୈଲି କୁହାଯାଏ। ପ୍ରତ୍ୟେକଟି ପାଇଁ ୩୦,୦୦୦ରୁ ୪୦,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ସେ ପ୍ରଥମେ ଗୋଟିଏ ପୋଖରୀ କରି ତାହାକୁ ସୋସିଆଲ ମିଡ଼ିଆରେ ଶେୟାର କରିବା ପରେ ଏହାକୁ ଅନେକ ସମର୍ଥନ କରିଥିଲେ। ପରେ ସେ 'ୱାନ ରୁପି ପର୍ ଡେ ଫର୍ ୱାଲ୍ଡ ଲାଇଫ କଞ୍ଜରଭେସନ' ହ୍ୱାଟ୍ସଆପ ଗ୍ରୁପ ଖୋଲିଥିଲେ। ଏବେ ଏଥିରେ ୧୦୦୦ ସଭ୍ୟ ଯୋଡ଼ି ହୋଇଛନ୍ତି ଓ ବର୍ଷକୁ ୩୬୫ ଟଙ୍କା ଦେଉଛନ୍ତି। ଏହା ବ୍ୟତୀତ ଅନ୍ୟ ଉତ୍ସରୁ ମଧ୍ୟ ଅନୁଦାନ ଆକାରରେ ଅର୍ଥ ମିଳୁଛି। ଏହି ଟଙ୍କାରେ ଶ୍ରବଣ ଓ ତାଙ୍କ ଟିମ୍ ଶତାଧିକ ଛୋଟ ଜଳାଶୟ ନିର୍ମାଣ କରିବାକୁ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ସେପ୍ଟେମ୍ବର ୧୯୭୬

- ବିଶ୍ୱ ଚା'ବାଣିଜ୍ୟର ଶତକଡ଼ା ୭୫ ଭାଗ ବହନ କରୁଥିବା ଭାରତ ସମେତ ଅନ୍ୟ ୧୫ଟି ରାଷ୍ଟ୍ର ଏହି ବାଣିଜ୍ୟ କାରବାର ବୃଦ୍ଧି ନିମନ୍ତେ ଏକ ସଂଘ ପ୍ରତିଷ୍ଠା ପାଇଁ ରାଜି ହୋଇଛନ୍ତି।
- ମାଟିକଠାରେ ଥିବା ଏକ କୋଇଲା ଖଣି ଭୁଶୁଡ଼ି ପଡ଼ିବା ଫଳରେ ୧୭୦ ଜଣ ଖଣି ଶ୍ରମିକଙ୍କ ମୃତ୍ୟୁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 9 | | | | | | |
| 7 | | | | | | | | |
| 1 | | | | 5 | | 8 | | 4 |
| | | | 7 | 4 | | | 1 | |
| 2 | 6 | | | | | | | |
| | | | 1 | 3 | | | | 2 |
| 6 | | | 4 | | | 1 | | |
| | 5 | | | 2 | | | 3 | 6 |
| | | | | 7 | | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 3 | 9 | 2 | 5 | 4 | 6 | 8 |
| 9 | 4 | 6 | 8 | 7 | 1 | 3 | 2 | 5 |
| 2 | 5 | 8 | 3 | 6 | 4 | 7 | 1 | 9 |
| 7 | 1 | 5 | 4 | 9 | 2 | 6 | 8 | 3 |
| 8 | 2 | 4 | 1 | 3 | 6 | 9 | 5 | 7 |
| 6 | 3 | 9 | 5 | 8 | 7 | 1 | 4 | 2 |
| 4 | 8 | 7 | 6 | 5 | 3 | 2 | 9 | 1 |
| 5 | 6 | 2 | 7 | 1 | 9 | 8 | 3 | 4 |
| 3 | 9 | 1 | 2 | 4 | 8 | 5 | 7 | 6 |

ଗତକାଲିର ଉତ୍ତର

# ଏ ଭାଗ ସରିବ ତ




ଡ. ସତ୍ୟନାରାୟଣ ମିଶ୍ର

ଧରାପୃଷ୍ଠରେ ମଣିଷ ପ୍ରଥମେ ଯେତେବେଳେ କେବଳ ଖାଦ୍ୟ ଅନ୍ୱେଷଣ କରୁଥିଲା, ସେତେବେଳେ କେବଳ ତାହାକୁ ଭାଗ କରୁଥିଲା ଓ ସେଥିରେ ଉପଯୁକ୍ତ ଭାଗ ହୋଇନଥିଲେ ମଧ୍ୟ କାହାର ଆପତ୍ତି ନ ଥିଲା। ମାତ୍ର ସମୟକ୍ରମେ ଯେତେବେଳେ ମଣିଷର କ୍ରମବିକାଶ ହେଲା, ସେତେବେଳେ ସେ ଭାଗ ଅଧିକାର ଓ ଦାବିକୁ ପ୍ରଥମେ ଏକ ପ୍ରମୁଖ ସମ୍ପତ୍ତି ଭାବରେ ନିର୍ଣ୍ଣୟକଲା। ତେଣୁ ଭାଗ ବା ଦାବି ଅଧିକାର ଧୀରେ ଧୀରେ ବ୍ୟକ୍ତିଠାରୁ ସମାଜ ଓ ତତ୍ପରେ ରାଜ୍ୟ ତଥା ଦେଶ ମଧ୍ୟରେ ବିସ୍ତାରିତ ହେଲା। ଉକ୍ତ ଭାଗ ବା ଅଧିକାର ଦାବିର କ୍ଷୁଣ୍ଣ ହେଲେ ସେଥିପାଇଁ ନ୍ୟାୟାଳୟ ମଧ୍ୟ ବିଚାରକରିବା ପାଇଁ ଗଠନହୋଇ ନ୍ୟାୟ ପ୍ରଦାନକଲା। ତେବେ ବ୍ୟକ୍ତିଗତ ଭାଗରେ ତ୍ରୁଟି ହେଲେ ମଣିଷ ନିଜ ନିଜ ମଧ୍ୟରେ ସଂଶୋଧନ କରିଥାନ୍ତି। ମାତ୍ର ଅନେକ ସମୟରେ ସମାଜ ଉକ୍ତ ଭାଗ ଦ୍ୱାରା ଆକ୍ରାନ୍ତ ଓ ଜର୍ଜରିତ ହୋଇ ଜୀବନ ଦୁର୍ବିଷହ ହୋଇପଡୁଛି ପରିମାଣର ଅଂଶୀଦାରକୁ ଆଧାରକରି। ମଣିଷ ସମ୍ପ୍ରତି ପ୍ରାୟ ସମସ୍ତ ବ୍ୟବସ୍ଥାରେ ନିଜର ଭାଗକୁ ସାବ୍ୟସ୍ତ କରିବା ପାଇଁ ଲଢ଼େଇ କରୁଛି।

ବର୍ତ୍ତମାନର ସମାଜରେ ଏକ ବିଡ଼ମ୍ବନା ପରିଲକ୍ଷିତ ହୁଏ ଯେ ମଣିଷ କର୍ତ୍ତବ୍ୟ ପ୍ରତି ଯେତିକି ଯତ୍ନଶୀଳ ନୁହେଁ, ତା'ଠାରୁ ଅନେକ ଗୁଣରୁ ଅଧିକ ନିଜର ଅଧିକାର ବା ଭାଗକୁ ସାବ୍ୟସ୍ତ କରିବାରେ ବ୍ୟସ୍ତ। ଆମେ ଯଦି ଆମର ସଂସ୍କୃତି ପରମ୍ପରା ବା ପୁରାଣ ଗ୍ରନ୍ଥକୁ ଅବଲୋକନ କରିବା ତେବେ ସେଥିରୁ ଅନେକ କିଛି ଶିକ୍ଷା କରିବା, କାରଣ ଅତୀତ ସବୁବେଳେ ଶିକ୍ଷା ଦେଇଥାଏ କେଉଁଟା କରିବା ଉଚିତ ବା କେଉଁଟା କରିବା ଅନୁଚିତ। ମଣିଷ ଶରୀରରେ ଯେଉଁ ବିବେକ ଥାଏ ତାହା ହେଉଛି ଉକ୍ତ କରଣୀୟ ଓ ଅକରଣୀୟର ସିଦ୍ଧାନ୍ତକର୍ତ୍ତା। ତେଣୁ ସେ ଦୃଷ୍ଟିରୁ ବିଚାରକଲେ ଦୃଶ୍ୟମାନ ହୋଇଥାଏ ଯେ ଆଜି ପ୍ରତ୍ୟେକ ସମାଜରେ ମହାଭାରତ ଏକ ଉଦାହରଣ ହୋଇ ଶିକ୍ଷା ପ୍ରଦାନ କରିଥାଏ। ସେଥିରୁ ଗୋଟିଏ ଶିକ୍ଷା ସର୍ବାଗ୍ରେ ରହେ ଯେ ମହାଭାରତର ଉତ୍ପତ୍ତି ହୋଇଥାଏ କେବଳ ଭାଗର କଳଙ୍କିତ ଦୃଷ୍ଟିକୋଣରୁ। ଏଠାରେ କେବଳ ପାର୍ଥିବ ବସ୍ତୁର ଇନ୍ଦ୍ରିୟ ଲୋଭ ଓ ଜିଦ୍ ତଥା ଅହଙ୍କାର ପାଇଁ ଭାଗର ଆବିର୍ଭାବ ଓ ପରିଣାମ ହୋଇଥିଲା ଧ୍ୱଂସର ଇତିହାସ। ମାତ୍ର ରାମାୟଣର ତ୍ୟାଗ ଓ ସମର୍ପଣକୁ ମଣିଷ ନିଜର ଦୈନନ୍ଦିନ ଜୀବନ ଚର୍ଚ୍ଚାରେ କାର୍ଯ୍ୟକାରୀ ନ କରି ସେହି ଭାଗର ଅଦୃଶ୍ୟ ଛାଇ ପଛରେ ଏବେ ଧାବମାନ।

ଭାରତ ସ୍ୱାଧୀନ ହେବା ପରେ ଦୁଇ ଭାଗ ହୋଇଗଲା। ସମ୍ପ୍ରତି ସମାଜରେ ଧର୍ମର ମଧ୍ୟ ଭାଗ ହୋଇ ସାମ୍ପ୍ରଦାୟିକ ହିଂସାରେ ମଣିଷ ଆତଯାତ ହେଉଛି। ଏପରିକି ଗୋଟିଏ ଧର୍ମରେ ମଧ୍ୟ ଅନେକ ଭାଗହୋଇ ଧାର୍ମିକ ଦୃଷ୍ଟିକୋଣକୁ ଅଧିକ ଆଘାତ ଦେଉଛି। ସ୍ୱାଧୀନତା ପରେ ସାମ୍ବିଧାନିକ ବିଧି ବ୍ୟବସ୍ଥା ମଧ୍ୟରେ ଯେତେବେଳେ ମଣିଷ ପାରିବାରିକ ସମ୍ପତ୍ତିର ଅଧିକାର ପାଇବାରେ ସାମର୍ଥ୍ୟ ପାଇଲା, ତତ୍ପରେ ପାରିବାରିକ ସମ୍ପର୍କରେ ଅନେକ ହିଂସା ବୃଦ୍ଧି ହେବାରେ ଲାଗିଲା, ତାହା ସମ୍ପତ୍ତିର ଭାଗ ପାଇଁ। ଏପରିକି ଭାଇ-ଭାଇ, ଭାଇ-ଭଉଣୀ ଓ ଅନ୍ୟ ସମ୍ପର୍କୀୟମାନଙ୍କ ମଧ୍ୟରେ ଭାଗକୁ କେନ୍ଦ୍ରକରି ସମ୍ପର୍କର ପୂର୍ଣ୍ଣଚ୍ଛେଦ ପଡ଼ିଲା। ତେଣୁ ଏଠାରେ ଭାଗ ଏକ ସହଯୋଗର ସରଳରେଖା ପରିବର୍ତ୍ତେ ସମ୍ପର୍କରେ ଏକ ପାଚେରି ଦଣ୍ଡାୟମାନ କରିଥାଏ। ଭାରତ-ପାକିସ୍ତାନ ସୀମା ଭାଗକୁ ନେଇ ଅମାନବୀୟ ଘଟଣା ଘଟୁଛି ଏବଂ ସେଥିରୁ ପ୍ରତୀୟମାନ ହୁଏ ଯେ ସମାଜରେ ଭାଗ କ'ଣ ଏତେ ଜରୁରୀ, ଯାହା ପାଇଁ ବ୍ୟକ୍ତି ସମାଜର ଅମୂଲ୍ୟ ସମ୍ପଦ କେତେ ଧନ ଜୀବନ ନଷ୍ଟ ହେଉଛି। ସେଥିପାଇଁ ମହାତ୍ମା ଗାନ୍ଧୀ ଭାରତ ଓ ପାକିସ୍ତାନର ବିଭାଜନକୁ ରୋକିବାକୁ ସକ୍ରିୟ ଭାବରେ ଚେଷ୍ଟା କରିଥିଲେ ଯେଉଁଥିରେ ସେ ଫଳପ୍ରସୂ ହୋଇପାରି ନ ଥିଲେ। ଭାରତ ପାକିସ୍ତାନ ଭାଗ ହୋଇଗଲା ଓ ପରବର୍ତ୍ତୀ ସମୟରେ ପୁଣି ବାଂଲାଦେଶ ଭାଗହୋଇ ଭୌଗୋଳିକ ଇତିହାସ ପରିବର୍ତ୍ତନ ହେଲା। ଦେଶକୁ ଧାର୍ମିକ ଦୃଷ୍ଟିକୋଣରେ ଭାଗ କରିବାର ଧାରଣାକୁ ଗାନ୍ଧୀ ପ୍ରତ୍ୟାଖ୍ୟାନ ଓ ବିରୋଧ ମଧ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଭାଗ ହେତୁ ସଂଘର୍ଷ, ହିଂସା ହେଉଥିବା ସ୍ଥାନକୁ ଯାଇ ତାହାର ନିରାକରଣ କରିବା ସହ ଉପବାସ ମାଧ୍ୟମରେ ଶାନ୍ତି ଫେରାଇ ଆଣିବାକୁ ସେ ଚେଷ୍ଟା କରିଥିଲେ।



ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବର୍ତ୍ତମାନ ଅନେକ ବ୍ୟକ୍ତି ରାଜନୀତିର ଆଧାର ମଧ୍ୟରେ ଭାଗ ପାଇଁ ନିମଜ୍ଜିତ ରହୁଛନ୍ତି। ଦେଶ ମଧ୍ୟରେ ଅନେକ ଗୋଷ୍ଠୀ ଆବିର୍ଭାବ ହୋଇ ଭିନ୍ନ ରାଜ୍ୟ, ଦେଶ, ଜିଲା ଇତ୍ୟାଦି କରି ଗଣତନ୍ତ୍ରରେ ଭାଗକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିବାରେ ବ୍ୟସ୍ତ। ସମ୍ପ୍ରତି ସମଗ୍ର ଦେଶରେ ଏକ ସ୍ୱର୍ଶକାତର ତଥା ରୋମାଞ୍ଚକର ସ୍ଥିତି ଜାଗ୍ରତ ହୋଇଛି, ତାହା ହେଉଛି ଜନନାୟକ ବା ମହାପୁରୁଷ ମାନଙ୍କୁ ଭାଗ କରିବା। ବର୍ତ୍ତମାନ ପ୍ରତିଷ୍ଠା, ସମର୍ଥନ, ସହାନୁଭୂତି ଆଦି ପାଇଁ ଦେଶ ବା ରାଜ୍ୟର ବିଶିଷ୍ଟ ମହାପୁରୁଷଙ୍କୁ ନେଇ ଭାଗକରିବା ଏକ ପରିତାପର ବିଷୟ। ଗୋଟିଏ ରାଜନୈତିକ ଦଳ ବା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଯଦି ଜଣେ ସୁନାମଧନ୍ୟ ମହାପୁରୁଷଙ୍କ ଜନ୍ମବାର୍ଷିକୀ ବା ମହାପ୍ରୟାଣକୁ ମାନ୍ୟତା ଦେଇ କିଛି ସାମାଜିକ କାର୍ଯ୍ୟକ୍ରମ କରେ ତେବେ ଅନ୍ୟ ଏକ ରାଜନୈତିକ ଦଳ ବା ସାମାଜିକ ଗୋଷ୍ଠୀ ଅନ୍ୟ ଏକ ମହାପୁରୁଷଙ୍କ ଜନ୍ମ ବା ମହାପ୍ରୟାଣ ଦିନକୁ ଭିନ୍ନ ଶୈଳୀରେ ପାଳନ କରିଥାନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ବିଭିନ୍ନ ପରିସ୍ଥିତିରେ ମହାପୁରୁଷଙ୍କ ନାମରେ ଅନେକ ଯୋଜନା କାର୍ଯ୍ୟକାରୀ ହୁଏ ଓ ସମୟକ୍ରମେ ତାହା ବନ୍ଦ ହୋଇ ପୁଣି ଅନ୍ୟ ଜଣେ ମହାପୁରୁଷଙ୍କ ନାମରେ ନାମିତ ହୋଇଯାଏ। ମହାପୁରୁଷମାନଙ୍କୁ ମଧ୍ୟ ଏ ସମାଜ ଭାଗ କରିଚାଲିଛି। ଅନେକ ସମୟରେ କେତେଜଣ ବ୍ୟକ୍ତି ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଅପମାନକରି ଭାଙ୍ଗି ଦେଇଥାନ୍ତି, ଯାହା ଏ ସମାଜ ପାଇଁ ଏକ ନିନ୍ଦନୀୟ ଘଟଣା ହୋଇଥାଏ। ଅତଏବ ଏହା ଏକ ସୁସ୍ଥ ମାନସିକତା ଓ ବ୍ୟବସ୍ଥା ହୋଇ ନ ପାରେ, ଯେଉଁଥିରେ ଉକ୍ତ ଜାତିର ଏବଂ ସମାଜର ସଂସ୍କାର ଓ ସଂସ୍କୃତି ଭୂଲୁଣ୍ଠିତ ହୋଇଥାଏ। ଏ ସମାଜ ଏଭଳି ଭାଗ ମନୋବୃତ୍ତି ଓ ଚିନ୍ତାଧାରାରୁ କ୍ଷାନ୍ତ ହେବା ଏକାନ୍ତ ଆବଶ୍ୟକ। ଅନ୍ୟଥା ମଣିଷ ଭାଗ କରିକରି ଚାଲିଥିବ ଓ ଯେତେବେଳେ ଭାଜ୍ୟ, ଭାଜକ ଓ ଭାଗଫଳ ଉପଯୁକ୍ତ ସ୍ଥାନରେ ଅବସ୍ଥିତ ହୋଇଯିବେ ସେତେବେଳେ ମଣିଷ ନିକଟରେ ଭାଗଫଳ ଥିବ କେବଳ ଶୂନ। ଅତଏବ ଏ ଭାଗ ସରିବ ତ ?

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମଧୁସୂଦନନଗର , ଭୁବନେଶ୍ୱର**
**ମୋ:୯୯୩୭୩୪୫୯୦୦**

# ଅପରିବର୍ତ୍ତିତ ଭ୍ରଷ୍ଟାଚାର ସ୍ୱର



ସଚ୍ଚିଦାନନ୍ଦ ଦାଶ

ଓଡ଼ିଆରେ ଏକ ପ୍ରବାଦ ଅଛି, 'ଯେତେ ମାଠିବୁ ମାଠେ, ମୁଁ ସେଇ ଦରପୋଡ଼ା କାଠେ।' ଏହି ପ୍ରବାଦର ଆଉ ଏ ଅନୁରୂପ ପ୍ରବାଦ ଉଲ୍ଲେଖ କରାଯାଇପାରେ ଯଥା - ''ଅଙ୍ଗାର ଶତ ଧୌତେନଂ, ମଳିନଂ ନ ଜାୟତେ'' ଅର୍ଥାତ୍ ଅଙ୍ଗାରକୁ ଯେତେ ଧୋଇଲେ ମଧ୍ୟ ତା' ଠାରୁ କଳା ମଇଳା ଅଂଶ କେବେହେଲେ ଛାଡ଼ି ଯିବନାହିଁ। ପ୍ରବାଦ ଦୁଇଟିର ମାଧ୍ୟମରେ ଅବଗତ କହିବାର ଉଦ୍ଦେଶ୍ୟ ହେଉଛି , ଆଜିର ଏଇ କଳୁଷିତ ସମାଜରେ କିପରି ଅପରିବର୍ତ୍ତିତ ଭ୍ରଷ୍ଟାଚାର ତଥା ଜଘନ୍ୟ ଓ ଘୃଣ୍ୟ ନ୍ୟୁନତମ କାର୍ଯ୍ୟକଳାପର ସ୍ରୋତ ବହିଚାଲିଛି, ଯାହାର କିଛି ପ୍ରତିବନ୍ଧକ ନାହିଁ କହିଲେ ଚଳେ।

ଆଜିର ଯୁଗରେ ଗଣବଳାତ୍କାର, ଶିଶୁ ବଳାତ୍କାର, ଚୋରି, ଶତ୍ରୁତାଜନିତ ହତ୍ୟାକାଣ୍ଡ ଇତ୍ୟାଦି, ନିତିଦିନିଆ କାରବାରରେ ପରିଣତ ହୋଇଯାଇଛି। ଆଜି ଗୋଟିଏ ଘଟଣା ଘଟିଲା ପରେ ମଧ୍ୟ ସମତୁଲ୍ୟ ଘଟଣା ସପ୍ତାହକ ପରେ ଘଟିଚାଲିଛି।। ପ୍ରକୃତରେ ଆମେ ଜନତା ଦିନକୁ ଦିନ ବିଶୃଙ୍ଖଳିତ ହୋଇଯାଉଛେ ନା ପ୍ରଶାସନ ଠିକ୍ ପଦକ୍ଷେପ ନେବାକୁ ଅକ୍ଷମ ବା ପ୍ରଶାସନର ନିୟନ୍ତ୍ରଣରେ କିଛି ଭୁଲ୍ ରହୁଛି। ଆସନ୍ତୁ ଉପରୋକ୍ତ କାରଣଗୁଡ଼ିକ ଉପରେ କିଞ୍ଚିତ୍ ଆଲୋଚନା କରିବା। ଏଥିରେ ଦୁଇଟି ଉପାଦାନ ସମ୍ପୃକ୍ତ ରହିଛି। ଗୋଟିଏ ହେଲା ଜନତା। ଦ୍ୱିତୀୟରେ ପ୍ରଶାସନର ଦକ୍ଷତା ଓ ବୁଦ୍ଧିମତ୍ତାର ସହିତ କାର୍ଯ୍ୟାନୋୟନର ସଫଳତା। ପ୍ରଥମେ ଜନତାଙ୍କ କଥାକୁ ବିଚାରକୁ ନେବା। ସାଧାରଣତଃ ଆମ ଲୋକମାନେ ସ୍ୱୟଂଶୃଙ୍ଖଳିତ ନୁହନ୍ତି ଏବଂ ସ୍ୱୟଂଶାସିତ ବା ସ୍ୱୟଂ ନିୟନ୍ତ୍ରିତ ହେବାର ଇଚ୍ଛାଶକ୍ତି ନାହିଁ। ଖୁବ୍ କମ ସଚେତନ ଲୋକ ସ୍ୱୟଂଶୃଙ୍ଖଳିତ ହେବା ଦେଖାଯାଉଛି। ଆମର ଉତ୍ତେଜିତ ଓ କୋଳାହଳ ପରିବେଶ ମଣିଷକୁ ଦୁର୍ନିତିଗ୍ରସ୍ତ, ହିଂସାପ୍ରଣୋଦିତ, ବ୍ୟଭିଚାରିତ କରିଦେଉଛି। ପ୍ରଶ୍ନ ଆସେ, ଆମ ଲୋକମାନେ କେତେ ନକାରାତ୍ମକ। ଯଦିଓ ଆମ ପାଖରେ ସକାରାତ୍ମକ ଓ ନକାରାତ୍ମକ ଲୋକଙ୍କର ଏକ ପରିସଂଖ୍ୟାନ ନାହିଁ ତଥାପି ଏକ କାଳ୍ପନିକ ଆକଳନ ଅନୁଯାୟୀ, ନକାରାତ୍ମକ ମନୋବୃତ୍ତିର ଜନତାଙ୍କ ପ୍ରତିଶତ ଅଧିକ ଏବଂ ସକାରାତ୍ମକ ମନୋବୃତ୍ତିର ଲୋକ ଖୁବ୍ କମ୍ ଦେଖାଯିବ। ବାସ୍ତବରେ ଉପରୋକ୍ତ ବିଶ୍ଳେଷଣ ଅନୁଯାୟୀ ଆମ ଦେଶରେ ଅପରାଧ ପ୍ରତିଶତ ଅଧିକ। ଯଦି ୨୦୨୪ର ସୁଖୀ ସୂଚକାଙ୍କକୁ ବିଚାରକୁ ନିଆଯାଏ, ଭାରତ ୧୪୭ଟି ଦେଶ ମଧ୍ୟରେ ୧୦୮ ତମ ର୍ୟାଙ୍କିଙ୍ଗରେ ଅଛି। ତେଣୁ ଉପରୋକ୍ତ ପରିସଂଖ୍ୟାନ ଓ ଅନୁଶୀଳନରୁ ସିଦ୍ଧାନ୍ତ ନିଆଯାଇପାରେ ଯେ, ଆମ ଦେଶର ଭ୍ରଷ୍ଟାଚାର ଓ ବ୍ୟାଭିଚାର ପାଇଁ ଜନତା ବେଶି ଦାୟୀ।

ପ୍ରଶାସନ ମଧ୍ୟ ସମାଜର ଅଧୋଗତି ପାଇଁ କିଛି ଅଂଶରେ ଦାୟୀ। ପ୍ରଶାସନର ପୁରୋଧା କହିଲେ ନିର୍ବାଚିତ ରାଜନେତା, ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ବୁଝାଏ। ଶାସନ ଚାଲିବାରେ ମୁଖ୍ୟ ଭୂମିକା ରହେ ରାଜନେତାଙ୍କର। ରାଜନୀତିର ଊର୍ଦ୍ଧ୍ୱରେ ରହି ପ୍ରଶାସନର ଯୋଜନା ଓ ଆଇନ ପ୍ରଣୟନ, କାର୍ଯ୍ୟାନ୍ୱୟନ, ଅର୍ଥର ସୁପରିବଣ୍ଟନ ବିନିଯୋଗ ଓ ନିଯୁକ୍ତି ଇତ୍ୟାଦିରେ ଠିକ୍ ଭାବରେ ନିଜକୁ ନିୟୋଜିତ କରିବା ଉଚିତ। ମାତ୍ର ଏବେ ପ୍ରଶାସନିକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ କ୍ଷେତ୍ରରେ ଦେଖାଯାଏ ବିଶୃଙ୍ଖଳିତ ଜନତା ପ୍ରଶାସନକୁ ଠିକ୍ ବାଟରେ ଚାଲିବାକୁ ଦିଅନ୍ତି ନାହିଁ। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ପୋଲିସ ଷ୍ଟେଶନ ଖୋଲିବା ଓ ଅଧିକ ପୋଲିସ ପଦମାନ ସୃଷ୍ଟି କରାଯିବା ଉଚିତ। ହାରାହାରି ପୋଲିସ ଓ ଜନସଂଖ୍ୟାର ଅନୁପାତ ଭାରତରେ ଏକ ଲକ୍ଷ ଲୋକରେ ୧୫୩ ଜଣ ପୋଲିସ କର୍ମଚରୀ। ମାତ୍ର ଜାତିସଂଘ ଦ୍ୱାରା ପ୍ରଯୋଜିତ ଅନୁଯାୟୀ ଅନୁପାତ ଏକ ଲକ୍ଷ ଲୋକଙ୍କୁ ନେଇ ୨୨୨ଟି ପୋଲିସ ରହିବା ଉଚିତ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ବିଶୃଙ୍ଖଳିତ ଜନତା ଓ ତ୍ରୁଟିପୂର୍ଣ୍ଣ ପ୍ରଶାସନ ଯୋଗୁ ଦେଶରେ ଭ୍ରଷ୍ଟାଚାର ନିଆଁ କୁହୁଳିବାରେ ଲାଗିଛି ; ଯାହା ଏକ ଅପରିବର୍ତ୍ତିତ ସ୍ୱର ରୂପେ ସମାଜରେ ଉଚ୍ଚାରିତ ହେବାକୁ ଲାଗିଲାଣି। ଆସନ୍ତୁ ଏକ ପରିବର୍ତ୍ତନଶୀଳ ଦୁନିଆ ତଥା ସମାଜ ଗଢ଼ି ତୋଳିବାକୁ ସମ୍ମିଳିତ ସ୍ୱରରେ ଆପ୍ରାଣ ଉଦ୍ୟମ କରିବା ନତୁବା ଆମ ସାମାଜିକ ଜୀବନ ଅସହ୍ୟ ହୋଇ ଉଠିବ।

**ସିଡିଏ, କଟକ**
**ମୋ :୭୦୦୮୬୫୦୬୯**

## ଚିରନ୍ତନୀ

ଶତ ଯୁଦ୍ଧେ ଜୟା ଯେହୁ
ବୃଷ୍ଟି ବିନ୍ଦୁସମ
ଗଡ଼ାଇଛି ନରମୁଣ୍ଡ ଗଣି ନାହିଁ ଭୟ ଅବା ଶ୍ରମ।
ଲୌହର କପାଟ ସମ ଅଭେଦ୍ୟ ଅଟଳ
ହୃଦୟ ବଳ, ଏହି ଦୃଷ୍ଟି ତଳେ ସବୁ
ପଡ଼ିଛି ତରଳି
ତୁଟିଅଛି ଲୁହାର ଶିକୁଳି !
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନଦୀ ସଂଯୋଗୀକରଣ ହେଉ

ମହାଶୟ,

ବନ୍ୟାରୁ ଦେଶକୁ ସୁରକ୍ଷିତ ରଖିବା ପାଇଁ ଚିରସ୍ରୋତା ନଦୀଗୁଡ଼ିକର ପରସ୍ପର ସଂଯୋଗୀକରଣ ଏବଂ ନଦୀବନ୍ଧ ସହ ଆନିକଟ ନିର୍ମାଣ କରାଯାଉ। ଏହା ହେଲେ ନଦୀଗୁଡ଼ିକରେ ବନ୍ୟାଜଳ ନିୟନ୍ତ୍ରିତ ହେବା ସଙ୍ଗେ ସଙ୍ଗେ ବନ୍ୟାଜଳ ସମସ୍ତ ନଦୀକୁ ସମପ୍ରବାହିତ ହେବ ଏବଂ ଜଳ ବିପଦ ସଙ୍କେତ ସ୍ତରରେ ରହିପାରିବ। ଦ୍ୱିତୀୟତଃ, ଜଳ ସମ୍ପଦର ଠିକ୍ ବିନିଯୋଗ ହେବ। ସମୁଦ୍ରକୁ ବହିଯାଉଥିବା ନଦୀ ଜଳକୁ ରୋକାଯାଇପାରିବ। ଏହାଦ୍ୱାରା ଜଳ ସଙ୍କଟ ଦୂରହେବା ସହିତ କୃଷି ଓ ଜଳବିଦ୍ୟୁତ୍ ଉତ୍ପାଦନର କ୍ଷମତା ବୃଦ୍ଧିହେବ ଏବଂ ଦେଶ ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ଯିବ। ଏଥିପାଇଁ କେବଳ ଲୋଡ଼ା ପ୍ରଶାସନିକ ଦକ୍ଷତା ଓ ବଜେଟରେ ଅର୍ଥ ଆବଣ୍ଟନ। ପ୍ରତିବର୍ଷ ବନ୍ୟା ବିଭୀଷିକାର ଦୃଶ୍ୟ ବିଭିନ୍ନ ଗଣମାଧ୍ୟମ ଓ ଟିଭିରେ ଦୃଷ୍ଟିଗୋଚର ହୁଏ। ଏତଦ୍ ବ୍ୟତୀତ, ଗ୍ରୀଷ୍ମଦିନେ ବହୁ ସ୍ଥାନରେ ଲୋକମାନେ ପାଣି ପାଇଁ ମାଠିଆ ଗରା ବାଲ୍ଟି ଧରି ପ୍ରାୟ ଦୀର୍ଘପଥ ଚାଲି ଚାଲି ଯିବାର ଦେଖିବାକୁ ମିଳିଥାଏ। ଯଦି ନଦୀ ସଂଯୋଗୀକରଣ କରାଯାଇ ଡ୍ୟାମ ଓ ଆନିକଟ ନିର୍ମାଣ କରାଯାଏ ତେବେ ଭାରତରୁ ଜଳ ସଙ୍କଟ ଦୂର ହେବ।

**- ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବାହାନଗା-ତାଳପଦା ରାସ୍ତା ପ୍ରଶସ୍ତୀକରଣ ଦିଗହରା

ବାହାନଗା, ୧୮।୯(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା-ତାଳପଦା ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଦିଗହରା ହୋଇପଡିଛି। ରାସ୍ତାରୁ ବିଦ୍ୟୁତଖୁଣ୍ଟି ସ୍ଥାନାନ୍ତର ଓ ଗଛ କାଟିବା ଲାଗି ବ୍ୟୟବରାଦ କରାଯାଇଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆ ନ ଯାଇ ଯେନତେନ ପ୍ରକାରେ କାମ ଶେଷ କରିବା ଲାଗି ଠିକାଦାର ଲାଗିପଡିଛନ୍ତି। ରାସ୍ତା କାମ ସରିବା ପରେ ଯଦି ଗଛ କଟାଯାଏ ଓ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର କରାଯାଏ ତା'ହେଲେ ରାସ୍ତାର ଅବସ୍ଥା କଣ ହେବ ତାହା ସହଜେ ଅନୁମେୟ।

ପୂର୍ତ୍ତବିଭାଗ ଅଧୀନରେ ବାହାନଗାରୁ ତାଳପଦା ପର୍ଯ୍ୟନ୍ତ ଥିବା ୧୪କି.ମି. ୫ଶହ ମିଟର ରାସ୍ତା ପାଇଁ ରାଜ୍ୟ ସରକାର ୩୮କୋଟି ୨୯ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ୨୦୨୩-୨୦୨୪ରେ ବ୍ୟୟବରାଦ କରିଛନ୍ତି। ସେହି ପ୍ରକଳ୍ପରେ ରାସ୍ତାରେ ବିଦ୍ୟୁତ ଖୁଣ୍ଟି ସ୍ଥାନାନ୍ତର ଓ ଗଛକୁ କାଟିବା



ବାହାନଗା-ତାଳପଦା ରାସ୍ତା।

ପରେ ସେହି ସ୍ଥାନରେ ଗଛ ଲଗାଇବା ନିମନ୍ତେ ୧କୋଟି ୮୫ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ରାସ୍ତା କାମ ଶେଷ ହେବାକୁ ବସିଲାଣି, ଏପର୍ଯ୍ୟନ୍ତ ବିଦ୍ୟୁତ ଖୁଣ୍ଟି କିମ୍ବା ଗଛ କଟାଯାଉନାହିଁ। ଯେଉଁଠି ଗଛ ଅଛି, ସେ ସ୍ଥାନରେ ଗଛ ପାଖକୁ ଛାଡି ପିଚୁ କରାଯାଉଛି। ଯେଉଁଠି ବିଦ୍ୟୁତ ଖୁଣ୍ଟି ଅଛି ତା' ଚାରିପାଖରେ ପିଚୁ କରାଯାଇ କାମ ସାରି ଦିଆଯାଉଛି। ମାତ୍ର ରାସ୍ତା ସମ୍ପ୍ରସାରଣ କରିବାର ସରକାରଙ୍କର ଯେଉଁ ଲକ୍ଷ୍ୟ ତାହା ଫସର ପାଲିଟିଛି। ଗଛ ଓ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର ନ କରି ଠିକାଦାର ମନଇଚ୍ଛା କାମ କରିଚାଲିଛନ୍ତି। କାମ ଚାଲିଥିବା ବେଳେ ପୂର୍ତ୍ତ ବିଭାଗର କୌଣସି ଯନ୍ତ୍ରୀ ଉପସ୍ଥିତ ନ ରହିବା ଫଳରେ ନିମ୍ନମାନର ହେଉଥିବା ଲୋକମାନେ ଅଭିଯୋଗ କରୁଛନ୍ତି। ସରକାର ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର ଓ ବୃକ୍ଷରୋପଣ ପାଇଁ ୧କୋଟି ୪୦ଲକ୍ଷ ଟଙ୍କା ଓ ଗଛ କାଟିବା ପାଇ ୪୫ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି । ଏହି ମୁଖ୍ୟ ରାସ୍ତା ଗୋପାଳପୁର ବଜାରରେ ୪ଲେନ୍ ରାସ୍ତା ହେବା ସହିତ ଅନ୍ୟ ସବୁ ୨ଲେନ୍ ବିଶିଷ୍ଟ ରାସ୍ତା କରାଯାଉଛି। ମାତ୍ର ବିଦ୍ୟୁତ ଖୁଣ୍ଟ ଓ ଗଛ ନ କାଟିବା ଫଳରେ ରାସ୍ତା ସମ୍ପ୍ରସାରଣ କରାଯିବାର କୌଣସି ମାନେ ନାହିଁ। ଏନେଇ ଲୋକମାନେ ୱାର୍କସ ଡିପାର୍ଟମେଣ୍ଟର ସେକ୍ରେଟାରୀ, ରାଜ୍ୟ ଚିଫ୍ ଇଞ୍ଜିନିୟର, ବାଲେଶ୍ୱର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏହି କାମର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହୋଇଛି। ରାସ୍ତା କାମ ଯେଉଁ ଢଙ୍ଗରେ ହେବା କଥା ତାହା ହେଉନାହିଁ। କାମ ସମୟରେ କୌଣସି ଯନ୍ତ୍ରୀ ଉପସ୍ଥିତ ନ ହେବା ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠୁଛି, ଏହି କାମର ଭିଜିଲାନ୍ସ ତଦନ୍ତ ଆବଶ୍ୟକ ବୋଲି ଗୋପାଳପୁର ପଞ୍ଚାୟତ ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି କହିଛନ୍ତି। ନୂଆପୁର ସରପଞ୍ଚ ଅଟଳ ବିହାରୀ ରାଉତ କୁହନ୍ତି, ନୂଆପୁର ଦେଇ ମୁଖ୍ୟରାସ୍ତା ତାଳପଦାକୁ ଯାଇଛି। ମାତ୍ର ରାସ୍ତାରେ କେଉଁଠି କଣ ହେଉଛି ସରପଞ୍ଚ ହିସାବରେ କିଛି ଜାଣିପାରୁନାହୁଁ। କାମ ସମୟରେ କୌଣସି ଯନ୍ତ୍ରୀ ନ ରହିବା ଯୋଗୁ ଠିକାଦାର, ପେଟି ଠିକାଦାରମାନେ ମନଇଚ୍ଛା କାମ କରୁଛନ୍ତି। ରାସ୍ତା ଚଉଡା ହେଉଛି ସତ, ଗଛ ନ କାଟିବା ଓ ବିଦ୍ୟୁତ ଖୁଣ୍ଟି ସ୍ଥାନାନ୍ତରିତ ନ କରିବା ଫଳରେ ଆଗାମୀ ଦିନରେ ବିପଦକୁ ଆମନ୍ତ୍ରଣ କରାଯାଉଛି। ରାସ୍ତା କାମରେ ଅନିୟମିତତା ହେଉଥିବା ନେଇ ଭଲଭାବେ ଜଣାପଡୁଛି। ରାସ୍ତା କାମର ତଥ୍ୟ ସୂଚନା ଅଧିକାର ବଳରେ ମାଗିଥିଲେ ମଧ୍ୟ ବିଭାଗ ତରଫରୁ ଏପର୍ଯ୍ୟ ଦିଆଯାଇନାହିଁ ବୋଲି ସାମାଜିକ କର୍ମୀ ଅନିରୁଦ୍ଧ ଦାସ କହିଛନ୍ତି।

# ଆଖିବୁଜିଲେ 'ଟ୍ରି ମ୍ୟାନ'

## ଦିବ୍ୟାଙ୍ଗ ହୋଇ ବି ସାଜିଥିଲେ ଉଦାହରଣ

ନୀଳଗିରି, ୧୮।୯(ପ୍ରଶାନ୍ତ ବିଶ୍ୱାଳ)

ରାସ୍ତାକଡଠାରୁ ଆରମ୍ଭ କରି ସ୍କୁଲ୍, ମେଡିକାଲ୍ ଆଦି ବିଭିନ୍ନ ସ୍ଥାନରେ ଗଛ ଲଗାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା ନୀଳଗିରି ଅଞ୍ଚଳର ଟ୍ରି ମ୍ୟାନ ଭାବେ ଜଣାଶୁଣା ରାଜେନ୍ଦ୍ର ଜେନା ଶେଷରେ ଆଖିବୁଜିଛନ୍ତି। ବୁଧବାର ରାତି ପ୍ରାୟ ୧୦ଟା ବେଳେ ନୀଳଗିରି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦିବ୍ୟାଙ୍ଗ ହୋଇ ମଧ୍ୟ ନୀଳଗିରିକୁ ସବୁଜ ପରିବେଶ ପରିଣତରେ ଅନେକ ଉଦାହରଣ ଛାଡିଯାଇଛନ୍ତି।

ଛାତ୍ର ଜୀବନରୁ ପରିବେଶ ପ୍ରତି ତାଙ୍କର ରହିଥିଲା ପ୍ରବଳ ଆଗ୍ରହ। ୨୦୧୪ରେ ନୀଳଗିରି ସହର କେସି ହାଇସ୍କୁଲ ସମ୍ମୁଖରେ ଏକ ବାଇକ ଦୁର୍ଘଟଣାରେ ସେ ଗୋଟିଏ ଗୋଡ ହରାଇବା ପରେ ମଧ୍ୟ ତାଙ୍କର ସବୁଜ ପରିବେଶ ପ୍ରତି ଆଗ୍ରହ ତୁଟି ନ ଥିଲା। ରାଜେନ୍ଦ୍ର ଖାଲି ଗଛଟିଏ ଲଗାଇ ନ ଥାନ୍ତି, ତାର ଚାରି ପାଖରେ ଜାଲି ବାଡ଼ ଦେଇ ଯତ୍ନ ମଧ୍ୟ ନେଇଥାନ୍ତି। ନୀଳଗିରି




ରାଜେନ୍ଦ୍ର ଜେନା।

ଏନ୍ଏସି ଅଧୀନ ଘାଟଘରସାହି ଗ୍ରାମର ରାଜେନ୍ଦ୍ର ଚଳିତମାସ ୮ ତାରିଖଠାରୁ ପାରାଲିସିସ୍ ରୋଗରେ ଆକ୍ରାନ୍ତ ହେବା ପରେ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ବାଲେଶ୍ୱର ଏମ୍‌ପି ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଅକ୍ଷୟ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ଶିଶିର ରାଉତ, ସୁରଞ୍ଜନ ମହାପାତ୍ର, ଦୀପ୍ତିକାନ୍ତ ପୃଷ୍ଟି ଶୋକସନ୍ତପ ପରିବାରକୁ ସମବେଦନା ଜଣାଇଛନ୍ତି।

# ସହକାରୀ ଯୋଗାଣ ଅଧିକାରୀ, ଗୋଦାମ ଆସିଷ୍ଟାଣ୍ଟଙ୍କୁ ୩ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୧୮।୯(ବାଞ୍ଛାନିଧି ଦେ)

ପିଡିଏସ୍ ଚାଉଳ ବିକ୍ରି କରି ଟଙ୍କା ଆତ୍ମସାତ୍ ମାମଲାର ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଲଳିତ କୁମାର ଦାଶ ଗୁରୁବାର ପୂର୍ବତନ ସହକାରୀ ଯୋଗାଣ ଅଧିକାରୀ ଝସକେତନ ପ୍ରଧାନ ଓ ଗୋଦାମ ଆସିଷ୍ଟାଣ୍ଟ ବିଜୟ କୁମାର ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ୩ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦାୟ ଉଭୟଙ୍କୁ ଅଧିକ ୬ମାସ ଲେଖାଏଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

୨୦୦୮-୦୯ରେ ବାଲେଶ୍ୱର ମ୍ୟୁନିସିପାଲିଟିର ପୂର୍ବତନ ସହକାରୀ ଯୋଗାଣ ଅଧିକାରୀ ପ୍ରଧାନ ଡିଲରମାନଙ୍କ ନିକଟରୁ ଚାଉଳ କିଣି ଆର୍ଆର୍ସି (ରାଇସ୍ ରିସିଭିଂ ସେଣ୍ଟର) ୱେୟାର ହାଉସ ଗୋଦାମରେ ଷ୍ଟକ୍ ରଖିଥିଲେ। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୋଦାମ ଆସିଷ୍ଟାଣ୍ଟ ବିଜୟ କୁମାର ନାୟକ ଷ୍ଟକ୍ ରେଜିଷ୍ଟରରେ କ୍ରୟ ଚାଉଳ ସମ୍ପର୍କରେ ଉଲ୍ଲେଖ କରିଥିଲେ ଏବଂ ଗୋଦାମରେ ଥିବା ଚାଉଳକୁ ବିକ୍ରି କରି ତାର ହିସାବ ରଖିବାର ଦାୟିତ୍ୱରେ ଥିଲେ। ଚାଉଳ ହଡ଼ପ ସମ୍ପର୍କରେ ଭିଜିଲାନ୍ସ ଥାନାରେ ୨୦୦୯ ନଭେମ୍ବର ୧୨ ତାରିଖରେ ଏକ ମାମଲା (ନଂ. ୫୦/୦୯) ରୁଜୁ ହୋଇଥିଲା। ତତ୍କାଳୀନ ଭିଜିଲାନ୍ସ ଡିଏସ୍‌ପି ସୁଜନ ଦେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ୧୨୬୬.୨୬ କୁଇଣ୍ଟାଲ ଚାଉଳ ବିକ୍ରି କରି ୨୦ଲକ୍ଷ ୩୮ହଜାର ୭ ଟଙ୍କା ଆତ୍ମସାତ୍ କରିଥିବା ଜଣାପଡିଥିଲା। ଉଭୟଙ୍କ ପେନସନ ବନ୍ଦ ପାଇଁ ନିର୍ଦ୍ଦେଶ ରହିଛି। ସରକାରଙ୍କ ତରଫରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଧାକାନ୍ତ ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

# ଜିଲାରେ ୫ ଲକ୍ଷରୁ ଅଧିକ ଚାରାରୋପଣ



ବୃକ୍ଷରୋପଣ ଅଭିଯାନରେ ଅତିରିକ୍ତ ଜିଲାପାଳଙ୍କ ସହ ଅନ୍ୟମାନେ।

ବାଲେଶ୍ୱର, ୧୮।୯(ବାଞ୍ଛାନିଧି ଦେ)

## 'ଏକ ପେଡ୍ ମା'କେ ନାମ୍' ଅଭିଯାନ

ମା' ଓ ଧରିତ୍ରୀ ମା'ଙ୍କୁ ସମର୍ପିତ 'ମା' ପାଇଁ ଗଛ ଟିଏ' କାର୍ଯ୍ୟକ୍ରମର ଆହ୍ୱାନରେ ବାଲେଶ୍ୱର ଜିଲାରେ ୫ ଲକ୍ଷରୁ ଅଧିକ ଚାରାରୋପଣ ସଫଳତାର ସହ ସମ୍ପନ୍ନ ହୋଇଛି। ବୁଧବାର ଦିବସବ୍ୟାପୀ ଜିଲାର ସମସ୍ତ ବ୍ଲକ ଓ ସହରାଞ୍ଚଳରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ନେତୃତ୍ୱରେ ପ୍ରଶାସନିକ ଅଧିକାରୀ, ପିଆର୍ଆଇ ସଭ୍ୟ, ବ୍ୟବସାୟୀ, ବ୍ୟାଙ୍କର୍ସ, ଏନ୍‌ଜିଓ, ସିଭିଲ ସୋସାଇଟି ସଙ୍ଗଠନ, ସ୍ୱେଚ୍ଛାସେବୀ ଓ ସାଧାରଣ ଜନତାଙ୍କ ସମ୍ମିଳିତ ପ୍ରଚେଷ୍ଟାରେ ଜିଲାରେ ୫ ଲକ୍ଷରୁ ଅଧିକ ଚାରାରୋପଣ କରାଯାଇଛି।

ପଞ୍ଚାୟତିରାଜ ବିଭାଗ ଦ୍ୱାରା ସର୍ବାଧିକ ୨, ୬୯,୬୧୦ଟି ପଞ୍ଜୀକରଣ, ଶିଳ୍ପ ବିଭାଗ ଦ୍ୱାରା ୨,୨୮,୬୯୯, କୃଷି ବିଭାଗ ଦ୍ୱାରା ୧୬,୦୪୭, ବନ ବିଭାଗ ଦ୍ୱାରା ୪,୧୨୫ଟି ସହିତ ମୋଟ ୫,୨୦,୪୬୧ଟି ପଞ୍ଜୀକରଣ ହୋଇଛି। ବ୍ଲକ ମଧ୍ୟରୁ ନୀଳଗିରି (୨୮,୮୪୦) ଓ ଭୋଗରାଇ (୨୮,୨୧୦) ସର୍ବାଧିକ ପଞ୍ଜୀକରଣରେ ଅଗ୍ରଣୀ ରହିଛନ୍ତି। ଅନେକ ସ୍ଥାନରେ ସେଲଫି ପଏଣ୍ଟ, ପ୍ରତିଯୋଗିତା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚାରାରୋପଣ ପରେ 'ମେରିଲାଇଫ' ପୋର୍ଟାଲରେ ପଞ୍ଜିକରଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଅନୁସାରେ ଲୋକମାନେ ନିଜ ମା'ଙ୍କ ନାମରେ ଗଛ ଲଗାଇବା ଓ ତାକୁ ପରିବାର ସଦସ୍ୟ ଭଳି ସାହାଯ୍ୟ କରିବାରେ ଆଗ୍ରହୀ ହୋଇଥିଲେ।

# ବିରୋଧୀ ବେଳେ ଦାବି କଲେ, କ୍ଷମତାସୀନ ପରେ ସ୍ୱର ବଦଳାଇଲେ

ଖଇରା, ୧୮।୯(ଉତ୍କଳବନ୍ଧୁ ପଣ୍ଡା)

ଖଇରାକୁ ଏନଏସି ମାନ୍ୟତା ଦାବିରେ ଖଇରା ସ୍ୱାଭିମାନ ମଞ୍ଚ ପକ୍ଷରୁ ବ୍ଲକ ଗେଟ ସମ୍ମୁଖରେ ଚାଲିଥିବା ଧାରଣା ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ଏହି ଧାରଣାରେ ବକ୍ତାମାନେ ଗୁରୁବାର ବିସ୍ଫୋରକ ବୟାନ ଦେଇଛନ୍ତି। ବର୍ତ୍ତମାନ ସିମୁଳିଆରେ ଜଣେ ନିର୍ବାଚିତ ପ୍ରତିନିଧିଙ୍କ ବର୍ଷେ ତଳର ଦାବି ଏବେକାର ମନ୍ତବ୍ୟକୁ ନେଇ ବୈଠକରେ ସମାଲୋଚନା କରାଯାଇଛି। ବର୍ଷେ ତଳର ନେତା ଜଣକ ବୈଠକରେ ଦେଇଥିବା ମନ୍ତବ୍ୟର ଭିଡିଓ ମଧ୍ୟ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଜେଡି ସରକାର ସିମୁଳିଆକୁ ଘୋଷଣା କରି ଖଇରାକୁ ବାଦ୍ ଦେବା ନେଇ ସେତେବେଳେ ବିରୋଧରେ ଥିବା ଏହି ନେତା ଜଣକ ଏହି ଭିଡିଓରେ ସମାଲୋଚନା କରିବା ସହ ଯଦି ସରକାର ଖଇରାରୁ ଏନଏସି ଘୋଷଣା ନ କରନ୍ତି ତେବେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଉଥିବା ନେଇ ଭିଡିଓରେ ଦେଖିବାକୁ ମିଳିଛି। ଏହି ଭିଡିଓ କୁ ଆଧାର କରି ମଞ୍ଚର ସଦସ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ଭାଜପା ସରକାର କ୍ଷମତାକୁ ଆସିବା ପରେ ଏବେ ନେତାଙ୍କ ସ୍ୱର ବଦଳିଯାଇଛି । ସ୍ୱାଭିମାନ ମଞ୍ଚର ସଦସ୍ୟମାନେ ନିକଟରେ ଉକ୍ତ ନେତାଙ୍କୁ ଭେଟିଥିବା ବେଳେ ଖଇରାରେ ବହୁତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ତାଙ୍କ ଉପରେ ଟ୍ୟାକ୍ସ ବୋଝ ପଡିବ ଏଣୁ ଖଇରାକୁ ଏନଏସିର କରିବାର ଆବଶ୍ୟକତା ନାହିଁ କହିବା ଦୁର୍ଭାଗ୍ୟଜନକ ବୋଲି ସଦସ୍ୟମାନେ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି।

# ଟ୍ରେନ୍‌ରୁ ୧୭ କଇଁଛ ଜବତ, ୨ ଗିରଫ

## ପଶ୍ଚିମବଙ୍ଗକୁ ହେଉଥିଲା ଚାଲାଣ

ବାଲେଶ୍ୱର, ୧୮।୯(ବାଞ୍ଛାନିଧି ଦେ)

ଦକ୍ଷିଣ-ପୂର୍ବ ରେଳପଥ ଖଡଗପୁର ଡିଭିଜନ୍‌ର ଆର୍‌ପିଏଫ୍ ସିଆଇବି (କ୍ରାଇମ୍ ଇଣ୍ଟେଲିଜେନ୍ସ ବ୍ରାଞ୍ଚ) ପକ୍ଷରୁ ଗୁରୁବାର ଏକ ଟ୍ରେନ୍‌ରେ ଚଢାଉ କରାଯାଇଥିଲା। ଭଦ୍ରକ-ଖଡଗପୁର ଡାଉନ ପାସେଞ୍ଜର ଟ୍ରେନ୍‌ରେ କଇଁଛ ଚୋରା ଚାଲାଣ ହେଉଥିବା ବେଳେ ସିଆଇବିର ୩ଜଣିଆ ଟିମ୍ ବାଲେଶ୍ୱରେ ରେଳ ଷ୍ଟେଶନ ନିକଟ ଖନ୍ତାପଡ଼ା-ନୀଳଗିରି ମଝିରେ ଠାବ କରିଥିଲେ। ୧୭ଟି ଜୀବନ୍ତ କଇଁଛକୁ ଜବତ କରିବା ସହ ସମ୍ପୃକ୍ତ ୨ଜଣ ବେପୋରୀଙ୍କୁ ଆଣି ବାଲେଶ୍ୱର ଆର୍‌ପିଏଫ୍ ଥାନାରେ ଅଟକ ରଖିଥିଲେ। ଏ ସମ୍ପର୍କରେ ବନବିଭାଗକୁ ଖବର ଦିଆଯାଇଥିଲା। ବନବିଭାଗ



ଅଧିକାରୀ ପହଞ୍ଚି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତଦ୍ୱୟ ହେଲେ ସଦର ଥାନା ଅଧୀନ ବସନ୍ତପୁର ଅଞ୍ଚଳର ଯଦୁଆ ସିଂ ଓ ଖନ୍ତାପଡ଼ା ଥାନା ଟିଣା ଅଞ୍ଚଳର ଶ୍ୟାମ ଦଳେଇ। ଖଡଗପୁର ଡିଭିଜନର ସିଆଇବି ଡିଆଇ ୱାଇ. କୁମାରଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ଗଜେନ୍ଦ୍ର ବେହେରା ଓ ଏସ୍. କେ. ସିଂ, ହେଡ୍ କନଷ୍ଟେବଲ ଏସ୍. କେ. ସିଂ ଉକ୍ତ ଟ୍ରେନ୍‌ରେ ଚଢାଉ କରିଥିଲେ। ଏ ସମ୍ପର୍କରେ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# 'ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ'

ବାଲିଆପାଳ, ୧୮।୯(ଗୋପାଳ ଚନ୍ଦ୍ର ସାହୁ)

## ବିଧାନସଭାରେ ବିଧାୟିକାଙ୍କ ଦାବି

ବିଧାନସଭାର ବର୍ଷାକାଳୀନ ଅଧିବେଶନ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବସ୍ତା ବିଧାୟିକା ସୁବାସିନୀ ଜେନା ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପାଇଁ ଦାବି କରିଛନ୍ତି। ଗତ ଜୁନ୍ ୨୦ରୁ ଅଗଷ୍ଟ ୨୪ ତାରିଖ ମଧ୍ୟରେ ବସ୍ତା ନିର୍ବାଚନମଣ୍ଡଳୀ ଅଧୀନ ବସ୍ତା ଓ ବାଲିଆପାଳରେ ୬ ଥର ବନ୍ୟା ହୋଇଛି। ଯାହା ଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ପ୍ରଥମ। ଏହାର ପ୍ରଭାବରେ ପ୍ରଥମଥର ପାଇଁ ପ୍ରାୟ ୫ ଶହ ଏକର ଜମି ଚାଷ ନ ହୋଇ ପଡ଼ିଆ ପଡ଼ିଛି। ଶେଷଥର ପାଇଁ ଯେଉଁ ତଳି ପକାଯାଇଥିଲା ଓ ଧାନ ରୁଆ ହୋଇଥିଲା ସେ ସବୁକୁ ବନ୍ୟା ସମ୍ପୂର୍ଣ୍ଣ ଧୋଇନେଇଛି। ସରକାରୀ ନିୟମରେ କୋହଳ କରି ଚାଷୀଙ୍କୁ କ୍ଷୟକ୍ଷତି ଭରଣା କରିବାର ବ୍ୟବସ୍ଥା ସରକାର କରିବେ କି ବୋଲି ସେ ପ୍ରଶ୍ନ କରିଥିଲେ।



ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବାଲେଶ୍ୱର ଜିଲା ବସ୍ତା ଓ ବାଲିଆପାଳରେ ଚଳିତବର୍ଷ ୬ଥର ବନ୍ୟା ଆସିଛି। ପ୍ରଥମ ପର୍ଯ୍ୟାୟରେ ୪୮୯ ହେକ୍ଟର ଚାଷଜମିର କ୍ଷୟକ୍ଷତି ଆକଳନ କରାଯାଇ ସରକାରଙ୍କ ତରଫରୁ ୪ଲକ୍ଷ ୩୩ହଜାର ୮୫୯ଟଙ୍କା ସହାୟତା ରାଶି ଜିଲାକୁ ପ୍ରଦାନ କରାଯାଇଛି। ହିତାଧିକାରୀଙ୍କୁ ଯଥାଶୀଘ୍ର ସହାୟତା ରାଶି ପ୍ରଦାନ ପାଇଁ ଜିଲା ଅଧିକାରୀଙ୍କ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିସହିତ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଯୋଗୁ ଚାଷ ଜମିରେ ଧାନ ରୁଆ କାର୍ଯ୍ୟ ହୋଇପାରିନାହିଁ। ଯାହା ବି ତଳି ପକାଯାଇଥିଲେ ତାହା ବନ୍ୟା ଯୋଗୁ ଧୋଇ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ପ୍ରଭାବିତ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରିବା ପାଇଁ ସ୍ଥିର କରିଛନ୍ତି। ତଦନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟରେ ୭ହଜାର ୫ଶହ ୧୧ ହେକ୍ଟର ଚାଷଜମିର କ୍ଷୟକ୍ଷତି ଆକଳନ କରାଯାଇଛି। ଯାହାର ସହାୟତା ରାଶି ସରକାରଙ୍କ ତରଫରୁ ୬କୋଟି ୩୮ଲକ୍ଷ ଟଙ୍କା ବାଲେଶ୍ୱର ଜିଲାକୁ ପ୍ରଦାନ କରିବାର ବ୍ୟବସ୍ଥା କରାଯାଉଛି ବୋଲି ଉତ୍ତର ରଖିଥିଲେ।

# ଏସ୍‌ପି ଅଫିସ ଆଗରେ ଆତ୍ମାହୁତି ଚେତାବନୀ

## ନ୍ୟାୟ ଦାବି କଲେ ପୀଡ଼ିତା ମହିଳା

କାଳିପଦା, ୧୮।୯(ରାଜଶ୍ରୀ ପାଣିଗ୍ରାହୀ)

ସିଂଲା ଥାନା ଅଞ୍ଚଳର ଜଣେ ମହିଳା ୯ଜଣଙ୍କ ଦ୍ୱାରା ଗଣବଳାତ୍କାର ଶିକାର ହେବା ପରେ ଜୁଲାଇ ୧୨ତାରିଖରେ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ମାମଲା (ନଂ. ୧୫୦/୨୫) ରୁଜୁ କରି ସେଥିରୁ ୨ ଅଭିଯୁକ୍ତ ସନ୍ତୋଷ ମଣ୍ଡଳ, ବାବୁଧର ଗିରିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ହେଲେ ଅନ୍ୟ ୭ଜଣଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି। ଉକ୍ତ ଅଭିଯୁକ୍ତମାନେ ପୀଡ଼ିତା ମହିଳାଙ୍କୁ ବିଭିନ୍ନ ଧମକଚମକ ଦେଉଛନ୍ତି। ଏନେଇ ପୀଡ଼ିତା ଜଣକ ଜମ୍ବିରାଇ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ନ୍ୟାୟ ଏବଂ ସୁରକ୍ଷା ଦାବି ନେଇ ପ୍ରେସ ବିବୃତିରେ ଜଣାଇଛନ୍ତି। ଆଗାମୀ ୧୫ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ବାଲେଶ୍ୱର ଏସ୍‌ପି ଅଫିସ ଆଗରେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି। ଉକ୍ତ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ହେବା ପରେ ଚାଉଳତି ଗ୍ରାମର ସନ୍ତୋଷ ମଣ୍ଡଳ ବିବାହ ପ୍ରଲୋଭନ ଓ ପିଲାମାନଙ୍କ ଭବିଷ୍ୟତ ଗଢ଼ିବା ଲାଗି ପ୍ରତିଶ୍ରୁତି ଦେଇ ସେରଗଡ଼ ନେଇଯାଇଥିଲେ। ସେଠାରେ କିଛି ଦିନ ରଖିବା ପରେ ସନ୍ତୋଷ ଏବଂ ତାଙ୍କ ସାଙ୍ଗମାନେ ବିଭିନ୍ନ ସମୟରେ ଉକ୍ତ ମହିଳାଙ୍କୁ ବଳାତ୍କାର କରିଆସୁଥିଲେ। ମହିଳାଜଣକ ପ୍ରତିବାଦ କରିବାରୁ ଅକଥନୀୟ ନିର୍ଯାତନା ଦେବା ସହିତ ତାଙ୍କ ଦୁଇ ପିଲାକୁ ଜୀବନରୁ ମାରିଦେବାର ଧମକ ଦେଉଥିଲେ। ଏଥିସହିତ ବଳାତ୍କାର ଭିଡିଓ ସୋସିଆଲ ମିଡ଼ିଆରେ ଛାଡ଼ିଦେବେ ବୋଲି ମଧ୍ୟ ଧମକ ଦେଉଥିଲେ। ୯ଜଣଙ୍କ ମଧ୍ୟରେ ପରେ ବିବାଦ ଉପୁଜିବା ପରେ ତାଙ୍କ ମଧ୍ୟରେ ଜଣେ ବ୍ୟକ୍ତି ମହିଳାଙ୍କ ଭାଇଙ୍କୁ ଭଉଣୀ ରହୁଥିବା ଜାଗାର ଠିକଣା ଦେଇଥିଲେ। ପୀଡ଼ିତାଙ୍କ ଭାଇ ସେଠାରୁ ଭଉଣୀଙ୍କୁ ଉଦ୍ଧାର କରି ସିଂଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ରକ୍ତଦାନ କଲେ ୫୭ ସ୍ୱେଚ୍ଛାକୃତ ଦାତା

## 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ'

ସିମୁଳିଆ, ୧୮।୯(ସନ୍ତୋଷ ନାୟକ)

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' ଯୋଜନାରେ ବୁଧବାର ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ସମ୍ବିତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବାହ୍ନ ୯ଟାରେ ସୁସ୍ଥ, ସୁନ୍ଦର ଓ ନିରୋଗ ପାଇଁ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଯୋଗ ଗୁରୁ ସୀତାଂଶୁ ଶେଖର ବେହେରା ଜନସାଧାରଣଙ୍କୁ ବିଭିନ୍ନ ଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ବ୍ଲକରେ କାର୍ଯ୍ୟରତ ୨୧୬



ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିର।

ଅଙ୍ଗନୱାଡି କର୍ମଚାରୀ ମହିଳାମାନଙ୍କ ଦ୍ୱାରା ମହିଳା ଓ ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପନିପରିବା ଓ ଫଳମୂଳ ସମ୍ପର୍କରେ ସଚେତନତା ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ମହିଳା ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ସଚେତନତା ପାଇଁ ପୁସ୍ତକ ଓ ପତ୍ରପତ୍ରିକା ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୭ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ବାଲେଶ୍ୱର ଜିଲା ରେଡକ୍ରସକୁ ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାକୃତ ବୟସ୍କ ରକ୍ତଦାତା ଅବସରପ୍ରାପ୍ତ ପ୍ରତିରକ୍ଷା ବିଭାଗୀୟ କର୍ମଚାରୀ ଦୀନବନ୍ଧୁ ପାତ୍ରଙ୍କୁ ସାଧାରଣରେ ପ୍ରଶଂସା କରାଯାଇଥିଲା। ରକ୍ତଦାନ ଶିବିରକୁ ବିଧାୟକ ପଦ୍ମଲୋଚନ ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗରେ ଡା. ଧର୍ମେନ୍ଦ୍ର କୁମାର ନାୟକ, ଡା. ବିଶ୍ୱରଞ୍ଜନ ମିଶ୍ର, ଡା. କ୍ରିଷ୍ଣା ମୁଖାର୍ଜୀ, ଡା. ସୁମନ୍ତ ଧଡ଼ା, ଡା. ଆଶୁତୋଷ ପତି ପ୍ରମୁଖ ମହିଳା, ଶିଶୁ ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

# ୨୩ ରେଳରୋକୋ ସ୍ଥଗିତ

ସୋର, ୧୮।୯(ଜନ୍ମେଜୟ ମିଶ୍ର)

## ରେଳୱେ କର୍ତ୍ତୃପକ୍ଷଙ୍କ ସହ ନାଗରିକ ମଞ୍ଚର ଆଲୋଚନା

ବାଲେଶ୍ୱର ଜିଲା ସୋର ଷ୍ଟେଶନର 'ଖ' ଡିଭିଜନ ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର ଆଶୁତୋଷ କୁମାର ସିଂହଙ୍କ ସହ ସୋର ନାଗରିକ ମଞ୍ଚର ଏକ ଆଲୋଚନା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୩ରେ ସୋର ନାଗରିକ ମଞ୍ଚ ତରଫରୁ ଦିଆଯାଇଥିବା ରେଳରୋକୋ ଆନ୍ଦୋଳନ ଡାକରା ଓ ଦାବିଗୁଡିକ ଉପରେ ଆଲୋଚନା କରାଯାଇଥିଲା। ସୋର ଷ୍ଟେଶନରେ ଅତ୍ୟାବଶ୍ୟକ ହୁଇପ କୋଚ ଇଣ୍ଡିକେଟର, ଅନୁସନ୍ଧାନ କାଉଣ୍ଟର, ଦ୍ୱିତୀୟ ଫୁଟ ଓଭରବ୍ରିଜ ସହିତ ଲିଫ୍ଟ, ଡିସପ୍ଲେ ବୋର୍ଡ, ପୂର୍ବପାଖ ୫ନମ୍ବର ପ୍ଲାଟଫର୍ମକୁ ଯାତାୟାତ ପାଇଁ ରାସ୍ତା ଏବଂ ନନ୍ଦନକାନନ ଏକ୍ସପ୍ରେସ, ଶାଳିମାର-ଚେନାଇ, ପୁରୁଲିଆ-ଭିଲୋପୁରମ, ଖ



ରେଳୱେ ଅଧିକାରୀଙ୍କ ସହ ନାଗରିକ ମଞ୍ଚର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ଭିଲୋପୁରମ, ହାୱଡା ଟ୍ରେନ ସୋରରେ ରହଣି ଆଦି ଦାବିଗୁଡିକ ଉପରେ ଆଲୋଚନା କରାଯାଇଥିଲା। ଦାବିଗୁଡିକ ଯଥାର୍ଥ ବୋଲି ଉପସ୍ଥିତ ଅଧିକାରୀମାନେ ଉପଲବ୍ଧି କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିଶ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିବା ସହିତ ରେଳରୋକୋ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। ପରେ ନାଗରିକ ମଞ୍ଚ ତରଫରୁ ୨୩ ତାରିଖ ରୋଳରୋକୋକୁ ସ୍ଥଗିତ ରଖାଯାଇଥିବା ନାଗରିକ ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତ ସୂଚନା ଦେଇଛନ୍ତି। ଏହି ଆଲୋଚନାରେ ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ, ମାୟାଧର ନାୟକ, ନବକିଶୋର ଦାସ, ରବିନାରାୟଣ ଉପାଧ୍ୟାୟ, ପଞ୍ଚାନନ ଶିଅଳ, ଅନାମଚରଣ ବାରିକ, ଶରତ ଚନ୍ଦ୍ର ମହାନ୍ତି, ବାସୁକୃଷ୍ଣ ମହାପାତ୍ର , ଦାମୋଦର ଦାଶ ମହାପାତ୍ର, ରାଜାରାଣୀ ଜେନା, ମନୋଜ ରାୟ, ପ୍ରଦୀପ ଦାଶ, କମରସିଆଲ ଇନ୍ସପେକ୍ଟର ସାହାବୁଦ୍ଦିନ ସାହା, ଷ୍ଟେଶନ ମ୍ୟାନେଜର ବିଜୟ ମହାଲିକ ଓ କିଶୋର ଭୁୟାଁ ଉପସ୍ଥିତ ଥିଲେ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଭଦ୍ରକ,୧୮।୯ (ରବିନାରାୟଣ ଖିଲାର)


ମହାବୀର ସେବା ସଂଗଠନ, ମାଳଦା ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଚାରାରୋପଣ ଅଭିଯାନ ସାଳନ୍ଦୀ ବାଇପାସଠାରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ କୁମାର ମଲ୍ଲିକ, ଖବରଦାତା ପ୍ରଦୀପ କୁମାର ବଳ, ନବଘନ ଦାସ, ଆଇନଜୀବୀ ଧୀରେନ୍ଦ୍ର ରାୟ, ଯୁବ ନେତା ସୁରେନ୍ଦ୍ର ରାୟ, ହରେକୃଷ୍ଣ ସାହୁ, ସୁରେଶ ମହାନ୍ତି,ସଂଗଠନର ସମ୍ପାଦିକା ରେଣୁବାଳା ଖିଲାର ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ବନ୍ତ,୧୮।୯(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମାପଡ଼ା ଗ୍ରାମର ଧର୍ମପରାୟଣ ମହିଳା ସାବିତ୍ରୀ କରଶର୍ମା(୭୯)ଙ୍କର ବୁଧବାର ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ, ନାତି, ନାତୁଣୀଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ବଡ଼ପୁଅ ଅନ୍ନଦା ପ୍ରସାଦ କରଶର୍ମା ମୁଖାଗ୍ନି ଦେଇଥିଲେ।

# 'ଗୀତି କବିତା ହୃଦୟ, ମନର ସ୍ୱରୂପକୁ ପ୍ରତିପାଦନ କରେ'



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

- ପୁସ୍ତକ 'ଗୀତି କବିତାର ସ୍ବରେ' ଉନ୍ମୋଚିତ
- ଆମ ମାତୃଭାଷା ପରିଷଦର କନ୍ୟା ସଂକ୍ରାନ୍ତି ଆସର

ଭଦ୍ରକ, ୧୮।୯ (ସନାତନ ରାଉତ)

ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀ ନଗରସ୍ଥିତ ଗୁରୁକୃପା ଭବନରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରକୁ ଭଦ୍ରକ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡା. ଅନୀଲ କୁମାର ଦାଶଙ୍କ ଲିଖିତ ପୁସ୍ତକ 'ଗୀତି କବିତାର ଆଭିମୁଖ୍ୟ' ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ଡ. ଗୋଲକ ବିହାରୀ ସାହୁ, ମୁଖ୍ୟବକ୍ତା ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ଗୀତିକାର ଅରୁଣ କୁମାର ପାତ୍ର, ଅନ୍ୟତମ ଅତିଥି ଅଧ୍ୟକ୍ଷ ନିହାର ରଞ୍ଜନ କର, ପୂର୍ବତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ଶିକ୍ଷାବିତ ଗୟାଧର ପଣ୍ଡା, ଉମେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ, ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳି, ନିତ୍ୟାନନ୍ଦ ମିଶ୍ର, ସତ୍ୟ ସେଠୀ, ନାଟ୍ୟଶ୍ରୀ ନିର୍ମଳ ରାଉତ, ପାର୍ଥସାରଥୀ ମହାନ୍ତି ପ୍ରମୁଖ ଯୋଗଦେଇ ଗୀତି କବିତା ହୃଦୟର ଭାବକୁ ସଙ୍ଗୀତରେ ଉପସ୍ଥାପନ କରିବା ସହ ମନକୁ ଛୁଇଁଥାଏ। ଗୀତି କବିତା ହୃଦୟ ଓ ମନର ସ୍ୱରୂପକୁ ପ୍ରତିପାଦନ କରେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଜଗନ୍ନାଥ ନାୟକ ଓ ପୂର୍ବତନ ଅଧ୍ୟକ୍ଷ ଅବନୀ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଅନେକ କବି ସ୍ୱରଚିତ କବିତା ପାଠ କରିଥିଲେ। ସହସମ୍ପାଦିକା ମମତା ରାଣୀ ଦାଶ ମିଶ୍ର ବେଦ ପାଠ ଓ ସମ୍ପାଦକୀୟ ପାଠ କରିଥିବା ବେଳେ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ କରିଥିଲେ। ଇଂ. ଦେବୀକିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ ମଞ୍ଚ ପରିଚାଳନା ଓ ବୈକୁଣ୍ଠନାଥ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ସୋଲାର ଡିଭିଜନ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୧୮।୯(ସନାତନ ରାଉତ/ ରବିନାରାୟଣ ଖିଲାର)

ବିଶ୍ୱକର୍ମା ପୂଜା ଅବସରରେ ବୁଧବାର ଭଦ୍ରକ କଲେଜରୋଡ୍‌ରେ ଥିବା ମାକ୍ରୋୱେଭ୍ କ୍ୟାମ୍ପସରେ ମାକ୍ରୋୱେଭ୍ ସୋଲାର ଡିଭିଜନ ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପି ଅଭିମନ୍ୟୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ପିଏମ୍ ସୂର୍ଯ୍ୟଘର ବିଜୁଳି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଯୋଜନାରୁ ସମସ୍ତେ ଫାଇଦା ନେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଯୋଜନାର ଲାଭ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଟିପିଏନ୍‌ଓଡିଏଲ୍ ମୁଖ୍ୟଯନ୍ତ୍ରୀ ରାଜୀବ ନାୟକ ଯୋଜନା ସମ୍ପର୍କରେ ଅନୁଷ୍ଠାନର ଛାତ୍ରୀଛାତ୍ର ଓ ଅତିଥିମାନଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧୀକ୍ଷଣଯନ୍ତ୍ରୀ ଉପେନ୍ଦ୍ରନାଥ ସାହୁ, ନିର୍ବାହୀଯନ୍ତ୍ରୀ ରଶ୍ମିରଞ୍ଜନ ବେହେରା ସାମିଲ ହୋଇଥିଲେ। ମାକ୍ରୋୱେଭ୍ ସୋଲାର ଡିଭିଜନର ପ୍ରଯୋଜକ ମୁଖ୍ୟ ସତନ୍ତୁ ସାହା ଏବଂ ଟେକ୍ନିକାଲ ମୁଖ୍ୟ ବିଧାନ ସାହା ସୂର୍ଯ୍ୟଶକ୍ତି କିପରି ଉତ୍ପାଦନ ହେଉଛି ଆବଶ୍ୟକୀୟ ଯନ୍ତ୍ରପାତି ବ୍ୟବହାର କରି ପ୍ରଦର୍ଶିତ କରାଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ନମ୍ରତା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ରାୟ ସ୍ୱାଗତ ଭାଷଣ ଦେଇଥିଲେ।


## ବାବାମଣି ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ଧୂଷୁରୀ,୧୮।୯(ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ପାଳସାହିସ୍ଥିତ ବାବାମଣି ଡିଗ୍ରୀ ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନିକୁଞ୍ଜ କିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ବିଜୟ କୁମାର ଦାଶ, ସୁବାସ ଚନ୍ଦ୍ର ପଣ୍ଡା, ବ୍ରଜ ମୋହନ ମହାପାତ୍ର, କୃଷ୍ଣଚନ୍ଦ୍ର କବି, ନିଗମାନନ୍ଦ ସାମନ୍ତ, କେଶବକର ପଣ୍ଡା, ମନ୍ଦାକିନୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ରାଉତ, ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅବଲୋକନ କରିଥିଲେ। ପରେ ଅଧ୍ୟାପିକା ଶୁଭ ସଙ୍ଗୀତା ବିଶ୍ୱାଳ ଓ ପ୍ରଣତି ପଟ୍ଟନାୟକଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୩ ଶିକ୍ଷା ବିଭାଗର ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଗୀତ ନାଚ ମାଧ୍ୟମରେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।


ସାଂସ୍କୃତିକ ମଞ୍ଚରେ ଉପସ୍ଥିତ ଥିବା ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

# 'ସଂଗ୍ରାମର ଇତିହାସ ଜାଣନ୍ତୁ ଉତ୍ତରପିଢ଼ି'


ବୈଠକରେ ଉପସ୍ଥିତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ଭଦ୍ରକ,୧୮।୯ (ସନାତନ ରାଉତ)

### ୨୦ରେ ଜିଲାସ୍ତରୀୟ ପ୍ରତିଯୋଗିତା

ଭଦ୍ରକ ଜିଲାର ଐତିହାସିକ ଲୁଣିଆ ଗୁଳିକାଣ୍ଡର ସ୍ମୃତି ସ୍ମାରକୀ ୮୩ ତମ ଶହୀଦ ଦିବସ ଆସନ୍ତା ୨୨ ତାରିଖରେ ଧାମନଗର ବ୍ଲକର ଶହୀଦ ନଗରଠାରେ ପାଳନ କରାଯିବ। ଏନେଇ ଭଦ୍ରକ ସର୍କିଟ୍ ହାଉସରେ ଏକ ପ୍ରସ୍ତୁତି ବୈଠକ ଶହୀଦ ସ୍ମୃତି ରକ୍ଷା ସମିତିର ସଭାପତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଆନ୍ଦୋଳନରେ ଲୁଣିଆ ଗୁଳିକାଣ୍ଡର ଅମର ଶହୀଦଙ୍କ ବୀରତ୍ୱର କଥା ଓ ସଂଗ୍ରାମୀଙ୍କ ଇତିହାସ ବିଷୟରେ ଉତ୍ତରପିଢ଼ି ଜାଣିବାର ଆବଶ୍ୟକତା ଥିବାରୁ ଜିଲାସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

କମିଟିର ଉପସଭାପତି ଖବରଦାତା ବୈକୁଣ୍ଠ ନାଥ ସାହୁଙ୍କ ସଂଯୋଜନାରେ ବରିଷ୍ଠ ନେତା ଅଶୋକ ପୁହାଣ, ନାରାୟଣ ସାହୁ, ରଘୁନାଥ ଲେଙ୍କା, ମନୋରଞ୍ଜନ ମଲ୍ଲିକ, ଚତୁର୍ଭୁଜ ନାୟକ, ଦେବେନ୍ଦ୍ର ପୁହାଣ, ଜୟନ୍ତ ନାୟକ, ଅଜୟ ବଳ, ଅରବିନ୍ଦ ପତି, ସଞ୍ଜୀବ ବେହେରା, ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ, ସୂରଜ ସାହୁ, ମାନସ ଜେନା, ତୁଷାର ମିଶ୍ର, ସନ୍ତୋଷ ସାହୁ, ଅଭିମନ୍ୟୁ ନାୟକ, ସନ୍ତୋଷ ନାୟକ, ଜନାର୍ଦ୍ଦନ ହାଜରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୦ ତାରିଖ ଭଦ୍ରକ ଜିଲାର ସ୍କୁଲ ଏବଂ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବକ୍ତୃତା, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବୈଠକରେ ସମିତି ପକ୍ଷରୁ ସୂଚନା ଦିଆଯାଇଛି। ସାଧାରଣ ସମ୍ପାଦକ ଗୟାଧର ନାୟକ ଧନ୍ୟବାଦ ଦେଇଥିଲେ।

## ବ୍ରାଉନ୍‌ସୁଗାର, ଗଞ୍ଜେଇ ଜବତ: ୩ ଗିରଫ

ଭଦ୍ରକ,୧୮।୯ (ସନାତନ ରାଉତ)


ଜବତ ଗଞ୍ଜେଇ ସହ ଗିରଫ ୨ ଅଭିଯୁକ୍ତ।

ଭଦ୍ରକ ଜିଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଭ୍ରାମ୍ୟମାଣ ଇନ୍ସପେକ୍ଟର ସୁଶ୍ରୀ ସଙ୍ଗୀତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଭଦ୍ରକ ସହର ବନ୍ତଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରାନ୍ଧିଆ ବେଦାନ୍ତ ଫେକର୍ ନିକଟରୁ ୩୦ ଗ୍ରାମର ବ୍ରାଉନସୁଗାର୍ ଜବତ କରିବା ସହିତ ଭଦ୍ରକ ଗ୍ରାମାଞ୍ଚଳ ଥାନା ଚେଙ୍ଗଗଡ଼ିଆ ଗ୍ରାମର ଅଜୟ ପଢ଼ିଆରୀକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜବତ ହୋଇଥିବା ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ସବ୍‌ଇନ୍ସପେକ୍ଟର ରବି ବେହେରା, ଏଏସ୍‌ଆଇ ବିଜୟ ମଲ୍ଲିକ, କନଷ୍ଟେବଲ ମିଥୁନ ଜେନା, ସୁବାଶିଷ ରାଉତ ଓ ବିଭୁପ୍ରସାଦ ମଲ୍ଲିକ ସାମିଲ ଥିଲେ। ଏନେଇ ଭଦ୍ରକ ଭ୍ରାମ୍ୟମାଣ ୟୁନିଟ୍ ପକ୍ଷରୁ ମାମଲା (ନଂ ୨୮୧/୨୫-୨୬) ରୁଜୁ କରାଯାଇଛି। ବାସୁଦେବପୁର ଅବକାରୀ ଟିମ୍ କୁମାରପୁର ଗ୍ରାମରେ ଚଢ଼ାଉ କରି ୪.୫ କିଲୋ ଗଞ୍ଜେଇ ଜବତ କରିବା ସହ ସୁଧାଂଶୁ ସାହୁକୁ ଗିରଫ କରାଯାଇଛି। ସେହିପରି ବେକମୁଡ଼ି ଛକ ନିକଟରେ ଏକ ବାଇକ୍ ସହ ୩ କିଲୋ ଗଞ୍ଜେଇ ଜବତ ହେବା ସହ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜୟ ସାହୁକୁ ଗିରଫ କରାଯାଇଛି।

## ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଚାରାରୋପଣ

ଧାମନଗର,୧୮।୯(ଦେବେନ୍ଦ୍ର ଆନ୍ଦୀଆ)

ଭଦ୍ରକ ଜିଲା ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁବାର ଖଡ଼ିପଦା ପଞ୍ଚାୟତସ୍ଥିତ କାବେଶ୍ୱର ମହାଦେବ ମନ୍ଦିର ପରିସରରେ ଚାରାରୋପଣ କରାଯାଇଛି। ପରେ ଖଡ଼ିପଦା ହାଇସ୍କୁଲ ନିକଟରେ ଥିବା ଧୀରେନ୍ଦ୍ର ନାରାୟଣ ଲାଇବ୍ରେରି ପରିସରରେ ପରିଷଦ ପକ୍ଷରୁ ପରିବେଶ ସୁରକ୍ଷା ଓ ଆମ ଦାୟିତ୍ୱ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରିଷଦର ଉପସଭାପତି ହୃଦାନନ୍ଦ କରଙ୍କ ସଂଯୋଜନାରେ ଯାଜପୁରର ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ମନୋଜ କୁମାର ଜେନା, ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜ, ପୂର୍ବତନ ଏବିଇଓ ଭୋଳାନାଥ ସାହୁ, ଶିକ୍ଷାବିତ୍ କୃତୀବାସ ତ୍ରିପାଠୀ, କାନ୍ତ ସାହିତ୍ୟ ପରିଷଦ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ଶିକ୍ଷାବିତ୍ ଅଭିମନ୍ୟୁ ମଲିକ, ପ୍ରିୟ ରଞ୍ଜନ ସାମଲ, ଦାମୋଦର ନନ୍ଦ, ଅରୂପ ନନ୍ଦ, ପ୍ରଭାତ ତ୍ରିପାଠୀ, ବିଶ୍ୱନାଥ ଦାସ, ବାସୁଦେବ ପରିଡ଼ା, ବିଜୟ ଶଙ୍କର, ସୁବାଷ ନନ୍ଦ, କୁଳମଣି ବେହେରା, ରତ୍ନାକର ପୃଷ୍ଟି, ରାକେଶ ନନ୍ଦ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଯୁବ ସମାଜର ଦାୟିତ୍ୱ ଅନେକ ରହିଛି। ପ୍ରତ୍ୟେକ ମଣିଷ ଜୀବନ କାଳ ମଧ୍ୟରେ ଗୋଟିଏ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସାମାଜିକକର୍ମୀ ଡା. ବିକାଶ ନାରାୟଣ ନନ୍ଦକୁ ସେବା ପାଇଁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସମ୍ପାଦକ ପ୍ରଦୀପ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶାନ୍ତ ସାହୁ, ବିଶ୍ୱଜିତ୍ ପଲାଇ, ସରୋଜ ଖୁଣ୍ଟିଆ ପରିଚାଳନା କରିଥିଲେ। ଶେଷରେ ପରିଷଦର ଉପଦେଷ୍ଟା କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ୭୫ ଦୀପ ପ୍ରଜ୍ୱଳନ

ଚାନ୍ଦବାଲି,୧୮।୯(କିଷାନ ପାତ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ପାଳନ ଅବସରରେ ଚାନ୍ଦବାଲି ମା' ଦକ୍ଷିଣେଶ୍ୱରୀ କାଳୀ ମନ୍ଦିରରେ ଭାଜପା ପକ୍ଷରୁ ୭୫ଟି ଦୀପଜାଳି ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ଜୀବନ ପାଇଁ ପ୍ରାର୍ଥନା କରିଥିଲେ। ବୁଧବାର ରାତି ୮ଟାରେ ମନ୍ଦିର ପୂଜକଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା ଓ ମନ୍ତ୍ରପାଠ କରାଯାଇଥିଲା। ପରେ ସମୂହ ଦୀପଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଉପେନ୍ଦ୍ର ରାଉଳ, ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଣି, ଏନ୍‌ଏସି ଯୁବମୋର୍ଚ୍ଚା ସଭାପତି ବିକାଶ ନାୟକ, ସ୍ମୃତିରଞ୍ଜନ ନାୟକ, ଦିଲ୍ଲୀପ ରାଉତ, ସବ୍ୟସାଚୀ ମହାନ୍ତି, ପ୍ରଭାଷ ଶୁଭଦର୍ଶନ ମହାନ୍ତି, ଅଭୟ ସାମଲ, କାହ୍ନୁ ବେହେରା, ବିଜୟ ବେହେରା, ଚକ୍ରଧର ତାତୁ, ଦିବେନ୍ଦୁ ମହାପାତ୍ର, ରାଜନାରାୟଣ ନାୟକ, ଲକ୍ଷ୍ମୀଧର ସେନାପତି, ପ୍ରମୋଦ ସେଠୀ, କୃଷକନେତା ସନ୍ତୋଷ ବାରିକ, ବିଷ୍ଣୁ ଦାସ, ଆଇନଜୀବୀ ପ୍ରଶାନ୍ତ ଦାସ, ଚନ୍ଦନ ନାୟକ, ଗୌରହରି ବିଶ୍ୱାଳ, ଉଦୟ କେତନ ବିଶ୍ୱାଳ ପ୍ରମୁଖ ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ଥିଲେ।


୭୫ ଦୀପ ଜାଳୁଛନ୍ତି।

## ବଡ଼ ସରକାର ବାବାଙ୍କ ଉର୍ଷ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଭଦ୍ରକ,୧୮।୯(ସନାତନ ରାଉତ)

ଭଦ୍ରକ ପୁରୁଣାବଜାରସ୍ଥିତ ମୁଲ୍ଲାସାହିରେ ବଜମେ ହବିବ କମିଟି କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଅସରଫ୍ ଅଲି ଖାନଙ୍କ ସଭାପତିତ୍ୱ ଓ ସମ୍ପାଦକ ଇମତିୟାଜ ଖାନଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ହଜରତ ସୈୟଦ ଶାହା ନସିମ ଅଖତର କାଦରୀ ଓରଫ୍ ବଡ଼ ସରକାର ବାବାଙ୍କ ୧୧ ତମ ବାର୍ଷିକ ଉତ୍ସବ ଆସନ୍ତା ୨୩ ଓ ୨୪ ତାରିଖ ୨ ଦିନ ଧରି ପାଳନ ହେବ ବୋଲି ସିଦ୍ଧାନ୍ତ କରାଯାଇଛି। ୨୩ ତାରିଖ ଅପରାହ୍ନ ୪ଟାରେ ଖାନକାହାଠାରେ ସାନ ସରକାର ଓ ବଡ଼ ସରକାର ବାବାଙ୍କ ମଜାରରେ ଚାଦର ଚଢ଼ାଯିବ। ୨୪ ତାରିଖ ସକାଳେ ଖାନ୍‌କାହାରେ ଫାତେହା କାର୍ଯ୍ୟକ୍ରମ ଓ ୧୧ଟାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ବାବାଙ୍କ ଭକ୍ତମାନଙ୍କୁ ଖାଇବାର (ଲଙ୍ଗର) ବ୍ୟବସ୍ଥା କରାଯାଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଭକ୍ତମାନଙ୍କ ପାଇଁ ସମ୍ପୂର୍ଣ୍ଣ ସୁବ୍ୟବସ୍ଥା ସେବା ଯୋଗାଇ ଦିଆଯିବ ଓ ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଉପସଭାପତି ମିର୍ଜା ଜାକିର ବେଗ, ଉପଦେଷ୍ଟା ମିର୍ଜା ଏକ୍ରାମ ବେଗ, ସେକ ଆସିଫ୍, ସେକ ଗୋଲାବ, ସେକ ମୁନ୍ନା, ସେକ ଗୁଲଜାର, ସେକ କୌଶର, ସେକ ଲାଲୋ, ସେକ ହମିଦୁଲ୍ଲା, ସେକ ଅଜିଜୁଲ୍ଲା, ମିର୍ଜା ରାଜୁ, ସେକ ଅବଦୁଲ ମୁସଲିମ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ

ଭଣ୍ଡାରିପୋଖରୀ,୧୮।୯ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ ଲକ୍ଷ୍ମୀଧର ନାୟକଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ବିଦ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୌତମ ପାତ୍ରଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରୀତିକାନ୍ତ ରାଉତ ସଭାକାର୍ଯ୍ୟ ସଞ୍ଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଅନ୍ୟତମ ଅତିଥି ପୂର୍ବତନ ଶିକ୍ଷକ ଭାଗିରଥୀ ବେହୁରିଆ, ସୁରେନ୍ଦ୍ର ବେହେରା, ଯଦୁମଣି ଦାସ, ନବକିଶୋର ପରିଡ଼ା, ନୀଳମଣି ନାୟକ, ଅଶୋକ ଯେନା, ଜଗନ୍ନାଥ ମହାନ୍ତି, ଦିଲୀପ ଓଝା, ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ଗୁଣଗାନ କରିଥିଲେ। ପ୍ରସନ୍ନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାମଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନିଳୋତ୍ପଳା ମହାନ୍ତି, ବିଜୟା ମଲ୍ଲିକ, ବେବିନା ଯେନା, ପ୍ରିୟଦର୍ଶିନୀ ବେହେରା, ଧରଣୀଧର ଦାସ, ସନ୍ତୋଷ ଯେନା, ବିକାଶ ଦାସ, ଶଶିଭୂଷଣ ମଲ୍ଲିକ, ସତ୍ୟରଞ୍ଜନ ମଲ୍ଲିକ, କରୁଣାକର ନାୟକ, ଅର୍ଜୁନ ଯେନା, ବ୍ରଜ ଓଝା ପ୍ରମୁଖ ପରିଚାଳନା କରିଥିଲେ।



ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଜିଲାପାଳ ଅଫିସ ଘେରିଲା ବିଜେଡି

ଭଦ୍ରକ,୧୮।୯ (ସନାତନ ରାଉତ)


ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ, ପୌରାଧ୍ୟକ୍ଷା ଓ ଅନ୍ୟମାନେ।

### ପୌରାଧ୍ୟକ୍ଷାଙ୍କୁ ଅସମ୍ମାନ ପ୍ରସଙ୍ଗ

ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ୍‌ଙ୍କୁ ଭଦ୍ରକ ତହସିଲଦାର ଓ ମହିଳା ପୋଲିସ କର୍ମଚାରୀ ଅସମ୍ମାନ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗୁରୁବାର ବିଜେଡ଼ି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏ ନେଇ ଜିଲାପାଳଙ୍କୁ ଏକ ଦାବିପତ୍ରପ ପ୍ରଦାନ କରାଯାଇଛି।

ପ୍ରକାଶ ଥାଉକି, ମଙ୍ଗଳବାର ଭଦ୍ରକ ସହରର ବାଇପାସ୍ ଛକ ନିକଟରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବେଳେ ଥଇଥାନ ଦାବି କରି ଏହାକୁ ପୌରାଧ୍ୟକ୍ଷା ବିରୋଧ କରିଥିଲେ। ଏ ନେଇ ଭଦ୍ରକ ତହସିଲଦାରଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ଟାଉନ ହଲ ନିକଟରୁ ବିଜେଡି ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରାବାଜି ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ବିଜେଡ଼ି ଯୁବନେତା ପଙ୍କଜ ବଳଙ୍କ ସଂଯୋଜନାରେ ପୂର୍ବତନମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ୍, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ପ୍ରମୁଖ ଜଣେ ପ୍ରଶାସନିକ ଅଧିକାରୀ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ସର୍ବସମ୍ମୁଖରେ ଅସମ୍ମାନ କରିବା ନିନ୍ଦନୀୟ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ଦାବି ଜଣାଇଥିଲେ। ଗତ ୨ ବର୍ଷ ଧରି ସହରରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୋଟିଏ ବି ଦୋକାନ ଘର କରାଯାଇ ସେମାନଙ୍କୁ ଥଇଥାନ କରାଯାଇନାହିଁ ବୋଲି ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଜାହିଦ ହବିବ, ବ୍ଲକ୍ ସଭାପତି ପ୍ରଫୁଲ୍ଲ ନାୟକ, ଦିଲୀପ ନାୟକ, ଅଞ୍ଜନ ଜେନା, ରଞ୍ଜନ ଜେନା, ଶେଖ୍ ଜକାଉଲ୍ଲା, ଶେଖ ଜହିରୁଦ୍ଦିନ, ଶହୀଦ ଖାଁ, ସାୟଦ ନସର ଅଲ୍ଲୀ, ରଘୁନାଥ ପଣ୍ଡା, ନାସିରୁଦ୍ଦିନ ଖାଁଙ୍କ ସମେତ ଦଳୀୟ କର୍ମୀ ଓ କେତେକ କାଉନ୍‌ସିଲର ସାମିଲ ହୋଇଥିଲେ। ଶେଷରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

# କମୁଛି ବିଦେଶୀ ପର୍ଯ୍ୟଟକଙ୍କ ଆଗମନ

## ସଜଡ଼ାଯାଉନି ଭିତ୍ତିଭୂମି, ୪ ବର୍ଷରେ ଆସିଛନ୍ତି ୨୦୮

କେନ୍ଦୁଝର,୧୮।୯(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ପର୍ଯ୍ୟଟନ କ୍ଷେତ୍ର ପାଇଁ ପ୍ରଚୁର ସମ୍ଭାବନା ରହିଛି। ଝରଣା, ଜଙ୍ଗଲ, ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ବିମୋହିତ କରେ। ମାତ୍ର ଏଠାକାର ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ସଜଡ଼ାଯାଉ ନ ଥିବାରୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ କମୁଛି। ବିଗତ ୪ ବର୍ଷରେ ମାତ୍ର ୨୦୮ ଜଣ ବିଦେଶୀ ପର୍ଯ୍ୟଟକ ଜିଲାକୁ ବୁଲିବାକୁ ଆସିଛନ୍ତି। ମୋଟାମୋଟି ଭାବେ ବିଦେଶୀ ପର୍ଯ୍ୟଟକ କେନ୍ଦୁଝରକୁ ତାଙ୍କର ଡେଷ୍ଟିନେସନ ଭାବେ ଗ୍ରହଣ କରୁ ନ ଥିବା ଦେଖାଯାଉଛି। ପ୍ରକାଶ ଯେ, ଗତ କିଛିବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଘଟଗାଁ ତାରିଣୀ ମନ୍ଦିର, ଗୋନାସିକା, ସାନ ଘାଗରା, ବଡ଼ ଘାଗରା, ହାଣ୍ଡିଭଙ୍ଗା, ଗୁଣ୍ଡିଚାଘାଗି, ମୁର୍ଗା ମହାଦେବ, ସୀତାବିଞ୍ଜ, କୁଶଳେଶ୍ୱର, ଖଣ୍ଡାଧାର, କାଞ୍ଜିପାଣି, ଗଡଚଣ୍ଡୀ ଚକ୍ରତୀର୍ଥ, କେଶରୀକୁଣ୍ଡ, ହଦଗଡ଼, ରାଜନଗରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଛି। ପରବର୍ତ୍ତୀ ସମୟରେ ପର୍ଯ୍ୟଟନ ବିଭାଗର ଚିଠି ନମ୍ବର ୨୨୨୧ ଅନୁସାରେ, ତେଲକୋଇ ବ୍ଲକ୍ ଅନ୍ତର୍ଗତ ଟେଙ୍କେରକାଳି, ବାଂଶପାଳ ବ୍ଲକ୍ର ଗିଡି ବନ୍ଧ, ଝୁମ୍ପୁରା ବ୍ଲକ୍ର କାଇପୋଖରୀ, ଘଟଗାଁ ବ୍ଲକ୍ର କାଞ୍ଚିଆ, ବାନ୍ସାପାଳ ବ୍ଲକର ଆନନ୍ଦପୁର ବ୍ଲକ୍ର ଦେବଗୁଡିଶିଳା ଏବଂ ପାଟଣା ବ୍ଲକ୍ର ଡାବରକୁଆଁ ପର୍ଯ୍ୟଟନସ୍ଥଳକୁ ମାନ୍ୟତା ମିଳିଛି। ନୂତନ ଭାବେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ଏବଂ ପୂର୍ବରୁ ପାଇଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ରାସ୍ତିପଥ ବ୍ୟବସ୍ଥା, ପାର୍କିଂ ସୁବିଧା, ଗମନାଗମନ, ଡ୍ରାଫ୍‌ଟାଗ୍ରାର, ପାର୍କ, ବୋଟିଂ ବ୍ୟବସ୍ଥା ଆଦି ହୋଇନାହିଁ। ଫଳରେ ଉକ୍ତ ପର୍ଯ୍ୟଟନସ୍ଥଳୀରେ କେବଳ ଆଞ୍ଚଳିକ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ମାତ୍ର ବିଦେଶୀ ପର୍ଯ୍ୟଟକଙ୍କୁ ଉକ୍ତ ସ୍ଥାନଗୁଡ଼ିକ ଆକୃଷ୍ଟ କରିପାରୁନି। ବଡ଼ ଘାଗରା, ସାନ ଘାଗରାରେ କିଛିକାଂଶରେ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ଏ କ୍ଷେତ୍ରରେ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଲେ ରାଜ୍ୟ ଓ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିପାରିବ। ସୂଚନାଯୋଗ୍ୟ, ୨୦୧୯-୨୦ ଆର୍ଥିକ ବର୍ଷରୁ ୨୦୨୪-୨୫ ବର୍ଷର ଡିସେମ୍ବର ପର୍ଯ୍ୟନ୍ତ ରାଜ୍ୟକୁ ମୋଟ ୩୪, ୧୩୯ ଜଣ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି। ସେଥି ମଧ୍ୟରୁ କେନ୍ଦୁଝରକୁ ୨୦୨୩ ପର୍ଯ୍ୟନ୍ତ ୧୫୩ ଜଣ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି। ସେଥି ମଧ୍ୟରୁ ୨୦୨୧ ବର୍ଷରେ କେନ୍ଦୁଝରକୁ ୩ ଜଣ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି, ୨୦୨୨ରେ ୩୯ ଏବଂ ୨୦୨୩ ବର୍ଷରେ ୧୧୧ ଜଣ ବିଦେଶୀ ପର୍ଯ୍ୟଟକ କେନ୍ଦୁଝରକୁ ବୁଲିବାକୁ ଆସିଛନ୍ତି। ସେହିପରି ୨୦୨୪ରେ କେନ୍ଦୁଝରକୁ ୩୩ ଲକ୍ଷ ୧୯ ହଜାର ୪୦ ଜଣ ଦେଶ ଭିତରର ପର୍ଯ୍ୟଟକ ଆସିଥିବା ବେଳେ ମାତ୍ର ୫୫ ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷେ ୨୦୨୩ରେ ଘଟଗାଁକୁ ଆସିଛନ୍ତି ସର୍ବାଧିକ ୭ ଲକ୍ଷ ୮୬ ହଜାର ୨୧୬ ଜଣ ପର୍ଯ୍ୟଟକ ଆସିଥିଲେ। ଗଡ଼ଚଣ୍ଡୀ ଚକ୍ରତୀର୍ଥକୁ ସବୁଠୁ କମ୍ ୬୨, ୬୭୨ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ନାୟକ କହିଛନ୍ତି, ଏ ଦିଗରେ ସରକାର ସଚେତନ ଅଛନ୍ତି। ବିଦେଶୀ ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରାଯିବ। ସେ ନେଇ ଯୋଜନା ଆରମ୍ଭ ହୋଇଛି।



ସାନଘାଗରା ପର୍ଯ୍ୟଟନସ୍ଥଳୀ।

# ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ

ଘଟଗାଁ,୧୮।୯(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ଶିଶୁ ଓ ମାତୃଭବନ ସମ୍ମିଳନୀ କକ୍ଷରେ 'ସୁସ୍ଥ ନାରୀ: ସଶକ୍ତ ପରିବାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ମଧ୍ୟପ୍ରଦେଶରୁ ଏହି ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଏଲ୍ଇଡ଼ି ସ୍କ୍ରିନ ଯୋଗେ ଏହାର ସିଧାପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ଅତିଥିରୂପେ କେନ୍ଦୁଝର ଏମ୍ପି ଅନନ୍ତ ନାୟକ ଯୋଗଦେଇ ଉପସ୍ଥିତ ଜନସାଧାରଣ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୋଦ ବିହାରୀ ମିଶ୍ର, ଡା. ମୁକ୍ତିକାନ୍ତ ନାୟକ, ଏମ୍ପିଙ୍କ ପ୍ରତିନିଧି ଅଖିଳ ଚନ୍ଦ୍ର ପାତ୍ର, ଘସିପୁରା ବିଧାୟକ ପ୍ରାର୍ଥୀ ତଥା ସାହିତ୍ୟିକ ଡ଼. ଶମ୍ଭୁନାଥ ରାଉତ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଜୟ କୃଷ୍ଣ ମହାପାତ୍ର, ଏବିଡ଼ିଓ ଚିତ୍ତରଞ୍ଜନ ନାୟକ, ଆଇଆଇସି ଶୁଭାଶ୍ରୀ ଜେନା ଓ ତ୍ରିପୁରାରୁ ଆସିଥିବା ପ୍ରଶିକ୍ଷାର୍ଥୀ ଡାକ୍ତରମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଶିକ୍ଷାଧିକାରୀ ହରେକୃଷ୍ଣ ନାୟକ, ସିଡିପିଓ ଜୟଶ୍ରୀ ମହାନ୍ତ, ସାମାଜିକକର୍ମୀ ରବିନାରାୟଣ ଦେହୁରୀ, ମୁକୁନ୍ଦପୁର ସରପଞ୍ଚ ଅନପୂର୍ଣ୍ଣା ଦେହୁରୀ, ସଞ୍ଜୟ ମିଶ୍ର, ରୁଦ୍ର ପ୍ରସାଦ ବେହେରା, ଭିଭିଏସ ତରୁଣ ଶଙ୍କର, ମନୋରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ଶିବିର ଏବଂ ପୋଷଣ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ୩୦୦ରୁ ଊର୍ଦ୍ଧ୍ୱ ମହିଳା ଏଥିରେ ଅଂଶଗ୍ରହଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପୋଷଣ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍ପି ଅନନ୍ତ ନାୟକ ଓ ଅନ୍ୟ ଅତିଥିମାନେ।

# ପୋଲିସ ଗାଡ଼ି ଧକ୍କାରେ ୨ ଯୁବକ ଗୁରୁତର

ଆନନ୍ଦପୁର,୧୮।୯(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ରାଜ୍ୟ ରାଜପଥ ୫୩ର ଚାରିମାଇଲା ନିକଟରେ ପୋଲିସ ଗାଡ଼ି ଧକ୍କାରେ ୨ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଦୁଇ ଯାଜପୁର ଜିଲା କୋରେଇ ଥାନା ଅଞ୍ଚଳ ପାଟରଙ୍ଗା ଗାଁର ରବୀନ୍ଦ୍ର ଦେହୁରୀ ଓ ସୋନୁ ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ରବୀନ୍ଦ୍ର ଓ ସୋନୁ ବୁଧବାର ରାତି ପ୍ରାୟ ୯ଟା ସମୟରେ ଛେନାପଦିରୁ ଆନନ୍ଦପୁର ଆଡକୁ ଆସୁଥିଲେ। ରାଜ୍ୟ ରାଜପଥ ୫୩ର ଚାରିମାଇଲା ନିକଟରେ ପୋଲିସ ପାଟ୍ରୋଲିଂ ଭ୍ୟାନ ସହ ତାଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟେ ରାସ୍ତାରେ ଛିଟିକିପଡ଼ି ଅଚେତ ଅବସ୍ଥାରେ ପଡ଼ିଥିଲେ। ଉଭୟ ଯୁବକଙ୍କୁ ପୋଲିସ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

# 'ଆସ ସ୍କୁଲ ଯିବା' ପଦଯାତ୍ରା




ପଦଯାତ୍ରାରେ ଯୋଗଦେଇଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

ଯୋଡ଼ା,୧୮।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆସ ସ୍କୁଲ ଯିବା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧାରୁ ପାଠ ଛାଡୁଥିବା, ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ଶିକ୍ଷାର୍ଥୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ବିଦ୍ୟାଳୟର ୧୫୦ରୁ ଅଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହାୟତାରେ ଯୋଡ଼ା ଉଚ୍ଚ ବିଦ୍ୟାଳୟରୁ ହୁଡ଼ିସାହି, ସିଗ୍ରିସେସନ, ଗୋଲଡେନ୍ କ୍ୟାମ୍ପ ପଦଯାତ୍ରା କରି ସଚେତନତା ବାର୍ତ୍ତା ଦିଆ ଯାଇଥିଲା।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

କେନ୍ଦୁଝର/ଢେଙ୍କିକୋଟ,୧୮।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ନୀଳମଣି ମଣ୍ଡଳ): କେନ୍ଦୁଝର ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ବାଦୁଡ଼ିଘେରା ଗ୍ରାମରେ ଗୁରୁବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ବହୁଲିଘେରା ଗ୍ରାମର ଗୌତମ ମହାନ୍ତଙ୍କ ପୁଅ ରାଜେଶ ମହାନ୍ତ (୨୨)। ସୂଚନା ଅନୁଯାୟୀ, ରାଜେଶ ଗୁରୁବାର ସକାଳେ ଚାଷ କାର୍ଯ୍ୟ ପାଇଁ ଶ୍ରମିକ ସଂଗ୍ରହ କରିବାକୁ ବାଇକ୍ ଯୋଗେ ବଡ଼ପିଣ୍ଡୁଲା ଗାଁକୁ ଯାଇଥିଲେ। ସେଠାରୁ ଫେରିବା ସମୟରେ ବଡ଼ପିଣ୍ଡୁଲା ଗାଁର ଏକ ଆମ୍ବ ତୋଟାରେ ଗୋଟିଏ ଦାନ୍ତହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ରାଜେଶଙ୍କୁ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ପାଟି ଶୁଣି ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ରାଜେଶଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝରର ଧରଣୀଧର ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହାତୀ ସ୍କ୍ୱାଡ୍ ଦଳ ଏବଂ ବନ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ଲୋକଙ୍କୁ ସଚେତନ କରିଛନ୍ତି। ଟାଉନ ଥାନା ପୋଲିସ ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନରଶପୁର ଫରେଷ୍ଟ ବିଟ୍ ବନ ଅଧିକାରୀ କାଳନ୍ଦି ସାମଲ କହିଛନ୍ତି, ଦେଓବନ୍ଦ ଜଙ୍ଗଲରୁ ବସନ୍ତପୁର ଜଙ୍ଗଲକୁ ଯାଉଥିବା ହାତୀଟିକୁ ବଡ଼ପିଣ୍ଡୁଲାରେ ଗାଁର ଲୋକମାନେ ଘେରାବନ୍ଦୀ କରିବାରୁ ହାତୀଟି ଜଙ୍ଗଲକୁ ଯାଇପାରିଲାନାହିଁ। ଉକ୍ତ ଆମ୍ବ ତୋଟାରେ ଲୁଚି ରହିଥିଲା। ସେହି ରାସ୍ତାରେ ବାଇକ ଯୋଗେ ଯାଉଥିବା ରାଜେଶଙ୍କୁ ଆକ୍ରମଣ କରିଥିଲା ମୃତକଙ୍କ ପରିବାର ସଦସ୍ୟଙ୍କୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ। ତୁରନ୍ତ ରାଜେଶଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରନ୍ତୁ ବୋଲି ଗ୍ରାମବାସୀ କହିଛନ୍ତି।

# ଆବାସ ଯୋଜନାରେ ବିସ୍ଥାପିତଙ୍କୁ ଯୋଡ଼ିବା ଦାବି

ଯୋଡ଼ା,୧୮।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାସୁଦେବପୁରସ୍ଥିତ କାନପୁର ବୃହତ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଡ଼ିବାକୁ ଦାବି ହୋଇଛି। ଏ ନେଇ ବିସ୍ଥାପିତ ଲୋକେ ଜିଲାପାଳଙ୍କୁ ଜଣାଇଛନ୍ତି। ପ୍ରକାଶ ଯେ, ପ୍ରକଳ୍ପ ଯୋଗୁ ସମ୍ପୂର୍ଣ୍ଣଭାବେ ରେଭେଣ୍ଡାପୁର (କ), ରେଭେଣ୍ଡା ପୁର (ଖ), ଧୋବା କୁଦୁଡ଼ା, ରୁଗୁଡ଼ି ମୌଜାର ଲୋକେ ବିସ୍ଥାପିତ ହୋଇଛନ୍ତି। ବିସ୍ଥାପିତମାନେ ଜମି କ୍ଷତିପୂରଣ ପାଇ ଅନ୍ୟତ୍ର ଗୃହ ନିର୍ମାଣ କରି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଛନ୍ତି। ସେମାନେ ଭୂମିହୀନ ପ୍ରଭାବରେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତିକୁ ଯାଞ୍ଚ କରି ସେମାନଙ୍କୁ କିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଏ ନେଇ ବିସ୍ଥାପିତ ପରିବାର ଲିଖିତଭାବେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି।

# ୧୬ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ବଉଳା /ଛେନାପଦି/ ହାଟଡ଼ିହି,୧୮।୯(ସୁର୍ଯ୍ୟ ପ୍ରସାଦ ଆଚାର/ନିରାକାର ପରିଡ଼ା/ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ୍ର ମରେଇଗାଁ ଅଞ୍ଚଳରୁ ନନ୍ଦିପଦା ପୋଲିସ ୧୬ଗ୍ରା.ମ ବ୍ରାଉନସୁଗାର ଜବତ କରିଛି। ବେଆଇନ ନିଶା କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଚିଲୋ କଣ୍ଡାପଡ଼ା ଗ୍ରାମର ରତନ ଦାସ (୩୭)। ସେ ଗୁରୁବାର ସକାଳ ୮ଟାରେ ମରେଇଗାଁ କେନାଲ ଶିବ ମନ୍ଦିର ଛକରେ ବ୍ରାଉନସୁଗାର ବିକ୍ରି କରିବା ପାଇଁ ଉଦ୍ୟମ କରୁଥିଲେ। ଖବର ପାଇ ନନ୍ଦିପଦା ପୋଲିସ ଚଢ଼ାଉ କରିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୬ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏ ନେଇ ନନ୍ଦିପଦା ଥାନାରେ ଏକ ମାମଲା(ନଂ.୨୭୮/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗୁରୁବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିବା ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର କୁମାର ପାତ୍ର କହିଛନ୍ତି।

# ୧୦୦ରୁ ଊର୍ଦ୍ଧ୍ୱ ତାଳମଞ୍ଜି ଲଗାଇଲେଣି

## ସମାଜସେବାରେ ବ୍ରତୀ ନରହରି

ହାଟଡିହି,୧୮।୯(ଶୁଭକାନ୍ତ ନାୟକ)

ପ୍ରକୃତିକୁ ଭଲ ପାଉଥିବା ମଣିଷ କେଉଁଠି ନାହାନ୍ତି। ସଦାସର୍ବଦା ସାମଜ ମଙ୍ଗଳ, ପରିବେଶ ପାଇଁ ଚିନ୍ତିତ ଥାଆନ୍ତି। ଖାଲି ସ୍ଥାନ ଦେଖିଲେ ଚାରା ରୋପଣ କରିବା ସହ ସଚେତନ କରାଉଛନ୍ତି। ଏଭଳି ଜଣେ ପ୍ରକୃତି ବନ୍ଧୁ ହେଲେ କେନ୍ଦୁଝର ଜିଲା ହାଟଡିହି ବ୍ଲକ୍ ପଦାଡୋ ଗ୍ରାମର ନରହରି ନାୟକ। ସେ ସରକାରୀ ଚାକିରିରୁ ଅବସର ପରେ ନିଜକୁ ସମାଜସେବାରେ ନିୟୋଜିତ କରିଛନ୍ତି। ରାସ୍ତାଘାଟ, ପୋଖରୀ ହୁଡ଼ା, କେନାଲ ରାସ୍ତା ଆଦିରେ ତାଳ ମଞ୍ଜି ଓ ଅନ୍ୟାନ୍ୟ ଚାରା ରୋପଣ କରୁଛନ୍ତି। ନରହରି ଯୋଡ଼ା ବ୍ଲକ୍ରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ବେଳେ ୩୦ ଏପ୍ରିଲ ୨୦୨୫ରେ ଅବସର ଗ୍ରହଣ କରିଥିଲେ। ବୟସ ତାଙ୍କର ୬୦ ଅତିକ୍ରମ କରିଥିଲେ ବି ନିଜର ଘର କାର୍ଯ୍ୟ ସହ ଗ୍ରାମ ଏବଂ ଆଖପାଖ ରାସ୍ତା, ପୋଖରୀ ହୁଡ଼ା, କେନାଲ ବନ୍ଧରେ ବିଭିନ୍ନ ପ୍ରକାରର ୬୦ରୁ ଊର୍ଦ୍ଧ୍ୱ ଚାରା ଲଗାଉଛନ୍ତି। ଏପରିକି ବନ୍ଧପାଡ଼ରୁ ଜୀବନ ରକ୍ଷା ପାଇବା ପାଇଁ ୧୦୦ରୁ ଊର୍ଦ୍ଧ୍ୱ ତାଳମଞ୍ଜି ରୋପଣ କରିଛନ୍ତି। ପୋଖରୀ ସଫେଇ ସହ ପ୍ରତିଦିନ କିଛି ନା କିଛି ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିବା ଦେଖିବାକୁ ମିଳିଛି। ନରହରି ନିଜ ଗାଁ ମୁଣ୍ଡରୁ କେନାଲ ବନ୍ଧ ରାସ୍ତା, ପଞ୍ଚାୟତ ରାସ୍ତାରେ ପାର୍ଶ୍ୱରେ ବିଭିନ୍ନ ପ୍ରକାରର ଗଛ ଲଗାଇବା ସହ ତାଳ ମଞ୍ଜି ରୋପଣ କରିଛନ୍ତି। ନିକଟସ୍ଥ ବରଗଡିଆ ପୋଖରୀ ସଫା ମଧ୍ୟ କରିଛନ୍ତି। ନରହରି କହିଛନ୍ତି, ସମୟକୁ ବସି ବସି ନଷ୍ଟ କରିବା ଉଚିତ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ଅନ୍ତିମ ଦିନରେ ଗଛ ଲଗାଇବା ସହ ଦୈନନ୍ଦିନ ଜୀବନରୁ କିଛି ସମୟ ବାହାର କରି ନିଜକୁ ସମାଜସେବାରେ ନିୟୋଜିତ କରିବା ଉଚିତ।



# ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

ପାଟଣା,୧୮।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅନ୍ତର୍ଗତ ଗୁଡୁଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ଶିଶୁ ମହୋତ୍ସବ ସୁରଭି ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ 'ମୋ ସପ୍ନର ଓଡ଼ିଶା ୨୦୩୬' ଶୀର୍ଷକ କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଅଶ୍ୱିନୀ ଗିରି ଉଦ୍‌ଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗର ଅଧ୍ୟାପିକା ଅନପୂର୍ଣ୍ଣା ମିଶ୍ର ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଧାରଣ ଜ୍ଞାନ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ବିତର୍କ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ମିଶ୍ର, ପ୍ରାଚୋଳୀର ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଭଞ୍ଜନ ନାଏକ, ବିଦ୍ୟାରାଣୀ ପ୍ରସାଦ, ସୁଜାତା ସାମନ୍ତରାୟ, କୁମୁଦିନୀ ମହାନ୍ତ, ମନି ରାଉତ, ରବିଶଙ୍କର ପ୍ରଧାନ, ଅଥିଯ ଅଧାପକ ସତ୍ୟପ୍ରକାଶ ମହାନ୍ତ ତଥା ଅନୁଷ୍ଠାନର ଅନ୍ୟ କର୍ମଚାରୀ ପରିଚାଳନା କରିଥିଲେ।

# ଶ୍ରୀ ମେଟାଲିକ୍ସ କାରଖାନାରେ ବିଶ୍ୱକର୍ମା ପୂଜା

କେନ୍ଦୁଝର,୧୮।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଅଁଧାରୀରେ ସ୍ଥାପିତ ଶ୍ରୀ ମେଟାଲିକ୍ସ କାରଖାନା ପରିସରରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। କାରଖାନାର ମୁଖ୍ୟ ସରୋଜ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପୂଜା ସମ୍ପାଦିତ ହୋଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ପରିସରରେ ଚାରାରୋପଣ କରାଯାଇଥିଲା। କମ୍ପାନୀର ବରିଷ୍ଠ ଅଧିକାରୀ ଅବନୀ ବିଶ୍ୱାଳ, ଜ୍ଞାନ ରଞ୍ଜନ ସ୍ୱାଇଁ, ସବ୍ୟସାଚୀ ବିଶ୍ୱାଳ, ସୁଶିଲ କୁମାର ଭୂୟାଁ, ଶରତ କୁମାର ପ୍ରଧାନ, ଅର୍ପିତ କୁମାର ପଟ୍ଟନାୟକ, ବିଜୟ କୁମାର ବାରିକଙ୍କ ସମେତ ବହୁ ପଦାଧିକାରୀ ସହଯୋଗ କରିଥିଲେ। ଜିଲାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିର୍ମୟୀ ଭୁୟାଁଙ୍କ ତତ୍ତ୍ୱାବଧାନରେ ଚାରାରୋପଣ ହୋଇଥିଲା। ଏଥିରେ ବହୁ ବ୍ୟକ୍ତି ବିଶେଷଙ୍କୁ ଚାରା ମଧ୍ୟ ବଣ୍ଟନ କରାଯାଇଥିଲା।



କମ୍ପାନୀ ଅଧିକାରୀମାନେ ଚାରାରୋପଣ କରୁଛନ୍ତି।

# ଲୁହାପଥର ବୋଝେଇ ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଆନନ୍ଦପୁର/ଘସିପୁରା,୧୮।୯(ସୁଶାନ୍ତ କୁମାର ସାହୁ, ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ୨୦ର ଘସିପୁରା ଥାନା କୋଳିମାଟି ନିକଟରେ ଲୁହାପଥର ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ନିକଟସ୍ଥ କୁମ୍ଭର ଗାଁର ସୁବର୍ଣ୍ଣ ନାୟକ। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ସୁବର୍ଣ୍ଣ କୋଳିମାଟି ହାଟରୁ ଫେରିବା ବିଳି ବାଇକ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ୧୨ ଚକିଆ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଓ କୋଳିମାଟିରେ ଓଭରବ୍ରିଜ ନିର୍ମାଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଘସିପୁରା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

# ଚମ୍ପୁଆରେ ରାଇଡର ଆତଙ୍କ

## ପଲଛାଡ଼ି ଭଙ୍ଗାଦାନ୍ତିଆ ସହ ବୁଲୁଛି

ଚମ୍ପୁଆ,୧୮।୯(ମହେଶ୍ୱର ଦାସ)

'ସାବଧାନ ରାଇଡର ଆସୁଛି'। ଚମ୍ପୁଆ ଅଞ୍ଚଳରେ ଏବେ ଏଭଳି ଶବ୍ଦ ସମସ୍ତଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିଛି। ଏହା କୌଣସି ଚଳଚ୍ଚିତ୍ରର ସଂଳାପ ନୁହେଁ କି କେଉଁ ଅପେରାର ବିଜ୍ଞାପନ ନୁହେଁ। ଏହା ଏକ ଜଙ୍ଗଲୀ ହାତୀର ନାଁ। ଯେଉଁ ହାତୀ ବର୍ତ୍ତମାନ ଚମ୍ପୁଆ, ସଦର, ପାଟଣା ଓ ମୟୂରଭଞ୍ଜ ଅଞ୍ଚଳରେ ଉପଦ୍ରବ କରି ଆତଙ୍କ ଖେଳାଉଛି। ହାତୀ ବ୍ୟାପକ କ୍ଷୟକ୍ଷତି କରୁଥିଲେ ହେଁ ଏହାର ଚାଲିଚଳଣ, ଅନ୍ୟ ହାତୀଙ୍କଠାରୁ ଭିନ୍ନ ଅଦାରୁ ନେଇ ହାତୀପ୍ରେମୀମାନେ ଏହାର ନାମ ରାଇଡର ରଖିଛନ୍ତି। ହାତୀର ବୟସ ୨୨ ବର୍ଷ ବୋଲି ଅନୁମାନ କରାଯାଉଥିବା ବେଳେ ଦିନ ଦ୍ୱିପ୍ରହରରେ ଘର ଭାଙ୍ଗିବା ସହିତ ଧନ ଜୀବନହାନି କରିଚାଲିଛି।



ରାଇଡର ଏବଂ ତା ସାଥୀ ଭଙ୍ଗାଦାନ୍ତିଆ।

ସୂଚନା ଅନୁଯାୟୀ, ପୂର୍ବରୁ ରାଇଡର ନାମକ ହାତୀଟି ୨୭ ଚିଡ଼ିଆ ହାତୀ ପଲରେ ରହୁଥିଲା। ବଡ଼ ହେବା ପରେ ଗୋଠରୁ ବାହାରି ଏକା ଘୂରିବୁଲୁଛି। ଅନେକ ସମୟରେ ହାତୀପଲ ଦିନ ବେଳା ଜଙ୍ଗଲ ଭିତରେ ରହୁଥିବା ବେଳେ ରାତି ହେଲେ ଜଙ୍ଗଲରୁ ବାହାରି ନିକଟବର୍ତ୍ତୀ ଗାଁ ଭିତରକୁ ପଶି ନାନା କ୍ଷତି ଘଟାଉଛନ୍ତି। ମାତ୍ର ରାଇଡର ଦିନ ବେଳା କ୍ଷେତରେ ପଶି ଅନେକ ଏକର ଧାନ ଫସଲ ନଷ୍ଟ କରୁଛି। ଗାଁରେ ପଶି ଘର ଭାଙ୍ଗି ବ୍ୟାପକ କ୍ଷତି ଘଟାଉଛି। ହାତୀଟି ତା'ର ପ୍ରକୃତ ପଲଠାରୁ ପ୍ରାୟ ୧ରୁ ୧.୫ କି.ମି ଦୂରରେ ରହୁଥିବାରୁ ବନ ବିଭାଗକୁ ନାକେଦମ୍ କରିବାରିଲାଣି। କିଛି ସମୟ ପାଇଁ ଗୋଠକୁ ଫେରୁଥିଲେ ମଧ୍ୟ ପୁଣି ଅଲଗା ହୋଇଯାଉଛି। ଅନେକ ସମୟରେ ରାଇଡର ଏକ ଭଙ୍ଗାଦାନ୍ତିଆ(ହାତୀ ପ୍ରେମୀ ଦେଇଥିବା ନାମ) ନାମକ ବୃଦ୍ଧ ହାତୀ ସହିତ ବୁଲୁଥିବା ବନ ବିଭାଗ ସୂଚନା ଦେଇଛି। ରାଇଡର ହାତୀ କିଛି ଦିନ ତଳେ ବର୍ଦ୍ଧନା ଗ୍ରାମରେ ୭୫ ବର୍ଷୀୟ ଶରଧା ଖିଲାରଙ୍କ ଘର କବାଟ ଭାଙ୍ଗି ଘରେ ଶୋଇଥିବା ଅବସ୍ଥାରେ ଆକ୍ରମଣ କରିଥିଲା। ଏଥିରେ ଶରଧାଙ୍କ ମୃତ୍ୟୁ ହୋଇଥିଲା। ଏହାର ଅଳ୍ପ କିଛି ଦିନ ବ୍ୟବଧାନରେ ବାଘମରା ଅଞ୍ଚଳର ଯୁବକ ଶିପୁନ ମହାନ୍ତଙ୍କୁ ଭୁଇଁପୁରଠାରେ ଆକ୍ରମଣ କରିଥିବା ବେଳେ ଶିପୁନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ରାଇଡର ହାତୀ ବନ ବିଭାଗ ପାଇଁ ଚିନ୍ତାର କାରଣ ସାଜିଥିବା ବେଳେ ଏହାର ଗତିବିଧି ଉପରେ ନଜର ରଖିବା ବନ ବିଭାଗ ପାଇଁ ଅନେକ ସମୟରେ ଅସମ୍ଭବ ହୋଇପଡୁଛି। ଫଳରେ ଗ୍ରାମବାସୀ ହାତୀକୁ ନେଇ ଭୟଭୀତ ଅବସ୍ଥାରେ ରହୁଛନ୍ତି। ରାଇଡର ଏକା ରହୁଥିବାରୁ ବନ ବିଭାଗ ଏହା ଉପରେ ନଜର ରଖିଥିବା କହିଛି। ଜନସାଧାରଣଙ୍କୁ ମାଇକ ଦ୍ୱାରା ସଚେତନ କରାଇ ଅଯଥାରେ ଜଙ୍ଗଲ ଭିତରକୁ ବା ହାତୀ ଦେଖିବାକୁ ନ ଯିବାକୁ ପରାମର୍ଶ ଦିଆଯାଉଥିବା ଚମ୍ପୁଆ ରେଞ୍ଜର ତଥା ଏସିଏଫ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି।

# ବୁଲା ଗୋରୁ ପାଇଁ ଦୁର୍ଘଟଣା, ୩ବର୍ଷରେ ୧୬୦୧ଜଣଙ୍କ ମୃତ୍ୟୁ


ବୈଠକରେ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

ଭୁବନେଶ୍ୱର,୧୮।୯ (ବନ୍ଦନା ସେଠୀ)

ରାଜ୍ୟରେ ବୁଲୁଥିବା ଗୋରୁ ପାଇଁ ସଡ଼କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହା ଦୁର୍ଘଟଣା ଓ ମୃତ୍ୟୁର ପ୍ରମୁଖ କାରଣ ପାଲଟିଛି। ରାଜ୍ୟରେ ଗୋରୁଙ୍କ ବିଚରଣ କାରଣରୁ ଦୁର୍ଘଟଣା ଘଟି ୩ବର୍ଷରେ ୧୬୦୧ଜଣଙ୍କ ଜୀବନ ଯାଇଛି। ୨୦୨୨ରେ ୯୫୨ ଦୁର୍ଘଟଣାରେ ୫୨୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୩ରେ ୧,୨୬୮ ଦୁର୍ଘଟଣା ଘଟି ୬୭୩ମୃତ୍ୟୁ ଏବଂ ୨୦୨୪ରେ ୯୦୩ଟି ଦୁର୍ଘଟଣାରେ ୪୩୭ ଜଣଙ୍କ ମୃତ୍ୟୁ ହୋଇଥିବା ଓଡ଼ିଶା ସଡ଼କ ଦୁର୍ଘଟଣା ତଥ୍ୟରୁ ଜଣାଯାଇଛି। ସେହିପରି ୨୦୨୨ରୁ ୨୦୨୫

### ମୁକାବିଲା ଲାଗି ପ୍ରସ୍ତୁତ ହେବ ସମନ୍ୱିତ କାର୍ଯ୍ୟ ଯୋଜନା

ଅଗଷ୍ଟ ପର୍ଯ୍ୟନ୍ତ ଯାନବାହନ ଧକ୍କାରେ ୩୩୧ ପ୍ରାଣୀଙ୍କର ମୃତ୍ୟୁ ହୋଇଛି। ଏହି ପରିସଂଖ୍ୟାନ ସମନ୍ୱିତ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତାକୁ ଦର୍ଶାଉଛି ବୋଲି ମତ ପ୍ରକାଶ ପାଇଛି। ନିରାପଦ ଯାତ୍ରା ସହିତ ରାସ୍ତାଘାଟରେ ବୁଲୁଥିବା ଗୋରୁ ପାଇଁ ଦୁର୍ଘଟଣାଜନିତ ସମସ୍ୟାର ସମାଧାନ ପାଇଁ ଗୁରୁବାର ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ରାଜ୍ୟରେ ସଡ଼କ ସୁରକ୍ଷା ବୃଦ୍ଧି ସହିତ ଉଭୟ ମଣିଷ ଏବଂ ପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ନେଇ ପ୍ରମୁଖ ସଚିବ ଗୁରୁତ୍ୱାରୋପ କରିଥିଲେ। ପ୍ରଥମଥର ଏକ ସମନ୍ୱିତ ମଡେଲରେ ପ୍ରାଣୀମାନଙ୍କ ପାଇଁ ବାଡ଼ ଦେବା, ସହଜରେ ରାସ୍ତାପାର ପାଇଁ ବ୍ୟବସ୍ଥା କରିବା, ଜବତ ଏବଂ ଦଣ୍ଡ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ, ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସହାୟତା, ରାସ୍ତାକଡର ଲୋକମାନଙ୍କୁ ସଚେତନ କରିବା ଏବଂ ଓଡ଼ିଶାର ରାସ୍ତାଗୁଡ଼ିକୁ ସମସ୍ତଙ୍କ ପାଇଁ ସୁରକ୍ଷିତ ରଖାଯିବ ବୋଲି ସେ କହିଥିଲେ। ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ପ୍ରାଣୀପାଳନ ଏବଂ ପ୍ରାଣୀଚିକିତ୍ସା ସେବା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଚିହ୍ନଟ ହୋଇଥିବା ଜାତୀୟ ରାଜପଥ ଷ୍ଟ୍ରେଚ୍‌ଗୁଡ଼ିକୁ ନିକଟବର୍ତ୍ତୀ ପୌରାଞ୍ଚଳ ସହିତ ସଂଯୋଗ କରିବା ପାଇଁ ଏକ ମିଶନ୍ ମୋଡ୍‌ରେ ରଣନୀତି ଉପରେ ଧ୍ୟାନ ଦିଆଯାଇଥିଲା। ଏହାଦ୍ୱାରା ବର୍ତ୍ତମାନ ରାଜ୍ୟରେ ଥିବା ତଥା ନୂତନ ଗୋଶାଳା ମାଧ୍ୟମରେ ଗୋ-ନିୟନ୍ତ୍ରଣ ଏବଂ ଆଶ୍ରୟସ୍ଥଳ ସୁନିଶ୍ଚିତ କରାଯାଇପାରିବ। ଆଲୋଚନାରେ ବୁଲା ପଶୁଙ୍କ ଉପସ୍ଥିତି ସହିତ ରାଜପଥରେ ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା, ଗୋଶାଳାଗୁଡ଼ିକୁ ସୁଦୃଢ଼ କରିବା ଏବଂ ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗ ସହାୟତାରେ ଏନ୍‌ଜିଓଗୁଡିକ ସହିତ ସେବାମୁଖୀ ସହଭାଗୀତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଜିଏସ୍‌ଟି ସୁଧାର ଦେଶବାସୀଙ୍କୁ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦେବ: ଚୁଗ୍




ଭୁବନେଶ୍ୱର, ୧୮।୯ (ସୁନିତ୍ ମିଶ୍ର)

ଜିଏସ୍‌ଟି ସୁଧାର ଦ୍ୱାରା କେବଳ ଜିଏସ୍‌ଟି ହାର ବା ଟିକସରେ କମ୍ ହେବ ନାହିଁ ବରଂ ଏହା ସାଧାରଣ ଜନତାଙ୍କର ଜୀବନଯାପନରେ ଏକ ବ୍ୟାପକ ପରିବର୍ତ୍ତନକାରୀ ଐତିହାସିକ ପଦକ୍ଷେପ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ କହିଛନ୍ତି। ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଆଗାମୀ ପିଢ଼ିର ଜିଏସ୍‌ଟି ସୁଧାର ପ୍ରସଙ୍ଗରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇ ଚୁଗ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୧ବର୍ଷ ଶାସନ ସମୟରେ ଆର୍ଥିକ ଶୃଙ୍ଖଳା ଓ ଦୂରଦର୍ଶୀ ନୀତି ପାଇଁ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତି ହୋଇପାରିଛି। ନୂତନ ପିଢ଼ିର ଜିଏସ୍‌ଟି ସୁଧାର ଦ୍ୱାରା ଦେଶବାସୀଙ୍କୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ମିଳିବ। ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ମଜଭୁତ ଶକ୍ତି ଏବଂ ଗତି ପ୍ରଦାନ କରିବ। ମୋଦି ସରକାରଙ୍କର ଜିଏସ୍‌ଟି ୨.୦ ସୁଧାର ଦ୍ୱାରା ଓଡ଼ିଶାର ଡବଲ ଇଞ୍ଜିନ ସରକାରକୁ ନୂତନ ଗତି ମିଳିବ। ୧୨% ହାରରେ ଥିବା ଜିଏସ୍‌ଟି ବର୍ଗର ପ୍ରାୟ ୯୯% ସାମଗ୍ରୀକୁ ୫% ହାରକୁ ଅଣାଯାଇଛି ଏବଂ ୨୮% ହାରରେ ଥିବା ପ୍ରାୟ ୯୦% ସାମଗ୍ରୀକୁ ୧୮% ହାରକୁ କମାଇ ଦିଆଯାଇଛି। ଏଥିରେ ଉପଭୋକ୍ତାଙ୍କ ସଞ୍ଚୟ ବଢ଼ିବ, ଆବଶ୍ୟକ ସାମଗ୍ରୀର ଦାମ କମିବ ଓ ଦେଶୀୟ ଚାହିଦା ମଜଭୁତ ହେବ। ରାଜ୍ୟ ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକଙ୍କ ପୌରୋହିତ୍ୟରେ ଏହି ଆଲୋଚନାଚକ୍ରରେ ଦଳର ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

# କୋଇଲା ଖଣିରେ ମୃତକଙ୍କ ପରିବାରକୁ ମିଳିବ ୨୫ ଲକ୍ଷ ଅନୁକମ୍ପା ରାଶି

ତାଳଚେର,୧୮।୯ (ମନୋଜ ନନ୍ଦ)

କୋଇଲା ଖଣିରେ କାର୍ଯ୍ୟରତ କୌଣସି ଠିକା ଶ୍ରମିକଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ୧୫ ଲକ୍ଷ ପରିବର୍ତ୍ତେ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରେ ଏ ନେଇ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହାକୁ ନେଇ ତାଳଚେର କୋଇଲା ଖଣିର ସମସ୍ତ ଠିକା ଶ୍ରମିକ ଖୁସି ପ୍ରକଟ କରିଛନ୍ତି। ଏହି ବିଜ୍ଞପ୍ତି ପ୍ରକାଶ ପରେ ଭାଜପା ଓ ଶ୍ରମିକମାନଙ୍କ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କୋଇଲା ମନ୍ତ୍ରୀ ଜି. କିସାନ ରେଡ୍ଡୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବରିଷ୍ଠ ନେତା କାଳନ୍ଦୀ ସାମଲଙ୍କୁ ଧନ୍ୟବାଦ ଜଣାଯାଇଛି। ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ, ସମସ୍ତ ମଣ୍ଡଳ ସଭାପତି ଅଜୟ ସାହୁ, ସୁଶାନ୍ତ ସାମଲ, ରାଜେଶ ଦଳେଇ, ଦୀପକ ଦାସ, ମାନସ ସାହୁ ଓ ସନ୍ତୋଷ ମହାନ୍ତିଙ୍କ ସମେତ ସମସ୍ତ ପଦାଧିକାରୀ ଓ ଶ୍ରମିକ ନେତା ଧନ୍ୟବାଦ ଜଣାଇଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-BOBRN-REHAB-25-26-17
କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ BOBRN ୱାଗନଗୁଡ଼ିକର ପୁନର୍ବାସ।
ବିଜ୍ଞାପିତ ମୂଲ୍ୟ : ₹ 30,50,22,156.00, EMD : ₹ 16,75,100/-, ଶେଷ ହେବା ଅବଧି : 36 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.22.09.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.10.2025ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର
PR-609/Q/25-26

**PARADIP PORT AUTHORITY**
Tender No.ENG/CE/1523/NDC3/2024/290 Dt.12.09.2025
DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS
INVITATION OF REQUEST FOR QUALIFICATION (RFQ)
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date & time of submission of RFQ Applications is 12.11.2025 till 1400 hours.
Sd/- Executive Engineer (C)
Project Implementation Office
Paradip Port Authority
PPA/PR/43/2025-2026 dtd. 18.09.2025

# ରେଭେନ୍ସାରେ ୪ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ

କଟକ,୧୮।୯ (କାର୍ତ୍ତିକ ସାହୁ)

### ଏନ୍‌ସିଟିଇ ପକ୍ଷରୁ ମିଳିଲା ସ୍ୱୀକୃତି

ନୂତନ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ୪ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ପାଇଁ ନାଶନାଲ କାଉନସିଲ ଫର୍ ଟିଚର ଏଜୁକେଶନ (ଏନ୍‌ସିଟିଇ)ରୁ ସ୍ୱୀକୃତି ମିଳିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ଏନେଇ ସୂଚନା ପ୍ରଦାନ କରାଯାଇଛି। ସୂଚନା ଯେ, ରେଭେନ୍ସା ଶିକ୍ଷା ବିଭାଗ ପକ୍ଷରୁ ଏହି ପାଠ୍ୟକ୍ରମ ପାଇଁ ଗତବର୍ଷ ଆବେଦନ କରାଯାଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟ ନାକ୍ ମାନ୍ୟତାରେ ଗ୍ରେଡ୍ ଏ ପ୍ଲସ ପ୍ଲସ ଥିବାରୁ ସର୍ବୋଚ୍ଚ ପଏଣ୍ଟ ହାସଲ କରିଥିଲା। ଏହାପରେ ଏନ୍‌ସିଟିଇ ପକ୍ଷରୁ ଆଭାସି ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଓ ଶୈକ୍ଷିକ ସୁବିଧାଗୁଡ଼ିକର ନିରୀକ୍ଷଣ କରାଯାଇଥିଲା। ଶିକ୍ଷା ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଷ୍ଟାଫ ତାଲିକା ପ୍ରଦାନ କରାଯିବା ପରେ ଏନ୍‌ସିଟିଇ ଏହାକୁ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛି। ଏହି ସ୍ୱୀକୃତି ମିଳିବା ପରେ ପୂର୍ବରୁ ଚାଲିଥିବା ପାରମ୍ପରିକ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏବିଏଡ୍, ବିଏସ୍‌ସି ବିଏଡ୍ ସ୍ଥାନରେ ଆଗାମୀ ଶିକ୍ଷା ବର୍ଷ ୨୦୨୬-୨୭ରେ ନୂତନ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ବିଏ-ବିଏଡ, ବିଏସ୍‌ସି-ବିଏଡ୍) ଆରମ୍ଭ ହେବ। ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରମାନେ ନାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ କରାଯାଉଥିବା ନାଶନାଲ କମନ ଏଣ୍ଟ୍ରାନ୍ସ ଟେଷ୍ଟରେ ଯୋଗ୍ୟ ବିବେଚିତ ହେଲେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ୪ ବର୍ଷିଆ ପାଠ୍ୟକ୍ରମ ସରିବା ପରେ ଛାତ୍ରୀଛାତ୍ରମାନେ କେନ୍ଦ୍ରୀୟ ତଥା ରାଜ୍ୟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଭାବେ ନିଯୁକ୍ତି ପାଇପାରିବେ।

**GOVERNMENT OF ODISHA**
**WORKS DEPARTMENT**
**OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA**
TELEPHONE & Fax : 06846-243242, E-mail : eepwd.balliguda@gmail.com
e-procurement notice
Bid Identification No. S.E. BLG-10/2025-26
No.B-517 Dated : 10.09.2025

| Sl. No. | Name of the Work | Buildings & Road Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.45.58 lakh to 99.16 lakh |
| 2 | No. of Works | 7 (Seven) Only |
| 3 | Period & time of completion | 06 (Six) & 08 (Eight) Months |
| 4 | Date & time of availability of the bid document in the portal | 20.09.2025 to 07.10.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 07.10.2025 |
| 6 | Date & Time of bid opening | 11.30 hours on Dated 08.10.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.
Sd./- Superintending Engineer
Balliguda (R&B) Division
OIPR-34162/11/0003/2526

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆରଡି), ଚକ୍ରଧରପୁର ତଳେ ଦର୍ଶାଯାଇଥିବା ଅନୁଯାୟୀ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ଡି-୬୮୪-ଏଟିଏନ୍ଏକ୍ସଏନ୍-ବିଜିକେଏ। ଚକ୍ରଧରପୁର ମଣ୍ଡଳର ଅପ୍ ଓ ଡାଉନ୍ ଦିଗରେ ଉଭୟ କଏଣ୍ଟ ଲାଇନ୍ ଉପରେ ନୂଆଗାଁ ଓ ବାଣ୍ଡୁରକେଲା ମଧ୍ୟରେ ଆଇବିଏସ୍ଏସ୍ ସଂକ୍ରାନ୍ତରେ ଅକ୍‌ଜିଲାରୀ ଟ୍ରାନ୍ସଫର୍ମର୍ସର ବ୍ୟବସ୍ଥା କରିବା। ଟେଣ୍ଡର ମୂଲ୍ୟ: ₹୭,୯୩,୮୦୦.୯୫। ଇଏମ୍‌ଡି: ₹୧୫,୯୦୦/-। ୨. ସିକେପି-ଡି-୬୩୯-ସିଟିଆର୍-ଡିପିଏସ୍। ଚକ୍ରଧରପୁର ମଣ୍ଡଳରେ ଏଡିଇଇ/ଟିଆରଡି/ଡିପିଏସ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସେକ୍ସନରେ ଥ୍ରୁ ସ୍ଲିପର୍ ରିନ୍ୟୁଆଲ (ପ୍ରାଇମେରୀ) ଟିଏସ୍ଆର୍(ପି), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ସେକେଣ୍ଡାରୀ ସିଟିଆର୍ (ଏସ୍), ଥ୍ରୁ ରେଲ୍ ରିନ୍ୟୁଆଲ ପ୍ରାଇମେରୀ ଟିଆର୍‌ଆର୍(ପି), ଥ୍ରୁ ରେଲ୍ ରିନ୍ୟୁଆଲ ସେକେଣ୍ଡାରୀ ଟିଆର୍‌ଆର୍(ଏସ୍), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ପ୍ରାଇମେରୀ ସିଟିଆର୍(ପି) ସଂକ୍ରାନ୍ତରେ ଇଲେକ୍ଟ୍ରିକାଲ୍ (ଟିଆରଡି-ଓଏଚ୍ଇ) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୬୯,୯୨,୪୧୨.୬୫। ଇଏମ୍‌ଡି: ₹୧,୩୯,୯୦୦/-। ୩. ସିକେପି-ଡି-୬୩୯-ସିଟିଆର୍-ବିଏନ୍‌ଡିଏମ୍। ଚକ୍ରଧରପୁର ମଣ୍ଡଳରେ ଏଡିଇଇ/ଟିଆରଡି/ବିଏନ୍‌ଡିଏମ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସେକ୍ସନରେ ଥ୍ରୁ ସ୍ଲିପର୍ ରିନ୍ୟୁଆଲ (ପ୍ରାଇମେରୀ) ଟିଏସ୍ଆର୍(ପି), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ସେକେଣ୍ଡାରୀ ସିଟିଆର୍ (ଏସ୍), ଥ୍ରୁ ରେଲ୍ ରିନ୍ୟୁଆଲ ପ୍ରାଇମେରୀ ଟିଆର୍‌ଆର୍(ପି), ଥ୍ରୁ ରେଲ୍ ରିନ୍ୟୁଆଲ ସେକେଣ୍ଡାରୀ ଟିଆର୍‌ଆର୍(ଏସ୍), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ପ୍ରାଇମେରୀ ସିଟିଆର୍(ପି) ସଂକ୍ରାନ୍ତରେ ଇଲେକ୍ଟ୍ରିକାଲ୍ (ଟିଆରଡି-ଓଏଚ୍ଇ) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୨୩,୨୮,୯୬୮.୪୦। ଇଏମ୍‌ଡି: ₹୪୬,୬୦୦/-। ୪. ସିକେପି-ଡି-୬୩୨-ଏସ୍‌ସିଏଡିଏ-ଏଏମ୍‌ସି-। । ତିନି (୩) ବର୍ଷ ପାଇଁ ଟିଇଏମ୍ଏସ୍ ଓ ଟିଡିଏମ୍ଏସ୍ ସମ୍ବନ୍ଧିତ ଗତିବିଧି ସମେତ ଚକ୍ରଧରପୁର ମଣ୍ଡଳର ସାଲଗାଝରି-ଝାରସୁଗୁଡ଼ା ଏବଂ ରାଜଖରସୁଆଁ-ଡାଙ୍ଗୋଆପୋଷି ସେକ୍ସନର ୩୫ ଗୋଟି ଆର୍‌ଟିୟୁ ସହିତ ଏସ୍‌ସିଏଡିଏ-। ସିଷ୍ଟମ୍‌ର ବାର୍ଷିକ ରକ୍ଷଣାବେକ୍ଷଣ ଠିକା (ଏଏମ୍‌ସି)। ଟେଣ୍ଡର ମୂଲ୍ୟ: ₹୧,୦୩,୮୩,୭୧୨/-। ଇଏମ୍‌ଡି: ₹୨,୦୧,୯୦୦/-। ୫. ସିକେପି-ଡି-୬୪୧-ଭିଏଚ୍-ଏଡିଇଇ-ବିଏନ୍‌ଡିଏମ୍। ଦୁଇବର୍ଷ ପାଇଁ ଏଡିଇଇ/ଟିଆରଡି/ବିଏନ୍‌ଡିଏମ୍ ନିମନ୍ତେ ଏକ ଗୋଟି ଡିଜେଲ ଚାଳିତ ଅଣ-ଏସି ଚାରିଚକିଆ ସଡ଼କ ବାହନ (ମହିନ୍ଦ୍ରା ସ୍କର୍ପିଓ କିମ୍ବା ସମାନ ଧରଣର) ଭଡ଼ାସୂତ୍ରରେ ନେବା। ଟେଣ୍ଡର ମୂଲ୍ୟ: ₹୧୧,୯୮,୦୦୫.୩୬। ଇଏମ୍‌ଡି: ₹୨୪,୦୦୦/-। ସମାପ୍ତି ଅବଧି: କ୍ର.ସଂ. ୧ ପାଇଁ ୦୯ ମାସ, କ୍ର.ସଂ. ୨ ଓ ୩ ପାଇଁ ପ୍ରତ୍ୟେକ ୧୨ ମାସ, କ୍ର.ସଂ. ୪ ପାଇଁ ୩୬ ମାସ ଏବଂ କ୍ର.ସଂ. ୫ ପାଇଁ ୨୪ ମାସ। ଇ-ଟେଣ୍ଡର ଖୋଲାଯିବାର ସ୍ଥାନ: ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ପ୍ରତ୍ୟେକ ପାଇଁ ତା୦୮।୧୦।୨୦୨୫ରିଖ ୧୫.୦୦ ଘଟିକା। ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ: ପ୍ରତ୍ୟେକ ପାଇଁ ତା୦୮।୧୦।୨୦୨୫ରିଖ ୧୫.୩୦ ଘଟିକା ଇ-ଟେଣ୍ଡର ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ। (PR-642)

# ସାର ସଙ୍କଟ: ୨୩ରେ କିଷାନ କଂଗ୍ରେସର ବିଧାନସଭା ଘେରାଉ

ଭୁବନେଶ୍ୱର,୧୭।୯ (ରବିନାରାୟଣ ଜେନା)

ସାରା ରାଜ୍ୟର ସାର ଅଭାବ ନେଇ କିଷାନ କଂଗ୍ରେସ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୨୩ରେ ବିଧାନସଭା ଘେରାଉ କରାଯିବ ବୋଲି ପିସିସି କିଷାନ ସେଲର ଅଧକ୍ଷ ଅଭୟ ସାହୁ କହିଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ୨୩ ତାରିଖ ମଙ୍ଗଳବାର ସକାଳ ୯ଟାରେ କଟକସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଓଡ଼ିଶା କିଷାନ କଂଗ୍ରେସର ଏକ ଶୋଭାଯାତ୍ରା ବାହାରି ଜାତୀୟ ରାଜପଥରେ ରସୁଲଗଡ଼, ବାଣୀବିହାର ଦେଇ ମାଷ୍ଟରକ୍ୟାଣ୍ଟିନସ୍ଥିତ କଂଗ୍ରେସ ଭବନରେ ପହଞ୍ଚିବ। ସେଠାରେ ଚାଷୀ ସଭା କରାଯିବା ପରେ ଚାଷୀକୁଳର ନେତା ଓ କର୍ମୀମାନେ ବିଧାନସଭା ଘେରାଉ କରିବେ। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମରେ ଓଡ଼ିଶାବାସୀ ବହୁ ସଂଖ୍ୟାରେ ଭାଗ ନେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ କରିଥିବା ସାହୁ ଜଣାଇଛନ୍ତି।

**ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
କଚେରୀ ରୋଡ, ପୁରୀ-୭୫୨୦୦୧, ଓଡ଼ିଶା
Regd No-32, Pu Dt.28.11.1956, RBI License No-RPCD/Bhubaneswar 10/11 Dt.21.03.2012
Kacheri Road, Puri-752001, Ph:224553, Odisha, email:ho@upnccb.com
ନୋଟିସ ସଂଖ୍ୟା 951, ତା.18.09.25 ରିଖ

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୬୦ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୨୬.୦୯.୨୦୨୫ ରିଖ ଶୁକ୍ରବାର ଦିନ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସଂସ୍କୃତି ଭବନ ପୁରୀଠାରେ ଅନୁଷ୍ଠିତ ହେବ, ଉକ୍ତ ସାଧାରଣ ସଭାରେ ସମିତିର ସଭାପତି / କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

**ବିଶେଷ ଦ୍ରଷ୍ଟବ୍ୟ:** ସାଧାରଣ ସଭାରେ ଯୋଗଦାନ ନିମନ୍ତେ ସମିତିର ସଭାପତି କିମ୍ବା ପ୍ରଶାସକଙ୍କ ଦ୍ୱାରା ଅନୁମୋଦିତ ନିର୍ଦ୍ଧାରଣର ଅବିକଳ ନକଲ ନିଜ ସାଙ୍ଗରେ ଆଣିବାକୁ ଅନୁରୋଧ ଏବଂ ଦିନ ସକାଳ ୦୯.୩୦ ଘଟିକାଠାରୁ ସଂସ୍କୃତି ଭବନ ପୁରୀଠାରେ ପଞ୍ଜୀକରଣ କରାଯିବ।

**କାର୍ଯ୍ୟସୂଚୀ:**
୧. ତା.୦୬.୧୨.୨୦୨୪ ରିଖରେ ଅନୁଷ୍ଠିତ ୫୯ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଦୃଢ଼ୀକରଣ।
୩. ୨୦୨୪-୨୫ ଆର୍ଥିକ ବର୍ଷର ସମୀକ୍ଷା ଫର୍ଦ୍ଦ ପଠନ ଓ ଗ୍ରହଣ।
୪. ଆଗାମୀ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଆୟ ବ୍ୟୟ ଅଟକଳ (ବଜେଟ) ଅନୁମୋଦନ ଓ ଶୀର୍ଷ ବ୍ୟାଙ୍କକୁ ପ୍ରେରଣ।
୫. ୨୦୨୪-୨୫ ଆର୍ଥିକ ବର୍ଷର ନେଟ ଲାଭର ଆବଣ୍ଟନ ନିମନ୍ତେ ନିଷ୍ପତ୍ତି ଗ୍ରହଣ।
୬. ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ବ୍ୟବସାୟିକ ଉନ୍ନୟନ ଯୋଜନା ଅନୁମୋଦନ।
୭. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ
Sd./- (ଶ୍ରୀଯୁକ୍ତ ସାରଥୀ ଶତପଥୀ)
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

# ପ୍ରଧାନଶିକ୍ଷକଙ୍କ ସହ ୩ ଶିକ୍ଷକ ନିଲମ୍ବିତ

ପାରଳାଖେମୁଣ୍ଡି,୧୮।୯ (ଗିରିଧାରୀ ପରିଚ୍ଛା)

### ସ୍କୁଲରେ ଶିକ୍ଷକ ଗଣ୍ଡଗୋଳ ଘଟଣା

ଗଜପତି ଜିଲା ଗୋସାଣି ବ୍ଲକ ମାଛମରା ସ୍କୁଲର ଦୁଇ ଶିକ୍ଷକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପ୍ରଧାନଶିକ୍ଷକଙ୍କ ସମେତ ୩ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। କ୍ରୀଡା ଶିକ୍ଷକ ଏବଂ ହିନ୍ଦୀ ଶିକ୍ଷକଙ୍କୁ ଆକ୍ରମଣ କରିଥିବାରୁ ଦୁଇ ସହକାରୀ ଶିକ୍ଷକ ବି.ରାଜଶେଖରମ ଓ ଏସ. ଜୟ ରାଓ ନିଲମ୍ବିତ ହୋଇଛନ୍ତି। ସେହିପରି ପରିଚାଳନାଗତ ତ୍ରୁଟି ଓ ସରକାରୀ ସ୍ତରରେ ଆସିଥିବା ଟିଭି, ପିଲାଙ୍କ ପାଇଁ ଆସିଥିବା ସାମଗ୍ରୀଗୁଡିକର ଅପବ୍ୟବହାର କରିଥିବା ଅଭିଯୋଗରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ରଥଙ୍କୁ ନିଲମ୍ବିତ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଲମ୍ବିତ ଏହି ୩ ଜଣ ଶିକ୍ଷକ ଗୋଷାଣୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହେବେ। ସୂଚନାଯୋଗ୍ୟ, ମାଛମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ମଙ୍ଗଳବାର ସାମାନ୍ୟ ବଚସାକୁ ନେଇ ଦୁଇ ଶିକ୍ଷକ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଥିଲା। ଶିକ୍ଷକଙ୍କ ଗଣ୍ଡଗୋଳରେ ଜଣେ ଛାତ୍ର ମଧ୍ୟ ଆହତ ହୋଇଥିଲେ। ଆହତ ଛାତ୍ରଙ୍କଠାରୁ ଘଟଣା ବିଷୟରେ ଜାଣିବା ପରେ ଅଭିଭାବକମାନଙ୍କ ସହ ଗ୍ରାମବାସୀ ବୁଧବାର ସ୍କୁଲକୁ ଆସି ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯାହାଫଳରେ ଉକ୍ତ ସ୍କୁଲରେ ସେଦିନ 'ଏକ ପେଡ୍ ମା'କେ ନାମ' କାର୍ଯ୍ୟକ୍ରମ ମଧ୍ୟ ହୋଇପାରି ନ ଥିଲା। ପରେ ବ୍ଲକ ଶିକ୍ଷା ଅଧିକାରୀ ଉକ୍ତ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରି ଜିଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ମାୟାଧର ସାହୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବୁଧବାର ରାତିରେ ପ୍ରଧାନଶିକ୍ଷକ ଓ ୨ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି।

# ୬୦ ବର୍ଷ ଛୁଇଁଥିବା ହିତାଧିକାରୀ ସୁଭଦ୍ରାରୁ ବାଦ୍ ପଡ଼ିବା ଦୁର୍ଭାଗ୍ୟଜନକ: ବିଜେଡି

ଭୁବନେଶ୍ୱର, ୧୭।୯ (ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ମଧ୍ୟରୁ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ଏଥିରୁ ମିଳୁଥିବା ସୁବିଧା ପାଇବାରୁ ବାଦ୍ ପଡ଼ିବେ। ଏହା ସ୍ପଷ୍ଟ ହୋଇଥିବା ବେଳେ ସେମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ବୋଲି ସରକାରଙ୍କ ତରଫରୁ ଦିଆଯାଇଥିବା ମନ୍ତବ୍ୟ ବାସ୍ତବିକ କଟା ଘା'ରେ ଚୂନ ଲଗାଇବା ସଦୃଶ ବୋଲି ବିଜେଡି କହିଛି। ଦଳ ତରଫରୁ ଜାରି କରାଯାଇଥିବା ଏକ ବିବୃତିରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ଭାଜପା ତା'ର ଇସ୍ତାହାରରେ ସୁଭଦ୍ରା ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ଭାଜପା କ୍ଷମତାକୁ ଆସିବା ପରେ ପ୍ରତ୍ୟେକ ମହିଳାଙ୍କୁ ନ ଦେଇ କେବଳ ୨୧ରୁ ୬୦ ବର୍ଷର ଆର୍ଥିକ ଅନଗ୍ରସର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଏବେ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ସୁଭଦ୍ରା ଯୋଜନାରୁ ବାଦ୍ ପଡିବେ ବୋଲି ସ୍ପଷ୍ଟ ହୋଇଛି। ଏମାନେ ଏବେ ସୁଦ୍ଧା ମାତ୍ର ୨ଟି କିସ୍ତି ପାଇଛନ୍ତି। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି ବୋଲି ସରକାର ଦାବି କରୁଥିବା ବେଳେ ବାଦ୍ ପଡ଼ିବାକୁ ଯାଉଥିବା ମହିଳାମାନେ କ'ଣ ଲାଭ ଦେଲେ କୁହନ୍ତୁ। ଏହାଛଡା ବାଦ୍ ପଡ଼ିଥିବା ମହିଳାମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ବୋଲି ଯାହା କୁହାଯାଇଛି, ତାହା ଗ୍ରହଣୀୟ ନୁହେଁ। କାରଣ, ସାମାଜିକ ସୁରକ୍ଷା ଯୋଜନାରେ ପୂର୍ବରୁ ପ୍ରାୟ ୬ ଲକ୍ଷ ଲୋକ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନକରି ଅପେକ୍ଷାରେ ଅଛନ୍ତି ବୋଲି ଲେନିନ୍ କହିଛନ୍ତି।

**ଇଣ୍ଡିଆନ ବ୍ୟାଙ୍କ Indian Bank** ଇଲାହାବାଦ ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର,**
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବରମୁଣ୍ଡା ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ବାସୁଦେବ ଏଜେନ୍ସି, ୨) ଶ୍ରୀମତୀ ଯଶୋରିକା ମହାନ୍ତି, ମେସର୍ସ ବାସୁଦେବ ଏଜେନ୍ସିର ସ୍ୱତ୍ୱାଧିକାରୀ, ସ୍ୱାମୀ: ପ୍ରଭଞ୍ଜନ ମହାନ୍ତି / **ଜାମିନ୍‌ଦାର: ଶ୍ରୀ ପ୍ରଭଞ୍ଜନ ମହାନ୍ତି,** ପିତା: ନିରଞ୍ଜନ ମହାନ୍ତି, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୧୬୨, ଧର୍ମ ବିହାର, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ଟ.୩୨,୬୬,୦୪୪.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୧୧.୦୭.୨୦୨୩ / ୧୭.୦୯.୨୦୨୫ | ଜମି ଯାହାର କ୍ଷେତ୍ର: ଏକର୦.୦୬୯ ଡିସିମିଲି (୩୦୦୫ ବର୍ଗଫୁଟ), ଆର୍‌ଏସ୍‌ଡ଼ି ନଂ.: ୧୧୦୮୧୧୨୬୩୭୯, ଭଲ୍ୟୁମ ନଂ.: ୫୩୧, ତା.୨୨.୧୦.୨୦୧୧, ଖାତା ନଂ.: ୫୪୦/୧୨୯୭, ପ୍ଲଟ୍ ନଂ.: ୫୯/୨୬୫୮/୩୬୭୦, ମୌଜା: ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ ନଂ.-୨୬, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା, ଏହାର ଚଉହଦି- ପୂର୍ବ: ଶ୍ରୀମତୀ ପୁବାଲୀ ରଣା (ବିକ୍ରେତା)ଙ୍କ ପ୍ଲଟ୍, ପଶ୍ଚିମ: ପ୍ଲଟ୍ ନଂ. ୨୬୫, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୧୩୯ |
| **ଶଙ୍ଖେଶ୍ୱରହାଟ ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ସନ୍ତୋଷ କୁମାର ସାହୁ / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ଧୁନ ଚନ୍ଦ୍ର ସାହୁ ଏବଂ ୨) ଶ୍ରୀ ଜୟଦେବ ସାହୁ, ସମସ୍ତଙ୍କ ଠିକଣା- ସା: ଶଙ୍ଖେଶ୍ୱରହାଟ, ପୋ: ଶଙ୍ଖେଶ୍ୱର, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୩୭ (ଓଡ଼ିଶା) | ଟ.୪,୪୬,୬୮୧.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୧୮.୦୬.୨୦୨୫ / ୧୮.୦୯.୨୦୨୫ | ଶ୍ରୀ ସନ୍ତୋଷ କୁମାର ସାହୁ, ଶ୍ରୀ ଜୟଦେବ ସାହୁ ଏବଂ ଶ୍ରୀ ଧୁନ ଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହର ଖାତା ନଂ.: ୭୦୪/୧୯୦, ପ୍ଲଟ୍ ନଂ.: ୧୬୪୭, କ୍ଷେତ୍ର: ଏକର୦.୧୯ଡିସିମିଲି ଏବଂ ଖାତା ନଂ.: ୭୦୪/୩, ପ୍ଲଟ୍ ନଂ.: ୧୬୪୭/୨୩୫୩, କ୍ଷେତ୍ର: ଏକର୦.୧୯ଡିସିମିଲି, ମୌଜା: କୋଲଟା, ଥାନା: ତିର୍ତ୍ତୋଲ, ତହସିଲ: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ଚୌହଦୀ: ୧) ଖାତା ନଂ.: |

୭୦୪/୧୯୦, ପ୍ଲଟ୍ ନଂ.: ୧୬୪୭ର ଚଉପାର୍ଶ୍ୱରେ- ଉତ୍ତର: ଧୁନ ସାହୁଙ୍କ ପ୍ଲଟ୍, ଦକ୍ଷିଣ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ପୂର୍ବ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ପଶ୍ଚିମ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ୨) ଖାତା ନଂ.: ୭୦୪/୩, ପ୍ଲଟ୍ ନଂ.: ୧୬୪୭/୨୩୫୩ର ଚଉପାର୍ଶ୍ୱରେ- ଉତ୍ତର: ଧୁନ ସାହୁଙ୍କ ପ୍ଲଟ୍, ଦକ୍ଷିଣ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ପୂର୍ବ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ପଶ୍ଚିମ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍,

ତାରିଖ: ୧୮.୦୯.୨୦୨୫
ସ୍ଥାନ: ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ବୋହୂଙ୍କୁ ଟାଙ୍ଗିଆରେ ହାଣିବା ପରେ ଶ୍ୱଶୁରଙ୍କ ଆତ୍ମହତ୍ୟା

ଧୂଷୁରୀ, ୧୮।୯ (ଦୀପ୍ତିରଞ୍ଜନ ନାୟକ)

ପାରିବାରିକ କଳହକୁ ନେଇ ଜଣେ ବୃଦ୍ଧ ତାଙ୍କ ବୋହୂଙ୍କ ଟାଙ୍ଗିଆ ହାଣି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଭଳି ଘଟଣା ଘଟିଛି ଗୁରୁବାର ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଅସ୍ତକ ଗ୍ରାମରେ। ଗ୍ରାମର ପଞ୍ଚାନନ ମଲ୍ଲିକ (୫୮) କୌଣସି କଳିଝଗଡାକୁ ନେଇ ନିଜ ବୋହୂ ଯଶୋଦା(୩୦)ଙ୍କ ମୁଣ୍ଡକୁ ଟାଙ୍ଗିଆରେ ହାଣି ପକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଧୂଷୁରୀ ଏରିଆ ହସ୍‌ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ପଞ୍ଚାନନ ବେକରେ ରଶିଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଧୂଷୁରୀ ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଏକ ହତ୍ୟା ମାମଲା(ନଂ. ୪୪୬/ ୨୫) ଓ ଏକ ଅପମୃତ୍ୟୁ ମାମଲା(ନଂ.୩୬ /୨୫) ରୁଜୁ ହୋଇଛି।

## ଶିକାରୀ ଭାବି ଯୁବକଙ୍କୁ ମାଡ଼ ମରାଯିବା ଘଟଣା

# ପୋଲିସ-ଗ୍ରାମବାସୀ ମୁହାଁମୁହିଁ

■ରାସ୍ତା ଅବରୋଧ
■ବିଟ୍ ହାଉସ୍ ଭିତରେ ଧସେଇ ପଶିବାକୁ ଉଦ୍ୟମ

ଉଦଳା,୧୮।୯(ସନ୍ତୋଷ କୁମାର ବାଛିନୀ)

ଗୋରୁ ଚରାଇବାକୁ ଜଙ୍ଗଲ ଭିତରକୁ ଯାଇଥିଲେ ଗ୍ରାମବାସୀ। ହେଲେ ସେମାନଙ୍କୁ ଶିକାରୀ ଭାବି ନିସ୍ଠୁକ ମାଡ଼ ମାରିଥିଲେ ସବୁଜ ବାହିନୀ କର୍ମଚାରୀ। ଏହାର ପ୍ରତିବାଦରେ ଗୁରୁବାର ଉତ୍ତ୍ୟକ୍ତ ଗ୍ରାମବାସୀ କପ୍ତିପଦା- ଠାକୁରମୁଣ୍ଡା ରାସ୍ତା ଅବରୋଧ କରିବା ସହିତ ବିଟ୍ ହାଉସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା- କେନ୍ଦୁଝର ରାସ୍ତାର କଟୁରିଆ ଛକ ନିକଟରେ।

ସୂଚନା ଅନୁଯାୟୀ, ୩ ଦିନ ପୂର୍ବେ କଟୁରିଆ ଅଞ୍ଚଳର କେତେଜଣ ଯୁବକ ଗୋରୁ ଚରାଇବା ନିମନ୍ତେ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଜାଲାରାମ ସିଂ, ମାନୁଜମା ସିଂଦେବଗାମଙ୍କୁ ଶିକାରୀ ଭାବି ସବୁଜ ବାହିନୀ କର୍ମଚାରୀ ନିସ୍ଠୁକ ମାଡ଼ ମାରିଥିଲେ। ଏତିକିରେ କଥା ସରି ନ ଥିଲା। ସେହିଦିନ ରାତିରେ ବନ



ବିଟ୍ ହାଉସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଗ୍ରାମବାସୀ।

କର୍ମଚାରୀମାନେ ଜାଲାରାମଙ୍କ ଘରେ ପହଞ୍ଚିଥିଲେ। ଏଆଇ କ୍ୟାମେରାରେ କଏଦ ହୋଇଥିବା କେତେଜଣ ଶିକାରୀଙ୍କ ଫଟୋ ଜାଲାରାମଙ୍କ ସ୍ତ୍ରୀଙ୍କୁ ଦେଖାଇ ଫଟୋରେ ଥିବା ବ୍ୟକ୍ତିଙ୍କୁ ଚିହ୍ନିଛ ବୋଲି ପଚାରିଥିଲେ। ଜାଲାରାମଙ୍କ ସ୍ତ୍ରୀ ପାନ ସିଂ ସେମାନଙ୍କୁ ଚିହ୍ନି ନ ଥିବା କହିବାରୁ ତାଙ୍କୁ ବନ୍ଧୁକ ଦେଖାଇ ଗୁଳି କରିଦେବାକୁ ଧମକ ଦେବା ସହିତ ବନ କର୍ମଚାରୀ ମାଡ଼ ମାରିଥିଲେ। ପରଦିନ ଜାଲାରାମ ଏକଥା ଗ୍ରାମବାସୀଙ୍କୁ ଜଣାଇବା ପରେ ଅସନ୍ତୋଷ ପ୍ରକାଶ ପାଇଥିଲା। ୫୦୦ରୁ ଅଧିକ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପାରମ୍ପରିକ ଧନୁ, ଫାର୍ସା, କୁରାଢ଼ି, କଟୁରି ଆଦି ଧରି ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ କପ୍ତିପଦା-ଠାକୁରମୁଣ୍ଡା ରାସ୍ତାରେ ଥିବା କଟୁରିଆ ବିଟ ହାଉସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାସ୍ତା ଅବରୋଧ କରିଥିଲେ। ବିଟ୍ ହାଉସ ଭିତରକୁ ଅସ୍ତ୍ରଶସ୍ତ୍ର ଧରି ଗ୍ରାମବାସୀ ଧସେଇ ପଶିବାକୁ ଉଦ୍ୟମ କରିଥିବାବେଳେ ଖବରପାଇ ପୋଲିସ ପହଞ୍ଚି ପ୍ରତିରୋଧ କରିଥିଲା। ଏହି ସମୟରେ ପୋଲିସ ସହିତ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। କପ୍ତିପଦା ଉପଖଣ୍ଡ ପୋଲିସ ଅଧିକାରୀ ହୃଷୀକେଶ ନାୟକଙ୍କ ସମେତ କପ୍ତିପଦା ରେଞ୍ଜର ଅଚ୍ୟୁତାନନ୍ଦ ଦାସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା ମାଡ଼ ମାରିଥିବା ସବୁଜ ବାହିନୀ ଏବଂ ବନ କର୍ମଚାରୀଙ୍କୁ ତୁରନ୍ତ ବାହାରକୁ ଆଣିବା ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିଲେ। ୫ ଘଣ୍ଟା ଧରି ଆନ୍ଦୋଳନ ଚାଲିଥିଲା। ଶେଷରେ ଆସନ୍ତା ୨୬ ତାରିଖରେ ଏ ନେଇ ଏକ ବୈଠକ କରାଯାଇ ଘଟଣାର ତଦନ୍ତ କରାଯିବ ବୋଲି ଉପସ୍ଥିତ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ପାଣିରେ ବୁଡ଼ି ଯୁବକ ମୃତ

ଠାକୁରମୁଣ୍ଡା,୧୮।୯
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଚମ୍ପାଝର ଗ୍ରାମପଞ୍ଚାୟତ ଅନ୍ତର୍ଗତ କିରିକିଚିପାଳ ଗାଁର ଜଣେ ଯୁବକ ଗୁରୁବାର ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଗୌତମ ଦାସ (୨୭)। ସୂଚନା ଅନୁଯାୟୀ ଗୌତମ ମଧ୍ୟାହ୍ନ ସମୟରେ ଗାଧୋଇବାକୁ ଯାଇ ପାଣିରେ ବୁଡିଯାଇ ଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ନାଳ ପାଣିରୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ବାରିପଦା,୧୮।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ୪୯ନଂ ଜାତୀୟ ରାଜପଥ ଟୋଲଗେଟ ନିକଟରେ ଦୁଇ ବାଇକ୍‌ମଧ୍ୟରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ଚନ୍ଦନପୁର ଅଞ୍ଚଳର କୁହାଯାଉଥିବାବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲକୁ ପଠାଇଛି।

## ରାଜ୍ୟସ୍ତରୀୟ ଖେଳକୁ ୩ ମନୋନୀତ

### ମୋରଡ଼ା ଆଦର୍ଶ ବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ



ହିମାଂଶୁ ଓ ଦେବାଶିଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମୋରଡ଼ା,୧୮।୯(ସ୍ମାରକ ମାଜୀ)

ଜିଲାସ୍ତରୀୟ କବାଡି ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲା ମୋରଡ଼ା ଆଦର୍ଶ ବିଦ୍ୟାଳୟକୁ ସଫଳତା ମିଳିଛି। ଏହି ବିଦ୍ୟାଳୟର ୩ ଜଣ ଛାତ୍ର ରାଜ୍ୟସ୍ତରୀୟକୁ ମନୋନୀତ ହୋଇଛନ୍ତି। ମନୋନୀତ ହୋଇଥିବା ଛାତ୍ରମାନେ ହେଲେ ଏକାଦଶ ଶ୍ରେଣୀର କରଣ ଅର୍ଜୁନ ମହାନ୍ତ,ସପ୍ତମ ଶ୍ରେଣୀର ହିମାଂଶୁ ଶେଖର ଦାସ ଏବଂ ଷଷ୍ଠ ଶ୍ରେଣୀର ଦେବାଶିଷ ପାତ୍ର। ଏପରି କୃତୀତ୍ୱ ପାଇଁ ବିଦ୍ୟାଳୟ ତରଫରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଯାଇଛି। ଏହି ସଫଳତା ପାଇଁ ଛା ମାନେ ବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାତ୍ର ଏବଂ ଅନ୍ୟ ଶିକ୍ଷୟତ୍ରୀ ଶିକ୍ଷକ ତଥା ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୂଚନା ଅନୁଯାୟୀ, ବିଶୋଇରେ ହୋଇଥିବା ଜିଲାସ୍ତରୀୟ କବାଡି ପ୍ରତିଯୋଗିତାରେ ଭାଗନେଇ ଉତ୍ତମ ଖେଳ ପ୍ରଦର୍ଶନ କରି ନଭେମ୍ବର ୧୩ରୁ ୧୭ ପର୍ଯ୍ୟନ୍ତ ସୁନ୍ଦରଗଡ଼ରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ସେହିପରି ବାରିପଦାରେ ହୋଇଥିବା ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ହିମାଂଶୁ ଶେଖର ଦାସ ଏବଂ ଦେବାଶିଷ ପାତ୍ର ଯଥାକ୍ରମେ ଦ୍ୱିତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରି ସେପ୍ଟେମ୍ବର ୨ ରୁ ୨୫ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।

## ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀଙ୍କୁ ୧ ବର୍ଷ ଜେଲ

ମୋରଡ଼ା,୧୮।୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ଜେଏମଏଫସି କୋର୍ଟରେ ଗୁରୁବାର ସ୍ତ୍ରୀଙ୍କୁ ମାରପିଟ ଓ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଛି। ଜଜ ଶ୍ରୁତି ପଟ୍ଟନାୟକ ଏହାର ବିଚାର କରି ଦୋଷୀ ସ୍ୱାମୀଙ୍କୁ ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୪ ମାସ ଜେଲଦଣ୍ଡ ଦେବାକୁ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ମୋରଡ଼ା ଥାନା ଅଧୀନ ସିନ୍ଦୁରଯୋଡ଼ା ଗ୍ରାମର କାଜଲ ମାର୍ଣ୍ଡି ଉକ୍ତ ଗ୍ରାମର ସନାତନ ମାର୍ଣ୍ଡିଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ସନାତନ କାଜଲଙ୍କୁ ମାରପିଟ କରିବା ସହିତ ନିର୍ଯାତନା ଦେଇଥିଲେ। କିଛି ବର୍ଷ ପରେ ସନାତନ ଚକୁଳିଆ ଗ୍ରାମରେ ଦ୍ୱିତୀୟ ବିବାହ କରିଥିଲେ। କାଜଲ ଏହାକୁ ବିରୋଧ କରିବାରୁ ସନାତନ ତାଙ୍କୁ ମାରପିଟ କରିଥିଲେ। ଏବାବଦରେ କାଜଲ ପୋଲିସକୁ ଜଣାଇଥିଲେ କିନ୍ତୁ ଗ୍ରାମର କିଛି ଭଦ୍ର ଲୋକଙ୍କ ଉପସ୍ଥିତିରେ ଘଟଣାର ସମାଧାନ ହୋଇଥିଲା। କିନ୍ତୁ କିଛି ଦିନ ପରେ ସନାତନ ପୁଣି କାଜଲଙ୍କୁ ମାରିପଟ କରିବା ଆରମ୍ଭ କରିଥିଲେ। ଦିନେ କାଜଲଙ୍କୁ ସନାତନ ମାଡ଼ ମାରୁଥିବା ସମୟରେ ଗ୍ରାମବାସୀ ଭୀମ ମୁର୍ମୁ, ଗୋବିନ୍ଦ ମୁର୍ମୁ ତାଙ୍କୁ ଉଦ୍ଧାର କରିଥିଲେ। ଘଟଣା ବାବଦରେ ମୋରଡା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ. ୭୨/୨୦୦୭)ରୁଜୁ ହୋଇଥିଲା। ଏପିପି ସମ୍ବିତ ଦାଶ ମାମଲା ପରିଚାଳନା କରୁଥିଲେ।


## କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ ସଚିବଙ୍କ ମୟୂରଭଞ୍ଜ ଗସ୍ତ



ସମୀକ୍ଷା ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ ସଚିବ ନିହାର ରଞ୍ଜନ ଦାଶ ଓ ଅନ୍ୟମାନେ।

ବାରିପଦା,୧୮।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ ସଚିବ ନିହାର ରଞ୍ଜନ ଦାଶ ୨ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ରାଜସ୍ୱ ସମ୍ବନ୍ଧିତ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲାପାଳ ଡ଼ ଦୟାସିନ୍ଧୁ ପରିଡା, କପ୍ତିପଦା ଉପଜିଲାପାଳ ସୁଶାନ୍ତ କୁମାର ବାରିକ, କରଞ୍ଜିଆ ଅତିରିକ୍ତ ଉପଜିଲାପାଳ ପ୍ରକାଶ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ମୁଖ୍ୟତଃ ରାଜସ୍ୱ ସମ୍ବନ୍ଧିତ ଯଥା ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ଜମିଜମା ମାମଲା, ବିଭିନ୍ନ ସାର୍ଟିଫିକେଟ, ଭୂମିହୀନ ପଟ୍ଟା, ଜଙ୍ଗଲ ଜମି ପଟ୍ଟା, ମିଉଟେସନ, ଜମି ଅଧିଗ୍ରହଣ, କ୍ଷତିପୂରଣ ପ୍ରଦାନ, ଆବଶ୍ୟକ ସ୍ଥଳେ ଆର୍ଥିକ ସହାୟତା ପ୍ରଦାନ, ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ସମାଧାନ ଇତ୍ୟାଦି ବିଭିନ୍ନ ପ୍ରକାର ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ। ଏତଦ ବ୍ୟତୀତ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଥିବା ଟ୍ରାଇଙ୍ଗୁଲାର କମିଟି ବୈଠକରେ ଯୋଗଦେଇ ବୋର୍ଡ ଅଫ ରେଭିନ୍ୟୁ, କଟକଙ୍କ ଅଡିଟ ରିପୋର୍ଟ ଉପରେ ସମୀକ୍ଷା କରିବା ସହିତ ଅଡିଟ ପାରା ଗୁଡିକ କିପରି ସେଟେଲ ହୋଇ ଡ୍ରପ ହୋଇପାରିବ ସେବିଷୟରେ ଅଧିକାରୀଙ୍କ ସହିତ ବିଚାର ବିମର୍ଶ କରିଥିଲେ। ସମୀକ୍ଷା ପରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଲୋକଙ୍କ ପ୍ରତିଟି ଅଭିଯୋଗ ଓ ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇ ତଥା ସକାରାତ୍ମକ ମନୋଭାବ ନେଇ ସମାଧାନ ନିମନ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ସରକାରୀ ଯୋଜନାରୁ ପ୍ରକୃତ ହିତାଧିକାରୀ ଯେପରି ବଞ୍ଚିତ ନ ହୁଅନ୍ତି ସେଥି ପ୍ରତି ଧ୍ୟାନ ଦେଇ ଦାୟିତ୍ୱର ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ କହିଥିଲେ। ସମୀକ୍ଷା ବୈଠକରେ ରାଜସ୍ୱ ବିଭାଗର ବିଭିନ୍ନ ଜିଲା ସ୍ତରୀୟ ଅଧିକାରୀଙ୍କ ସମେତ କ୍ଷେତ୍ର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।







## ରକ୍ତଚାପ ମାପୁଛନ୍ତି ସୁରକ୍ଷା କର୍ମୀ

### ରୋଗୀ ସେବାରେ ବିଭ୍ରାଟ

କରଞ୍ଜିଆ,୧୮।୯(କବିତା ମହାନ୍ତ)

ଚିକିତ୍ସାଧୀନ ରୋଗୀଙ୍କ ରକ୍ତଚାପ ମାପୁଛନ୍ତି ସୁରକ୍ଷା କର୍ମୀ। ଏଭଳି ଏକ ସମ୍ବେଦନଶୀଳ ଓ ରୋଗୀ ସେବାରେ ବ୍ୟାପକ ବିଭ୍ରାଟର ନଗ୍ନଚିତ୍ର ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା କରଞ୍ଜିଆସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ। ଜଣେ ରୋଗୀ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିବା ବେଳେ ସୁରକ୍ଷା କର୍ମୀ ମେଶିନ ଲଗାଇ ରୋଗୀଙ୍କ ରକ୍ତଚାପ ମାପ କରୁଥିବା ଭିଡିଓ ଭାଇରାଲ ହୋଇଛି।

ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ନଗେନ୍ଦ୍ର ନାଥ ମହାପାତ୍ରଙ୍କୁ ପଚାରିବାରୁ ରକ୍ତଚାପ ମାପିବାପାଇଁ କୌଣସି ତାଲିମ ଦରକାର ନାହିଁ। ଅଭିଜ୍ଞତା ଦରକାର ବୋଲି କହିଛନ୍ତି। ଅନ୍ୟ ପଟେ ଡାକ୍ତରଖାନାରେ କର୍ମଚାରୀ ଅଭାବ ଥିବାବେଳେ ସୁରକ୍ଷା କର୍ମୀ ବହୁତ କାମ କରୁଛନ୍ତି। ଶାନ୍ତି ଶୃଙ୍ଖଳାଠାରୁ ଆରମ୍ଭ କରି ରୋଗୀଙ୍କୁ ଡାକ୍ତରଙ୍କ ପାଖରେ ପହଞ୍ଚାଇବା ପର୍ଯ୍ୟନ୍ତ ସବୁ କରୁଛନ୍ତି। ଫଳରେ ଡାକ୍ତରଖାନାକୁ ଆସୁଥିବା ସମସ୍ତ ରୋଗୀ ହଇରାଣ ନ ହୋଇ ସେବା ପାଉଛନ୍ତି। ତେବେ ରୋଗୀ ସେବା ବ୍ୟବସ୍ଥା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ରୋଗୀଙ୍କ ସମ୍ପର୍କୀୟ ପ୍ରକାଶ କରିଛନ୍ତି।

## ତଦନ୍ତ କଲେ ବେତନଟୀ ବିଡିଓ

### ଭଗବାନପୁର ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତିକୁ ନେଇ ବିବାଦ

ବୈଶିଙ୍ଗା,୧୮।୯(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଆମଗଡ଼ିଆ ପଞ୍ଚାୟତର ଭଗବାନପୁର ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତକୁ ବିରୋଧକୁ ନେଇ ଗୁରୁବାର ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାର ତଦନ୍ତ କରି ଫେରି ଯାଇଛନ୍ତି।

ସୂଚନା ମୁତାବକ, ସାରମଣୀ ହେମ୍ବ୍ରମ ନାମ୍ନୀ ଜଣେ ଉଚ୍ଚ ଶିକ୍ଷିତା ମହିଳା ସରକାରଙ୍କ ପକ୍ଷରୁ ପରିଚାଳିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଭଗବାନପୁର ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ଭାବେ ନିଯୁକ୍ତି ପାଇଥିଲେ। ହେଲେ ସେ କାର୍ଯ୍ୟରେ ଯୋଗଦେବାକୁ ଯିବାବେଳେ ଜୁଲାଇ ମାସରେ ଏହି କେନ୍ଦ୍ରର କର୍ମୀ କନକଲତା ସିଂଙ୍କ ସମେତ କେତେଜଣ ଗ୍ରାମବାସୀ ସାରମଣୀ ଉକ୍ତ ଗ୍ରାମର ବାସିନ୍ଦା ହୋଇ ନ ଥିବା ଦର୍ଶାଇ ତାଙ୍କ ନିଯୁକ୍ତିକୁ ବିରୋଧ କରିଥିଲେ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଚାବି ପକାଇ ଦେଇଥିଲେ।

ତେବେ ସାରମଣୀ ଓ ତାଙ୍କୁ ସମର୍ଥନ କରୁଥିବା କେତେଜଣ ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ହୋଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଶିଶୁ କଲ୍ୟାଣ ପ୍ରକଳ୍ପ ଅଧିକାରୀ, ପୋଲିସ ଉପଖଣ୍ଡ ଅଧିକାରୀ ସୁଶ୍ରୀ ମିନତୀ ବିଶ୍ୱାଳ , ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଗୁରୁବାର ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଯଦି ନିଯୁକ୍ତି ସମସ୍ୟାକୁ ନେଇ କୌଣସି ଆପତ୍ତି ଅଭିଯୋଗ ଥାଏ ତାହେଲେ ଅଦାଲତ ମାଧ୍ୟମରେ ଏହାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏହାସହିତ ସାରମଣୀଙ୍କ ନିଯୁକ୍ତିକୁ ତତ୍କାଳୀନ ଭିତ୍ତିରେ ଲାଗୁ କରାଯାଇଥିଲା।

## ବାଇକ୍ ଉପରକୁ ମାଡ଼ିଗଲା ବସ୍

### ଅଳ୍ପକେ ବର୍ତ୍ତିଲେ ବାଇକ୍ ଚାଳକ

ଗୋପବନ୍ଧୁ ନଗର, ୧୮।୯
(ଶାନ୍ତନୁ କୁମାର ମଡୁଆଲ)

ଉଦଳା- ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥ ବଜାର ସଂଲଗ୍ନ ଖୁଣ୍ଟା ଡିଗ୍ରୀ କଲେଜ ସମ୍ମୁଖରେ ଗୁରୁବାର ସକାଳ ୧୧ଟା ସମୟରେ ଏକ ଯାତ୍ରୀବାହୀ ବସ ବାରିପଦା ଅଭିମୁଖେ ଯାଉଥିବା ବେଳେ ସମ୍ମୁଖ ପଟୁ ଆସୁଥିବା ବାଇକ ଉପରକୁ ମାଡି ଯାଇଥିଲା। ଫଳରେ ବାଇକ୍‌ଟି ଭାଙ୍ଗିରୁଜି ଯାଇଥିବା ବେଳେ ବାଇକ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ମୁତାବକ, ଜଗନ୍ନାଥ ନାମକ ଏକ ଘରୋଇ ବସ ଉଦଳାରୁ ବାରିପଦା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ବାମ ପାର୍ଶ୍ୱରେ ଆସୁଥିବା ବାଇକ ଚାଳକଙ୍କ ଉପରକୁ ହଠାତ୍ ମାଡି ଯାଇଥିଲା। ରାସ୍ତାଠାରୁ ଡାହାଣ ପାର୍ଶ୍ୱକୁ ପ୍ରାୟ ୨ ଫୁଟ ତଳକୁ ଯାଇ ଭାରସାମ୍ୟ ହରାଇବା ସହ ରାସ୍ତା ପାର୍ଶ୍ୱରେ ଥିବା ଗଛରେ ପିଟି ହୋଇ ଆଗକୁ ଯାଇ ପାରି ନ ଥିଲା। ବସ୍‌ଟି ମାଡି ଆସୁଥିବା ଦେଖି ବାଇକ ଉପରୁ ବାମ ପାର୍ଶ୍ୱକୁ ଡେଇଁ ପଡ଼ିବାରୁ ବାଇକ୍ ଚାଳକ ବର୍ତ୍ତି ଯାଇଥିଲେ। ଖୁଣ୍ଟା ଥାନା ଆଇଆଇସି ପଞ୍ଚାନନ ମହାନ୍ତି ପହଞ୍ଚି ବସ୍‌ଟିକୁ ଜବତ କରିବା ସହ ଥାନାରେ ଅଟକ ରଖିଛନ୍ତି।

## ବିଶ୍ୱ ଓଜୋନସ୍ତର ଦିବସ

ବାରିପଦା,୧୮।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଓଜୋନସ୍ତର ଦିବସ ଅବସରରେ ଏକ ସଚେତନଧର୍ମୀ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ବିଜ୍ଞାନ ସୋସାଇଟି ତରଫରୁ ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ସୁଶ୍ରୀ ସଙ୍ଗୀତା ପତି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରି ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହ ସମ୍ପ୍ରତି ବିଶ୍ୱର ତାପମାତ୍ରା ବୃଦ୍ଧିର କାରଣ ନିରାକରଣ ଓ ବିଶ୍ୱ ଓଜନ ସ୍ତର ସମ୍ପର୍କରେ ଆଲୋପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ରସାୟନ ବିଭାଗର ବିଭାଗ ମୁଖ୍ୟ ତଥା ସହକାରୀ ପ୍ରଫେସର ଡ. ବିଘ୍ନାଂଶୁ କୁମାର ଜେନା ଯୋଗ ଦେଇଥିଲେ।

# ଆଦି କର୍ମଯୋଗୀ ଅଭିଯାନ ସ୍ଥିତି ଅନୁଧାନ

### ମୟୂରଭଞ୍ଜରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ନିର୍ଦ୍ଦେଶିକା

ବାରିପଦା,୧୮।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)





କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶିକା ଡ. ବର୍ଣ୍ଣାଳୀ ଡେକା ଆଲୋଚନା କରୁଛନ୍ତି।

ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ନିର୍ଦ୍ଦେଶିକା ଡ. ବର୍ଣ୍ଣାଳୀ ଡେକା ମୟୂରଭଞ୍ଜ ଜିଲାଗସ୍ତରେ ଆସି ଆଦିକର୍ମଯୋଗୀ ଅଭିଯାନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଭିନ୍ନ ବ୍ଲକର ଆଦିବାସୀ ବହୁଳ ଗ୍ରାମ ପରିଦର୍ଶନ କରିଛନ୍ତି।

ଆଦି କର୍ମଯୋଗୀ ଯୋଜନାଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଆକାଂକ୍ଷିତ କାର୍ଯ୍ୟକ୍ରମ ଯେଉଁଥିରେ ଦେଶର ୧୧ କୋଟି ଆଦିବାସୀ ବର୍ଗଙ୍କୁ ସଂଶ୍ଳିଷ୍ଟ କରାଯିବ ଏବଂ ୧ ଲକ୍ଷ ଆଦିବାସୀ ଅଧ୍ୟୁଷିତ ଗ୍ରାମ, ୩୦ଟି ରାଜ୍ୟ, ୫୦୦ ଜିଲା, ୩ହଜାର ବ୍ଲକରେ ୨୦ ଲକ୍ଷ କର୍ମଯୋଗୀ ସୃଷ୍ଟି କରାଯିବ। ଆଦି କର୍ମଯୋଗୀ ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଆଦିବାସୀ ଅଞ୍ଚଳରେ ସେବାରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସଚେତନ, କର୍ତ୍ତବ୍ୟନିଷ୍ଠ ଓ ଲୋକାଭିମୁଖୀ କରିବା । ଏମାନେ ଆଦିବାସୀ ସମାଜର ସାହିତ୍ୟ, ସଂସ୍କୃତି, ପରମ୍ପରା, ଜୀବନଚର୍ଯ୍ୟା ଓ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ଉପରେ ଗଭୀରତାର ସହ ଅନୁଧାନ କରି ଭିଜନ ୨୦୩୦ ପାଇଁ ସେହି ଅଞ୍ଚଳର ବିକାଶ ପାଇଁ ଗ୍ରାମବାସୀଙ୍କ ସହାଭାଗୀତାରେ କାର୍ଯ୍ୟ ଯୋଜନା (ଆକ୍ସନ ପ୍ଲାନ) ପ୍ରସ୍ତୁତ କରିବେ ଏବଂ ସରକାରୀ ଯୋଜନାଗୁଡ଼ିକର କିପରି ସୁଚାରୁ କାର୍ଯ୍ୟକାରିତା ହୋଇ ଲୋକଙ୍କ ପାଖରେ ଶତ ପ୍ରତିଶତ ପହଞ୍ଚି ପାରିବ ତାହାର ସୁନିଶ୍ଚିତ କରାଇବେ। ଏହାର ସଫଳ ରୂପାୟନ ପାଇଁ ତ୍ରିସ୍ତରୀୟ ଶ୍ରେଣୀରେ ବିଭକ୍ତ କରାଯାଇ ଆଦି କର୍ମଯୋଗୀ ଯେଉଁଥିରେ ସରକାରୀ ଅଧିକାରୀ, ଆଦି ସହଯୋଗୀ ଯେଉଁଥିରେ ଶିକ୍ଷକ, ଡାକ୍ତର ଇତ୍ୟାଦି ଓ ତୃତୀୟରେ ଆଦି ସାଥି ଯେଉଁଥିରେ ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀ ଇତ୍ୟାଦି ମାନେ ଅନ୍ତର୍ଭୁକ୍ତ ହୋଇ ତୃଣମୂଳ ସ୍ତରରେ କାର୍ଯ୍ୟ କରିବେ। ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକର ୧୩୬୩ ଆଦିବାସୀ ବହୁଳ ଗ୍ରାମ ଅନ୍ତର୍ଭୁକ୍ତ ହୋଇଛି। ଏହି ଆଦି କର୍ମଯୋଗୀ, ଆଦି ସହଯୋଗୀ ଓ ଆଦି ସାଥି ମାନେ ଏଥିପାଇଁ କାର୍ଯ୍ୟ କରିବେ।

ଏହି ଗସ୍ତ କାଳରେ ନିର୍ଦ୍ଦେଶିକା ଡ. ଡେକା ଶୁକ୍ଳି ବ୍ଲକର ପଣ୍ଡାବିଲା ଓ ବାରିପଦା ବ୍ଲକର କୃଷ୍ଣଚନ୍ଦ୍ରପୁର ଗ୍ରାମ ପରିଦର୍ଶନ କରିଥିଲେ। ଏଥି ସହିତ ବେତନଟୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ଆଦି ସହଯୋଗୀ ଓ ଆଦି ସାଥି ମାନଙ୍କ ପାଇଁ ଆୟୋଜିତ ଆଭିମୁଖୀକରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ସ୍ଥାନୀୟ ଯୁବପିଢ଼ି, ଶିକ୍ଷକ, ସୟଂସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନୱାଡି କର୍ମୀଙ୍କ ସହିତ ଆଦି କର୍ମଯୋଗୀ ଅଭିଯାନ ସମ୍ପର୍କରେ ଭାବ ବିନିମୟ କରିଥିଲେ। ଏଥିସହିତ ସେବା, ସଂକଳ୍ପ ତଥା ସମର୍ପଣ ଭାବ ନେଇ କାର୍ଯ୍ୟ କରିବା ସହ ଏହାର ସମ୍ପୂର୍ଣ୍ଣ ସଫଳତା ନିମନ୍ତେ ପରାମର୍ଶ ଦେଇଥିଲେ। ଆଦି ସାଥି ଓ ଆଦି ସହଯୋଗୀମାନେ ପ୍ରତ୍ୟେକ ସକ୍ରିୟ ଅଂଶ ଗ୍ରହଣ କରି ଗ୍ରାମର ବିକାଶ ପାଇଁ ଗ୍ରାବାସୀଙ୍କ ସହଭାଗୀତାରେ ଉପଯୁକ୍ତ କାର୍ଯ୍ୟ ଯୋଜନା(ଆକ୍ସନ ପ୍ଲାନ) ପ୍ରସ୍ତୁତ କରିବେ ବୋଲି ନିର୍ଦ୍ଦେଶକଙ୍କୁ ଦୃଢ ପ୍ରତିଶ୍ରୁତି ଦେଇଥିଲେ।

# ଶୁଭମିତ୍ରା ହତ୍ୟାକାରୀ ଦୀପକଙ୍କ ଗୁମର ଫିଟୁଛି

## ପୋଲିସ ମୁଖା ତଳେ ଛପିଥିଲା ସଇତାନ ଚେହେରା

ଭୁବନେଶ୍ୱର,୧୮।୯(ସତ୍ୟଜିତ୍ ରାଉତ)

ଟ୍ରାଫିକ୍ କନ୍‌ଷ୍ଟେବଲ୍ ଶୁଭମିତ୍ରା ସାହୁଙ୍କ ହତ୍ୟା ଘଟଣାରେ ଗୋଟିଏ ପରେ ଗୋଟିଏ ରହସ୍ୟ ପଦାକୁ ଆସିବାରେ ଲାଗିଛି। ଶୁଭମିତ୍ରାଙ୍କ ହତ୍ୟାକାରୀ କନ୍‌ଷ୍ଟେବଲ ସ୍ୱାମୀ ଦୀପକ ରାଉତ ଅତି ଚତୁରତାର ସହ ଏହି କାଣ୍ଡ ଭିଆଇଥିବା ତଦନ୍ତରୁ ଜଣାପଡ଼ିଛି। ଏପରିକି ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ଘଟଣାରେ ମଧ୍ୟ ସେ ଛଦି ହୋଇଛନ୍ତି। ବୀମା ଟଙ୍କା ହଡ଼ପ କରିବାକୁ ଦୀପକ ଚକ୍ରାନ୍ତ କରି ପ୍ରଥମ ସ୍ତ୍ରୀ ଏବଂ ପରେ ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ମୁଖା ତଳେ କିଭଳି ଏକ ସଇତାନ ଚେହେରା ଛପି ରହିଥିଲା, ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଛି।

### ଜେଲ ଗଲେ ଦୀପକଙ୍କ ସମେତ ୩ ଅଭିଯୁକ୍ତ

▶▶ଟ୍ରାଫିକ୍ କନ୍‌ଷ୍ଟେବଲ୍ ଶୁଭମିତ୍ରାଙ୍କ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଦୀପକଙ୍କ ସମେତ ୩ଜଣ ଗୁରୁବାର ଜେଲ ଯାଇଛନ୍ତି। ଦୀପକଙ୍କ ମାଉସୀ ପୁଅ ଭାଇ ବିନୋଦ ବିହାରୀ ଭୂୟାଁ ଓରଫ ପପୁ (୩୯) ଓ ତାଙ୍କ ସାଙ୍ଗ ଶଙ୍କ୍ରାମ ମହନ୍ତ ଓରଫ ଜଟ (୨୧)ଙ୍କୁ ଆପରାଧିକ ଷଡ଼ଯନ୍ତ୍ର ଏବଂ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଗିରଫ କରାଯାଇଛି। ଉଭୟଙ୍କ ଘର ଘରଗାଁ ଥାନା କୁନ୍ଦୁନପୁର ରାଜାବନ୍ଧ ସାହିରେ। କ୍ୟାପିଟାଲ ଥାନା ପକ୍ଷରୁ ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜଟଙ୍କ ଘର ପଛପାର୍ଶ୍ୱ ଖାଲି ସ୍ଥାନରେ ଶୁଭମିତ୍ରାଙ୍କ ମୃତଦେହ ପୋତାଯାଇଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ନିଜ ପୋଲିସ ସହକର୍ମୀଙ୍କୁ ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ପକ୍ଷରୁ ଦୀପକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି।

### ପ୍ରଥମ ସ୍ତ୍ରୀ ଅପର୍ଣ୍ଣାଙ୍କୁ ମାରି ଦୁର୍ଘଟଣା ରୂପ ଦେଇଥିଲେ

▶▶ଦୀପକଙ୍କ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ମୃତ୍ୟୁ ଘଟଣାକୁ ନେଇ ବଡ଼ ଗୁମର ସାମ୍ନାକୁ ଆସିଛି। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ଅଧୀନ କରଡ଼ସିଂହ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଭାବେ ଅପର୍ଣ୍ଣା କାମ କରୁଥିଲେ। ସାଢ଼େ ୩ବର୍ଷ ତଳେ ଅପର୍ଣ୍ଣାଙ୍କୁ ଦୀପକ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ସାନ ଭଉଣୀ ରୋଜାଲିନ ରାଉତ ପୋଲିସ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମାଟ୍ରିମୋନିଆଲ ସାଇଟ୍‌ରେ ଅପର୍ଣ୍ଣାଙ୍କ ବିବାହ ପାଇଁ ଦୀପକଙ୍କ ସହ ଯୋଗାଯୋଗ ହୋଇଥିଲା। ୨୦୧୮ ଏପ୍ରିଲ ୨୫ରେ ଅପର୍ଣ୍ଣାଙ୍କୁ ଦୀପକ ବିବାହ କରିଥିଲେ। ୨୦୨୩ ମାର୍ଚ୍ଚ ପରଠାରୁ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହୁଥିଲା। ଏହି ଘଟଣାକୁ ଅପର୍ଣ୍ଣା ତତ୍କାଳୀନ ପୋଲିସ କମିଶନରଙ୍କୁ ମଧ୍ୟ ଜଣାଇଥିଲେ। ଦୀପକ ସବୁବେଳେ ଅପର୍ଣ୍ଣାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ ସହ ତାଙ୍କ ମାଁରେ ଗର୍ଭ ଆଣିଥିଲେ। ସେହି ପରିସ୍ଥିତିରେ ଅପର୍ଣ୍ଣାଙ୍କ ପ୍ରଥମ ଗର୍ଭ ନଷ୍ଟ ହୋଇଥିଲା। ମୃତ୍ୟୁ ସମୟରେ ବି ସେ ୬ ମାସର ଗର୍ଭବତୀ ଥିଲେ। ୨୦୨୨ ମାର୍ଚ୍ଚ ୧୭ରେ ରାତି ପ୍ରାୟ ୮ଟା ବେଳେ ଖୁଣ୍ଟୁଣୀ ନିକଟରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ଘଟିଛି ବୋଲି ଦୀପକ ଫୋନ୍ କରି ଜଣାଇଥିଲେ। ରୋଜାଲିନ ଏହା ପରେ ତାଙ୍କ ସ୍ୱାମୀଙ୍କ ସହ ଢେଙ୍କାନାଳରୁ କଟକ ଅଭିମୁଖେ ବାହାରିଥିଲେ। ଦୀପକ ପ୍ରଥମେ ଅପର୍ଣ୍ଣାଙ୍କୁ ଏସ୍‌ସିବି ନେଇଥିବା କହି ପରେ ଅଶ୍ୱିନୀ ହସ୍ପିଟାଲରେ ଅପର୍ଣ୍ଣା ଥିବା କହିଥିଲେ। ଉକ୍ତ ହସ୍ପିଟାଲରେ ପହଞ୍ଚିବା ପରେ ସେମାନେ ଅପର୍ଣ୍ଣାଙ୍କ ମୃତଦେହ ଦେଖିଥିଲେ। ବାପା ଜଣେ ସରଳ ଚାଷୀ ଲୋକ ହୋଇଥିବାରୁ ଦୀପକ ଅଭିନୟ କରି ଘଟଣାକୁ ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ଅଭିଯୋଗ ପତ୍ରରେ ରୋଜାଲିନ ବର୍ଣ୍ଣାଇଛନ୍ତି। ଅନ୍ୟପକ୍ଷରେ ଦୀପକ ଏଜାହାରରେ ଦର୍ଶାଇଥିଲେ ଯେ, ଅପର୍ଣ୍ଣାଙ୍କ ସହ କାର୍‌ରେ ଭୁବନେଶ୍ୱରରୁ ଢେଙ୍କାନାଳ ଯିବାବେଳେ ଖୁଣ୍ଟୁଣୀ ରାସ୍ତାରେ ଟକ୍କା ଲାଗି ହୋଇଥିଲା। ଅପର୍ଣ୍ଣା ଠିଆ ହୋଇଥିବାବେଳେ ଏକ ଟ୍ରକ ଚକରୁ ପଥର ଛିଟିକି ଅପର୍ଣ୍ଣାଙ୍କ ମୁଣ୍ଡରେ ବାଜିଥିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ହେଲେ ଏହି ଘଟଣାରେ ଦୀପକ ସେତେବେଳେ ପରିବାର ଠାରୁ ପୋଲିସ ସମସ୍ତଙ୍କୁ ଭୁଆଁ ବୁଲାଇଥିଲେ ବୋଲି ଅଭିଯୋଗ ହୋଇଛି।



ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ସହ ଦୀପକ



ଶୁଭମିତ୍ରା

### ସିପି ଅଫିସ ପାର୍କିଂରେ କାର୍ ଭିତରେ ରଖିଥିଲେ ମୃତଦେହ

▶▶ଶୁଭମିତ୍ରାଙ୍କ ହତ୍ୟା ଘଟଣାକୁ ନେଇ ଏକ ଚାଞ୍ଚଲ୍ୟକର ଗୁମର ପଦାକୁ ଆସିଛି। ଭୁବନେଶ୍ୱର ପୋଲିସ କମିଶନରେଟ୍ ମୁଖ୍ୟାଳୟର ପାର୍କିଂ ସ୍ଥଳରେ ନିଜ କାର୍ ଭିତରେ ଶୁଭମିତ୍ରାଙ୍କ ମୃତଦେହ ରଖି ଦୀପକ ଡ୍ୟୁଟି କରିଥିଲେ ବୋଲି ଶୁଣିବାକୁ ମିଳୁଛି। କାରରେ ମୃତଦେହ ରଖି ଅପରାହ୍ନ ୩ଟାରୁ ୪ଟା ୧୫ ପର୍ଯ୍ୟନ୍ତ ଦୀପକ ଡ୍ୟୁଟି କରିଥିଲେ। ପରେ ସେ କାରରେ ମୃତଦେହ ନେଇ ଘରଗାଁ ଚାଲିଯାଇଥିଲେ। ତେବେ ପାର୍କିଂରେ ମୃତଦେହ ଭର୍ତ୍ତି କାର୍ ଥିବାବେଳେ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

### ନ୍ୟାୟ ନ ପାଇଲେ ଆତ୍ମହତ୍ୟା: ଶୁଭମିତ୍ରାଙ୍କ ବାପା

▶▶ଶୁଭମିତ୍ରାଙ୍କ ହତ୍ୟା ଘଟଣାକୁ ନେଇ ବାପା ଦୁର୍ଯ୍ୟୋଧନ ସାହୁ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହା ପଛରେ କେବଳ ଦୀପକ ନୁହନ୍ତି, ତାଙ୍କ ଭାଇ ମାଷ୍ଟରମାଇଣ୍ଡ ବୋଲି ସେ କହିଛନ୍ତି। ଏହି ଘଟଣାରେ ଦୀପକଙ୍କ ମଉସା, ମାଉସୀ, ମାଉସୀ ପୁଅ ଓ ତାଙ୍କର ଭଣଜା ମଧ୍ୟ ସମ୍ପୃକ୍ତ ଅଛନ୍ତି। ଠିକ୍ ତଦନ୍ତ କରାଗଲେ ହତ୍ୟା ଘଟଣା ଉପରୁ ପରଦା ହଟିବ। ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରି ଦୀପକ ଦୁର୍ଘଟଣାର ରୂପ ଦେଇ ୧.୫ କୋଟି ବୀମା ପାଇଥିଲେ। ଝିଅ ଶୁଭମିତ୍ରାଙ୍କୁ ଏକତରଫା ବିବାହ କରି ୧.୨୫ କୋଟି ଟଙ୍କା ବୀମା କରିଥିଲେ। ଦୀପକଙ୍କୁ ଫାଶୀ ହେବା ଦରକାର। ଉପର କୋର୍ଟକୁ ଯିବାକୁ ସେ ଅସମର୍ଥ ଥିବା ବେଳେ ନ୍ୟାୟ ନ ପାଇଲେ ଆତ୍ମହତ୍ୟା କରିବି ବୋଲି ଦୁର୍ଯ୍ୟୋଧନ ଚେତାବନୀ ଦେଇଛନ୍ତି।

### ପୁନଃ ତଦନ୍ତ ଦାବି କଲେ ଅପର୍ଣ୍ଣାଙ୍କ ମା'ବାପା

ଢେଙ୍କାନାଳ,୧୮।୯(ରତନ ନାୟକ)



ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ଦୀପକ ହତ୍ୟା କରି ତାଙ୍କ ନାମରେ ଥିବା ୧ କୋଟି ଟଙ୍କାର ବୀମାକୁ ଯୋଜନାବଦ୍ଧ ଭାବେ ସେ ହଡ଼ପ କରିଥିବା ଢେଙ୍କାନାଳରେ ରହୁଥିବା ପରିବାର ଲୋକ ଗଣମାଧ୍ୟମ ଆଗରେ କହିଛନ୍ତି। ବାପା ବିରଞ୍ଚି ରାଉତ, ମା' ଅହଲ୍ୟା ରାଉତ ଓ ଅନ୍ୟତମ ଭଉଣୀ ରୁପାଲି ରାଉତ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁନଃ ତଦନ୍ତ ଦାବି କରି ସେମାନଙ୍କୁ ନ୍ୟାୟ ଦିଆଯାଉ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଏହି ମାମଲା ତଦନ୍ତର ଅଗ୍ରଗତି ନେଇ କଟକ ଗ୍ରାମାଞ୍ଚଳ ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ।

# ନାବାଳିକାଙ୍କୁ ହତ୍ୟା କରି ଫିଙ୍ଗିଦେଲେ

## କୋଷ୍ଟକେନାଲରୁ ଗଳିତ ମୃତଦେହ ଜବତ



ଘଟଣାସ୍ଥଳରେ ଏସ୍‌ପି ଓ ଅନ୍ୟମାନେ।



ନାବାଳିକାଙ୍କ ମୃତଦେହକୁ ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ଉପରକୁ ଆଣୁଛନ୍ତି।

ବାସୁଦେବପୁର,୧୮।୯ (କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ)

### ୫ ଦିନ ତଳେ ଘର ନିକଟରୁ ଅପହରଣ ହୋଇଥିଲେ

ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳ ଅଧୀନ ରାଧାନାଥପୁର ଆଡ଼ିଆ ଗ୍ରାମରୁ ଗତ ୫ ଦିନ ତଳେ ଅପହରଣ ହୋଇଥିବା ୮ବର୍ଷୀୟା ନାବାଳିକାଙ୍କ ଗଳିତ ମୃତଦେହ ଗୁରୁବାର ଗାଁଠାରୁ ୫୦୦ ମିଟର ଦୂର କୋଷ୍ଟକେନାଲରୁ ଜବତ କରାଯାଇଛି। ତାଙ୍କୁ ଅପହରଣ ପରେ ହତ୍ୟା କରାଯାଇ କେନାଲର ଅନାବନା ଘାସ ଓ ଦଳ ଥିବା ସ୍ଥାନରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ଏନେଇ ଚୂଡ଼ାମଣି ସାମୁଦ୍ରିକ ଥାନାରେ ଏକ ମାମଲା (ନଂ. ୭୪/୨୫) ରୁଜୁ ହୋଇଥିବାବେଳେ ଜଣେ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଖୁବ୍‌ଶୀଘ୍ର ଅନ୍ୟ ଅପରାଧୀମାନଙ୍କୁ ଧରାଯିବ ବୋଲି ଏସ୍‌ପି ମନୋଜ କୁମାର ରାଉତ କହିଛନ୍ତି।

ପ୍ରକାଶ ଥାଉକି, ଉକ୍ତ ଗ୍ରାମର ସଦାନନ୍ଦ ମଳିକଙ୍କ ଝିଅ ସୁଭଦ୍ରାଙ୍କୁ ଗତ ଶନିବାର ରାତିରେ ୨ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଘର ଆଗରୁ ଅପହରଣ କରି ନେଇଥିଲେ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତକୁ ଜୋରଦାର କରିବା ସହ ବିଭିନ୍ନ ସ୍ଥାନରେ ଥିବା ସିସି କ୍ୟାମେରାର ଫୁଟେଜ ଯାଞ୍ଚ, ଲୋକଙ୍କୁ ପଚରାଉଚରା କରିବା ଓ ନାକାବନ୍ଦୀ କରି ଛାନ୍‌ଭିନ୍ ଚଳାଇଥିଲା। ବୁଧବାର ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ଗ୍ରାମ ନିକଟସ୍ଥ ପୋଖରୀ ଓ ଗାଡ଼ିଆରେ ଖୋଜାଖୋଜି କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ପୀନାକ ମିଶ୍ର, ଏସ୍‌ପି ରାଉତ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ନିକଟସ୍ଥ କେନାଲରେ ଖୋଜାଖୋଜି କରିବା ପାଇଁ ଡିଆଇଜି ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ସକାଳେ ଅଗ୍ନିଶମବାହିନୀ ଗ୍ରାମ ପଛପଟେ ଥିବା କୋଷ୍ଟ କେନାଲରେ ଖୋଜାଖୋଜି ଆରମ୍ଭ କରିଥିଲେ। କେନାଲରେ ଖୋଜିବା ବେଳେ ଦୁର୍ଗନ୍ଧ ହୋଇଥିଲା। ସେହି ସ୍ଥାନରେ ଅଧିକ ଖୋଜାଖୋଜି ପରେ ସୁଭଦ୍ରାଙ୍କ ଗଳିତ ମୃତଦେହ ଘାସତଳୁ ମିଳିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ନାୟକାଣିଡିହୀ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ, କଷିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡା, ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକ, ଚୂଡ଼ାମଣି ସାମୁଦ୍ରିକ ଥାନାଧିକାରିଣୀ ବନାନୀ ବେହେରା, ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପାରିପାର୍ଶ୍ୱିକ ଅବସ୍ଥାରୁ ଦୁର୍ବୃତ୍ତମାନେ ନାବାଳିକାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଖବର ପ୍ରଚାରିତ ହେବା ପରେ ବହୁ ଲୋକ ସେଠାରେ ଭିଡ଼ ଜମାଇଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଗ୍ରାମରେ ଭୟରେ ବାତାବରଣ ସୃଷ୍ଟି ହୋଇଥିଲା। ଅପରାଧୀଙ୍କୁ ତୁରନ୍ତ ଧରିବା ପାଇଁ ପରିବାର ଲୋକ ଦାବି କରିଛନ୍ତି।

# ସ୍ତ୍ରୀଙ୍କ ବେକ କାଟିଦେଲେ ସ୍ୱାମୀ

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି, ସ୍ୱାମୀ ଗିରଫ

ବାଲେଶ୍ୱର, ୧୮।୯ (ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ସ୍ତ୍ରୀଙ୍କ ବେକକୁ ଛୁରୀରେ କାଟି ହତ୍ୟା ଉଦ୍ୟମ କରିଛନ୍ତି ସ୍ୱାମୀ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ସ୍ୱାମୀଙ୍କୁ ଗାଁ ଲୋକେ ସ୍ୱାମୀଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ କଟକ ବକ୍ସିବଜାର ମସ୍ତାନରୋଡ୍ ଅଞ୍ଚଳର ମହମ୍ମଦ ଅମଜାଦ (୫୨)ଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।



ଗିରଫ ଅଭିଯୁକ୍ତ।

ଅମ୍‌ଜାଦ ଟାଉନ ଥାନା ଅଧୀନ ପଠାଣମହଲା ଗ୍ରାମର ପିଙ୍କି ଖାତୁନଙ୍କୁ ବିବାହ କରିଥିଲେ। ପିଙ୍କି ପଠାଣମହଲାରେ ରହୁଥିବାବେଳେ ଅମ୍‌ଜାଦ କଟକରେ ରହୁଛନ୍ତି। ଗୁରୁବାର ଅମ୍‌ଜାଦ ଶ୍ୱଶୁର ଘରକୁ ଆସି ସ୍ତ୍ରୀଙ୍କୁ ଏକ ନିଛାଟିଆ ଜାଗାକୁ ଡାକିକଥା ହେଉଥିଲେ। ଅମ୍‌ଜାଦଙ୍କ କୌଣସି ଏକ କଥାରେ ପିଙ୍କି ରାଜି ହୋଇ ନ ଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ପକେଟ୍‌ରୁ ଏକ ଛୁରି ବାହାର କରି ପିଙ୍କିଙ୍କ ବେକକୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅମଜାଦ୍ ଦୌଡ଼ି ପଳାଉଥିବା ବେଳେ ତାଙ୍କୁ କାବୁ କରିଥିଲେ। ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ଅମଜାଦ୍‌ଙ୍କୁ ଗିରଫ କରିଛନ୍ତି। ଏନେଇ ଏକ ମାମଲା ରୁଜୁ ହୋଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ନାଏବ ସରପଞ୍ଚଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୧୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ଜଣେ ନାଏବ ସରପଞ୍ଚଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତକ ହେଲେ ବିଜାପୁର ଜିଲା ଜାଙ୍ଗଲା ଥାନା ଅନ୍ତର୍ଗତ ବେଚରମ ଗ୍ରାମର ନାଏବ ସରପଞ୍ଚ ଦସରୁ ଓୟାମ। ମାଓବାଦୀ ସଂଗଠନର ସ୍ମାଲ ଆକ୍ସନ ଟିମ୍‌ର ପ୍ରାୟ ୫ ଜଣ ମାଓବାଦୀ ଦସରୁଙ୍କ ଘରକୁ ଯାଇ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଥିବା ସୂଚନା ମିଳିଛି। ମାଓବାଦୀମାନେ ମୃତଦେହ ନିକଟରେ ଏକ ପୋଷ୍ଟର ଛାଡ଼ିଯାଇଛନ୍ତି। ନାଏବ ସରପଞ୍ଚ ପୋଲିସ ସୂଚନାଦାତା ହୋଇଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ଜାଙ୍ଗଲା ଥାନା ପୋଲିସ ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ବିଜାପୁର ଏସ୍‌ପି ଚନ୍ଦ୍ରକାନ୍ତ ଗବର୍ଡ଼ା କହିଛନ୍ତି।

# ୧୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ନିକଟରେ ୧୮ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୧୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ ମହିଳା ମାଓବାଦୀ ରହିଛନ୍ତି। ଆତ୍ମସମର୍ପଣ କରିଥିବା ଏହି ମାଓବାଦୀମାନେ ଏରିଆ କମିଟି ସଦସ୍ୟ, ଏଲ୍‌ଓଏସ୍‌ସିଏନ୍‌ଏମ୍ ସଦସ୍ୟ, ପିପିସିଏମ୍ ସଦସ୍ୟ, ମିଲିଟ୍ରି ପ୍ଲାଟୁନ୍ ଓ ଜନତାନା ସରକାରର ବିଭିନ୍ନ ପଦବୀରେ ରହିଥିବା ଜଣାପଡ଼ିଛି। ଏବେ ଛତିଶଗଡ଼ରେ ଲଗାତର ମାଓବାଦୀ ଅପରେଶନ ଚାଲିଥିବା ବେଳେ ମାଓବାଦୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଏପରି ପରିସ୍ଥିତିରେ ମାଓବାଦୀମାନେ ଆତ୍ମସମର୍ପଣ କରିବା ପାଇଁ ବାଧ୍ୟ ହେଉଛନ୍ତି ବୋଲି ନାରାୟଣପୁର ପୋଲିସ ଅଧୀକ୍ଷକ ସୂଚନା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ମାଓବାଦୀଙ୍କ ଗୁଳିରେ ଯବାନ ଗୁରୁତର

## କନ୍ଧମାଳ-ଗଞ୍ଜାମ ସୀମାନ୍ତରେ କୋମ୍ବିଂ ଜୋର୍‌ଦାର

ଫୁଲବାଣୀ/ରାଇକିଆ/ଭଞ୍ଜନଗର, ୧୮।୯(ରାକେଶ କୁମାର ରାଉତ/ପ୍ରଦୀପ କୁମାର ବେହେରା/ବାବୁଲା ପ୍ରଧାନ)

ଦୀର୍ଘଦିନର ନିରବତା ପରେ ମାଓବାଦୀମାନେ ସେମାନଙ୍କ କରିଡର ବଦଳାଇ ବହୁ ବର୍ଷ ପୂର୍ବରୁ ଥିବା ସ୍ଥାନରେ ପୁଣି ନିଜ ସ୍ଥିତି ଜାହିର କରିଛନ୍ତି। କନ୍ଧମାଳ ଜିଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ଗେଦିଙ୍ଗିଆ ନିକଟସ୍ଥ ଜଙ୍ଗଲ ତଥା ଗଞ୍ଜାମ ଜିଲା ଭଞ୍ଜନଗର ସୀମାନ୍ତରେ ଯବାନ- ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଜଣେ ଯବାନଙ୍କ ଦେହରେ ଗୁଳି ବାଜିଛି। ସେ ହେଲେ ପ୍ରେମ ସିଂ ମାଝି। ତାଙ୍କୁ ଗୁରୁତର ଅବସ୍ଥାରେ ଭଞ୍ଜନଗର ମେଡିକାଲରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଗେଦିଙ୍ଗିଆ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଯବାନମାନେ କୋମ୍ବିଂ ଅପରେଶନ କରୁଥିଲେ। ଜଙ୍ଗଲ ମଧ୍ୟରେ ସେମାନେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଯବାନ ପ୍ରେମ ସିଂଙ୍କ ଦେହରେ ଗୁଳି ବାଜିବାରୁ ସେ ଗୁରୁତର ହୋଇଥିଲେ। ସାଥୀ ଯବାନ ତାଙ୍କୁ ଇନ୍ଦ୍ରଗଡ଼ ମେଡିକାଲରେ ଛାଡି ପୁଣି କୋମ୍ବିଂକୁ ଚାଲି ଯାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ପ୍ରେମ ସିଂଙ୍କୁ ରାଇକିଆ ପୋଲିସ ଭଞ୍ଜନଗର ମେଡିକାଲକୁ ନେଇଥିଲା। ଭଞ୍ଜନଗର ମେଡିକାଲରେ ସର୍ଜରୀ ବିଶେଷଜ୍ଞ ନ ଥିବା ଯୋଗୁ ବ୍ରହ୍ମପୁର ଏବଂ ଆସିକାରୁ ୨ ଜଣ ଡାକ୍ତରଙ୍କୁ ଡକାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ପ୍ରେମ ସିଂଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତରିତ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଘଟଣାସ୍ଥଳରେ ରକ୍ତ ପଡିଥିବାରୁ କେତେଜଣ ମାଓବାଦୀ ମଧ୍ୟ ଆହତ ହୋଇଥିବା ଅନୁମାନ କରାଯାଉଛି । ଏ ନେଇ କନ୍ଧମାଳ ଏସ୍‌ପି ହରିଶ ବିସିଙ୍କୁ ପଚାରିବାରୁ ସେ କହିଛନ୍ତି, ଗୁଳି ବିନିମୟ ବେଳେ ଜଣେ ଯବାନ ଆହତ ହୋଇଛନ୍ତି। ମେଡିକାଲରେ ତାଙ୍କ ଅବସ୍ଥା ସ୍ଥିର ରହିଛି। ଏବେ କୋମ୍ବିଂ ଜୋରଦାର ଚାଲିଛି। ସର୍ଚ୍ଚ ଅପରେଶନ ପରେ ସବିଶେଷ ଜଣାପଡିବ ବୋଲି କହିଛନ୍ତି।


**OFFICE OF THE NOTIFIED AREA COUNCIL**
**PURUSHOTTAMPUR, (GANJAM) PIN-761018**
Email Id : eo-nacpurushottampur@gov.in / purushottampurnac@gmail.com
Ph. No. 06811-295222

Letter No : 1646/NAC Dated : 16.09.2025

**QUOTATION CALL NOTICE FOR HIRING OF VEHICLE FOR NAC, PURUSHOTTAMPUR FOR 2025-26**

**No.C-1102** : Sealed quotations/tenders are hereby invited from interested persons / Registered Firms / Travel Agencies / Trusts having valid GST Registration Certificates for providing a commercial light vehicle having sitting capacity not more than 08 including driver i.e.(BOLERO NEO or any SUV of equal category) bearing commercial registration number, along with a driver, for deployment under NAC, Purushottampur for official use on a monthly rental basis, strictly conforming to the terms and conditions specified in the bid document/agreement.

- Period of Receipt of Bids: **From 18/09/2025, 10:00 A.M. to 25/09/2025, 2:00 P.M.**
- Date & Time of **Opening of Bids: 25/09/2025 at 04:00 P.M.** in the NAC Conference Hall.
- Cost of Quotation Paper: **Rs. 1000/- (Rupees One Thousand only)**, payable at the office of the undersigned or may submitted in shape of demand draft for downloaded bid form.
- The Quotation Form will be available at the office of the undersigned during office hours from 18/09/2025 to 25/09/2025 **upto 1.00 P.M.** and can also be downloaded from the website: https://nacpurushottampur.in/tender.

The undersigned reserves the right to **reject any or all quotations/tenders** without assigning any reason thereof.

Sd./- Executive Officer
NAC, Purushottampur
OIPR-13187/11/0014/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, UPPER KOLAB IRRIGATION DIVISION, BORIGUMMA, DIST : KORAPUT**
**e-Procurement Notice**
**Bid Identification No. SEUKID-02/2025-26 Dated : 16.09.2025**

**No.A-628** : Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : Civil Works
2. No. of Works : 24 Nos
3. Estimated Cost : Rs.6.77 Lakhs to Rs.13.14 Lakhs
4. Period of completion : Two calendar months
5. Date & Time of Bidding : From 11.00 hours of **20.09.2025** Up to 17.00 hours of **03.10.2025**
6. Last date & time for receipt of bids in portal : **03.10.2025** up to 17.00 hours
7. Bids received online shall be opened on : 11.00 hours of **04.10.2025**
8. Name and address of the officer inviting Bid : Superintending Engineer, Upper Kolab Irrigation Division, Borigumma (K)

**Further details can be seen from the www.tendersodisha.gov.in.** Addendum/corrigendum/cancellation required, if any will be published in Govt. Website only.

Sd./- Superintending Engineer,
Upper Kolab Irrigation Division,
Borigumma (K)
OIPR-32482/11/0013/2526

**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone No. : / Fax No. : 0680-2233683, Email : eernb1_ganjam@yahoo.com
**GOVERNMENT OF ODISHA Quotation Notices**
No.B-534 **Short Auction sale Notice No. 12 of 2025-26**
Ltr. No. 11038/ Dated : 16.09.2025

1. Name of the work : i) Dismantling of different Residential Buildings in the premises of judicial colony District & Session Judge Court at Berhampur.
ii) Dismantling of old settlement office (Non-residential) building in the premises of District Session Judge Court at Berhampur
2. Reserve Price : i) Rs. 9,36,921/- ii) Rs. 68,821/-
3. EMD to be deposited (In shape as N.S.C / Post Office savings bank account / Post office time deposit account / Kisan Vikas Patra / Bank Guarantee) : i) Rs. 2,34,500/- ii) 17,200/-
4. Period of Completion : 1 (One) Calendar Month
5. Receipty of Quotation : From 20.09.2025 to 25.09.2025 up to 5.00 P.M.
6. Date & Time of Opening of Quotation : 11 A.M. of 26.09.2025
7. Name and address of the Officer inviting Quotation : Superintending Engineer, Ganjam (R&B) Division No.I, Berhampur

Sd./- Superintending Engineer
Ganjam (R&B) Division No.I
OIPR-34109/11/0044/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୯୫ **ବିଜ୍ଞାପନ** ତା:୯।୯।୨୫

No. CAD-1796: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଶ୍ରୀ ସତ୍ୟସାଇ ଏନକ୍ଲେଭ, ଆଇଗିଣିଆ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଗୃହ ନଂ. ଏଚ.ଆଇ.ଜି.–୧–୩୪ (HIG-1-34), ଗୃହଟିକୁ ଶ୍ରୀମତୀ ମମତା ପ୍ରଧାନ, ସ୍ୱାମୀ: ଚିତ୍ତରଞ୍ଜନ ପ୍ରଧାନ, ସା/ପୋ./ଥାନା/ଜିଲ୍ଲା: ଦେଓଗଡ଼ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମମତା ପ୍ରଧାନ ଉକ୍ତ ଗୃହଟିକୁ ତାଙ୍କ ସାଧାରଣ କ୍ଷମତା ପ୍ରାପ୍ତ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ସାହୁ, ପିତା: ଦୟାନିଧି ସାହୁ, ସା/ପୋ/ଥାନା/ଜିଲ୍ଲା: ଦେଓଗଡ଼ଙ୍କ ଜରିଆରେ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଅନନ୍ୟା ସାହୁ, ସ୍ୱାମୀ: ନମିତ୍ ବହ୍ଲ, ସା: କ୍ରୀଷ୍ଣା ନଗର, ପୋ: ଲକ୍ଷ୍ମୀ ନଗର, ଥାନା/ଜିଲ୍ଲା: ଯାଜପୁରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନା ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0859/2526

**GOVERNMENT OF ODISHA** E-mail: sebalangir@gmail.com
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR**
**"e-Procurement Notice"**
No. A-629 **BID Identification No. ACE, BOIC-03/2025-26**
**Procurement Details**

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(Online)- (in INR) | Cost of tender document- (Online)- (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Improvement to service Road of RMC in between RD 16200 M to RD 18516 M under SIP | Rs.167.71 Lakh (excluding G.S.T.) | 'A' & 'B' Class | Rs.1,67,800/- | Rs.10,000/- | 12 (Twelve) Calendar Months |
| 2 | Improvement to service road of left side service road from RD 0.63 Km to RD 1.710 Km under SIP | Rs.250.22 Lakh (excluding G.S.T.) | 'A' & 'B' Class | Rs.2,50,300/- | Rs.10,000/- | 12 (Twelve) Calendar Months |
| 3 | Improvement to service Road of LMC in between RD 8.00 Km to 8.80 Km, RD 11.00 Km to 12.10 Km and Sagada Hatapada to Bagh barrage under BIP | Rs.251.67 Lakh (excluding G.S.T.) | 'A' & 'B' Class | Rs.2,51,700/- | Rs.10,000/- | 12 (Twelve) Calendar Months |
| 4 | Improvement to service road of LMC within RD 8450 M to 13000 M under SIP | Rs.249.62 Lakh (excluding G.S.T.) | 'A' & 'B' Class | Rs.2,49,700/- | Rs.10,000/- | 12 (Twelve) Calendar Months |
| 5 | Improvement to service Road of RMC in between RD 00 Km to RD 6.4 Km under BIP | Rs.251.44 Lakh (excluding G.S.T.) | 'A' & 'B' Class | Rs.2,51,500/- | Rs.10,000/- | 12 (Twelve) Calendar Months |
| 6 | Improvement to service road of RMC in between RD 18750 M to RD 22500 M under SIP | Rs.209.66 Lakh (excluding G.S.T.) | 'A' & 'B' Class | Rs.2,09,700/- | Rs.10,000/- | 12 (Twelve) Calendar Months |
| 7 | Flood protection work to the Right Bank of River Tel at Village: Manikpur under Ghantapada G.P. of Kantamal Block (working RD 50.530 Km to 50.930 Km) | Rs.184.90.00 Lakh (excluding G.S.T.) | 'A' & 'B' Class | Rs.1,84,900/- | Rs.10,000/- | 12 (Twelve) Calendar Months |
| 8 | Flood Protection work to the Right Bank of River Mahanadi near Village: Dianghat of Harabhanga G.P. of Harabhanga Block working RD 82.30 Km to 82.44 Km) | Rs.180.63 Lakh (excluding G.S.T.) | 'A' & 'B' Class | Rs.1,80,700/- | Rs.10,000/- | 12 (Twelve) Calendar Months |

| Procurement Officer | Bid Identification No. | Availability of tender Online for bidding | | Date of seeking tender clarification | Date & time of opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC-03/2025-26 | Dt.23.09.2025 At 10.00 hours | Dt.17.10.2025 upto 17.30 hours | Dt.23.09.2025 to Dt.06.10.2025 at Office during office hours (In working days) | Dt.18.10.2025 at 11.00 hours | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal **"https://www.tendersodisha.gov.in"**.
OIPR-32347/11/0004/2526 Sd./- Additional Chief Engineer, Balangir Irrigation Circle, Balangir

**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
ଓଡ଼ିଶା ସରକାର
**POWER HOUSE SQUARE, UNIT-V, BHUBANESWAR**
TEL. NO. : 0674-2394873, Fax : 2391255/2391024
Email: sdaorissa@od.gov.in, eic-epcei@od.gov.in

**Indicative advertisement for the Engagement of EV Consultant on temporary basis in Energy Conservation Cell in the office of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar**

Advt. No.Tech-EC-1188/ 6033 / Date 15th Sept 2025.

**No.AA-27** : Engineer-in-Chief (Electricity)-cum-Principal Chief Electrical Inspector, Odisha under the Department of Energy, Govt. of Odisha invites applications from eligible candidates for engagement of one number of EV consultant. The last date of receipt of completed applications is 25.09.2025, 05:00 PM.

For detailed advertisement and to download the application forms, please visit the website: https://eicelectricityodisha.nic.in. The authority reserves the right to accept / reject any application without assigning any reasons thereof.

**"Go Electric Go Green"**

Sd./-
EIC(E)-cum-PCEI & SDA (O)
OIPR-04066/11/0034/2526

## ଜନ୍ମଦିନର ଶୁଭେଚ୍ଛା



ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................

ଓମ୍‌ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୧୪ତମ ଜନ୍ମ ବାର୍ଷିକୀ ଶୁଭେଚ୍ଛା



**ଓମ୍‌ସାଇ ବିଶ୍ୱାଳ**
ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା

ଜନ୍ମଦିନେ ବୁଦ୍ଧି, ବିଦ୍ୟା, ଆଶିଷ ଦେଇଥାଅ ପ୍ରଭୁ ଓମ୍‌ସାଇ ଡାକୁଥିବ ସଦା ତୁମକୁ ଦୁଃଖ ଆସିଲେବି ଭାଗ୍ୟଫଳ ଭାବି ବୁଝାଇ ଦେବି ମୋ ମନକୁ।

ଶୁଭେଚ୍ଛାସହ:
ସାଇ ପରିବାର, ଆମ ପରିବାର, ତୁମ ପରିବାର, ଗୁରୁ ମା, ଗୁରୁଜୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୧୯

## PhD ଡିଗ୍ରୀରେ ସମ୍ମାନିତ



ପାରାଦ୍ୱୀପର ଡଃ ସୁବ୍ରତ କୁମାର ବରାଳ PhD (Mechanical Engineering) ଡିଗ୍ରୀ ପାଇଛନ୍ତି। ସେ VNIT, ନାଗପୁର, ମହାରାଷ୍ଟ୍ରରେ ଡଃ ରବି କୁମାର ଦମ୍ମଲାଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ସେ ଶ୍ରୀ ଶରତ କୁମାର ବରାଳ, P.A., PDA ଏବଂ ଶ୍ରୀମତୀ ତୁଳସୀ ବରାଳ, ଲେଖିକା ଏବଂ ସମାଜସେବୀଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ଏହି କୃତିତ୍ୱ ପାଇଁ ସାଙ୍ଗସାଥୀ, ବନ୍ଧୁବାନ୍ଧବ ଏବଂ ପାରାଦ୍ୱୀପର କିଛି ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।
ଧ-୨୦୨୦

SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ନାରାୟଣୀ ମୋଟର୍ସରେ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍‌ର ଅନାବରଣ

ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)



ମାରୁତି ସୁଜୁକି ଅଧିକୃତ ବିକ୍ରେତା ନାରାୟଣୀ ମୋଟର୍ସ ପକ୍ଷରୁ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍ ଗୁରୁବାର ଅନାବରଣ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କାର୍‌ର ଅନାବରଣ ଅବସରରେ ୟୁନିୟନ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ନିରଞ୍ଜନ ବାରିକ, ଡେପୁଟି ଜୋନାଲ ମ୍ୟାନେଜର ହରିନ୍ଦର ସିଂ ସାନ୍ଧୁ, ନାରାୟଣୀ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ପୁରୁଷୋତ୍ତମ ବୁଦ୍ଧରାଜ, ନିର୍ଦ୍ଦେଶକ ପ୍ରଣୟ ବୁଦ୍ଧରାଜ ପ୍ରମୁଖ ଯୋଗଦେଇଥିଲେ। ନୂଆ ଡିଜାଇନ ଓ ଆଧୁନିକ ଫିଚର୍ସ ସହ ଲଞ୍ଚ ହୋଇଥିବା ଏହି କାର୍‌ରେ ଏଲ୍‌ଇଡି ଲାଇଟିଂ ଓ କନେକ୍ଟେଡ୍ ଟେଲଲ୍ୟାମ୍ପ ରହିଛି। ଏହା ଏଏଏକ୍ସଆଇ, ଭିଏକ୍ସଆଇ, ଜେଡ୍ଏକ୍ସଆଇ, ଜେଡ୍ଏକ୍ସଆଇ ଅପ୍‌ସନାଲ, ଜେଡ୍ଏକ୍ସଆଇ ପ୍ଲସ୍ ଓ ଜେଡ୍ଏକ୍ସଆଇ ପ୍ଲସ୍ ଅପ୍‌ସନାଲ ଭଳି ୬ଟି ଭାରିଆଣ୍ଟରେ ଉପଲବ୍ଧ। ୧୦.୫ ଲକ୍ଷ ଟଙ୍କାରୁ ଆରମ୍ଭ କରି ୧୯.୨୦ ଲକ୍ଷ ଟଙ୍କାରେ ଏହିସବୁ ଭାରିଆଣ୍ଟ ଉପଲବ୍ଧ ହୋଇଛି। ମୁଖ୍ୟ ଫିଚର୍ସ ମଧ୍ୟରେ ୧୦.୨୫ ଇଞ୍ଚ ଡିଜିଟାଲ ଡ୍ରାଇଭର ଡିସ୍‌ପ୍ଲେ, ପାନୋରାମିକ୍ ସନ୍‌ରୁଫ୍ ଓ ୬୪-କଲର ଆମ୍ବିଏଣ୍ଟ ଲାଇଟିଂ ସହ ଅନ୍ୟାନ୍ୟ ସେଫ୍‌ଟି ଫିଚର୍ସ ରହିଛି। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଲେଭେଲ-୨ ଆଡାସ୍ ସହ ଆସିଛି। ଏହା ୧୦ ଟି ରଙ୍ଗରେ ଉପଲବ୍ଧ। ଏହା ପେଟ୍ରୋଲ, ଷ୍ଟ୍ରଙ୍ଗ୍-ହାଇବ୍ରିଡ୍ ଓ ସିଏନ୍‌ଜି ପାୱାର ଟ୍ରେନ୍ ଅପ୍‌ସନ ସହ ଉପଲବ୍ଧ। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଅଣ୍ଡରବଡି ଟ୍ୱିନ-ଟ୍ୟାଙ୍କ ସିଏନ୍‌ଜି ସେଟ୍‌ଅପ ସହ ଅଧିକ ବୁଟ୍ ସ୍ପେସ୍ ଦେଉଛି। ଲିଟର ପ୍ରତି ୨୭ରୁ ୨୮ କିଲୋମିଟର ମାଇଲେଜ ରହିଛି। ଉନ୍ମୋଚନ ଅବସରରେ ନାରାୟଣୀ ମୋଟର୍ସ ନିର୍ଦ୍ଦେଶକ ପ୍ରଣୟ ବୁଦ୍ଧରାଜ କହିଛନ୍ତି, ପାର୍ବଣଋତୁରେ ଏହାର ଲଞ୍ଚ କରାଯାଇଥିବାରୁ ବ୍ୟବସାୟ ଲାଭଦାୟକ ହେବ ବୋଲି ଆଶା ରହିଛି। ଆସନ୍ତା ୨୨ ତାରିଖରୁ ଲାଗୁ ହେବାକୁ ଥିବା ନୂଆ ଜିଏସ୍‌ଟି ହ୍ରାସର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯିବ। ଏହାସହ ସ୍ୱତନ୍ତ୍ର ଫେଷ୍ଟିଭ୍ ଡିସ୍‌କାଉଣ୍ଟ ପ୍ରଦାନ ପାଇଁ ମଧ୍ୟ ଯୋଜନା ରହିଛି।

## କ୍ୱାଲିଟି କନ୍‌ସେପ୍ଟରେ ଟିପିସିଓଡିଏଲ୍‌କୁ ୧୫ ପୁରସ୍କାର

ଭୁବନେଶ୍ୱର,୧୮।୯



ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) କ୍ୟୁସିଏଫ୍‌ଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଆୟୋଜିତ କ୍ୱାଲିଟି କନ୍‌ସେପ୍ଟ ୨୦୨୫ରେ ୧୫ଟି ପୁରସ୍କାର ଜିତିଛି। କ୍ୱାଲିଟି ସର୍କଲ ଓ କାଇଜେନ୍‌ର ୧୫ ପ୍ରକଳ୍ପ ମଧ୍ୟରୁ ୧୪ଟି ଟିମ୍ ସ୍ୱର୍ଣ୍ଣ ଏବଂ ଗୋଟିଏ ଟିମ୍ ରୌପ୍ୟ ପଦକ ହାସଲ କରିଛି। ଏନ୍‌ଟିପିସି, ଓ ଖଣି ନିଗମ, ଜିନ୍ଦଲ ଷ୍ଟେନ୍‌ଲେସ୍, ନାଲ୍‌କୋ, ବାଲ୍‌କୋ, ଟାଟା ପାୱାର, ବେଦାନ୍ତ ଭଳି ଅଗ୍ରଣୀ କମ୍ପାନୀର ୨୧୦ରୁ ଅଧିକ ଟିମ୍ ସହ ଟିପିସିଓଡିଏଲ୍‌ର ଟିମ୍ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ସ୍ୱର୍ଣ୍ଣ ବିଜୟୀ ଟିମ୍ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଲିଟି କନ୍‌ସେପ୍ଟର ଜାତୀୟ କନ୍‌ଭେନଶନ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

## ପାତ୍ର ଇଲେକ୍ଟ୍ରୋନିକ୍ସର ପ୍ରି ବୁକିଂ ବିଗ୍ ଫେଷ୍ଟିଭାଲ ସେଲ୍

ଭୁବନେଶ୍ୱର,୧୮।୯

PATRA ELECTRONICS
BIG FESTIVAL SALE

ଦେଶର ନୂଆ ଜିଏସଟି ସଂଶୋଧନ ବ୍ୟବସ୍ଥାରେ ସେପ୍ଟେମ୍ବର ୨୨ ତାରିଖ ପରେ କେତେକ ଇଲେକ୍ଟ୍ରୋନିକ୍ସ ଜିନିଷର ହ୍ରାସ ହେବାକୁ ଯାଉଛି। ଏହି ଅବସରରେ ଓଡିଶାର ଥିବା ସମସ୍ତ ପାତ୍ର ଇଲେକ୍ଟ୍ରୋନିକ୍ସ ବ୍ରାଞ୍ଚରେ ପ୍ରି ବୁକିଂ ସେଲସ ଆରମ୍ଭ ହୋଇଛି। ଏହି ଅବସରରେ ପାତ୍ର ଇଲେକ୍ଟ୍ରୋନିକ୍ସ ତରଫରୁ ଜିଏସଟି ବେନିଫିଟ ସହିତ କଷ୍ଟ୍ ଟୁ କଷ୍ଟ୍ ପ୍ରାଇସରେ ସମସ୍ତ ଜିନିଷକୁ ସହଜ କିସ୍ତିରେ ଯୋଗାଇ ଦିଆଯିବ। ଏହି ସମୟରେ କେତେକ ଜିନିଷକୁ ଜିରୋ ଡାଉନ୍ ପେମେଣ୍ଟ, ଜିରୋ ଇଣ୍ଟରେଷ୍ଟ,ଜିରୋ ପ୍ରୋସେସିଂ, ୯୯୦ ଟଙ୍କାରେ ସହଜ କିସ୍ତି, ୩୬ ମାସ ପର୍ଯ୍ୟନ୍ତ ଇଏମଆଇ, ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଟ୍ରିପଲ କ୍ୟାସ ବ୍ୟାକ, ୨ଲକ୍ଷ ୫୦ ହଜାର ଟଙ୍କାର ଡେଲି ଲକି ଡ୍ର, ଗିଫ୍ଟ ଭାଉଚର, ମାତ୍ର ୩୯୯୦ରେ ୪ଟି ପ୍ରଡକ୍ଟ ଏଲଇଡି ଟିଭି, ୱାସିଂ ମେଶିନ, ଫ୍ରିଜ, ଏସି, ମିଳୁଛି ଓ ଦୁଇଟି ଇ.ଏମ.ଆଇ ପର୍ଯ୍ୟନ୍ତ ରିଫଣ୍ଡର ବ୍ୟବସ୍ଥା ଅଛି। ପ୍ରି ବୁକିଂ କଲେ ଜି.ଏସ.ଟି ପରିବର୍ତ୍ତିତ ମୂଲ୍ୟ ସହ ଏହି ସବୁ ସମସ୍ତ ଅଫର ଗୁଡ଼ିକର କେତେକ ଜିନିଷକୁ ୫୦% ପର୍ଯ୍ୟନ୍ତ ରିହାତି ମିଳିବାର ସୁବିଧା ଅଛି।

## ରାଜ୍ୟରେ ଉତ୍ପାଦନ ହେଉଛି ୩୦ ନିୟୁତ ମେଟ୍ରିକ୍ ଟନ୍ ଇସ୍ପାତ

ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)

ରାଜ୍ୟରେ ଥିବା ୫୪ଟି ଛୋଟ ବଡ଼ ଇସ୍ପାତ କାରଖାନାରୁ ବାର୍ଷିକ ପାଖପାଖି ୩୦ ନିୟୁତ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନ ହେଉଛି। ଏଥିରୁ ୧ ନିୟୁତ ଟନ୍ ଇସ୍ପାତ ବିଦେଶକୁ ରପ୍ତାନି ହେଉଛି । ରାଜ୍ୟ ଭିତରେ ୫.୭୩ ନିୟୁତ ଟନ୍ ଇସ୍ପାତ ବ୍ୟବହାର ହେଉଥିବାବେଳେ ରାଜ୍ୟ ବାହାରକୁ ୧୭ ନିୟୁତ ଟନ୍‌ରୁ ଅଧିକ ଇସ୍ପାତ ଯାଉଛି । ରାଜ୍ୟରେ ଇସ୍ପାତ ଉତ୍ପାଦନ ସମ୍ପର୍କରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି, ଏହିସବୁ କାରଖାନାରୁ ୨୦୨୨-୨୩ରେ ୨୫.୧୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହୋଇଥିବାବେଳେ ୨୦୨୩-୨୪ ରେ ତାହା ୨୭.୩୧ ନିୟୁତ ଟନ୍‌କୁ ବୃଦ୍ଧି ପାଇଥିଲା ଏବଂ ୨୦୨୪-୨୫ରେ ଏହା ପ୍ରାୟ ୩୦ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ସେହିଭଳି ଓଡ଼ିଶାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୪୯ଟି କମ୍ପାନୀ ରାଜ୍ୟ ସରକାରଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏଥିମଧ୍ୟରୁ ୨୩ ଇସ୍ପାତ କମ୍ପାନୀ କାର୍ଯ୍ୟକ୍ଷମ ଥିବାବେଳେ ଗୋଟିଏ ଫେରୋଆଲଏଜ୍, ଗୋଟିଏ ପେଲେଟ୍ ଓ ୫ଟି ସ୍ପଞ୍ଜ ଲୁହା କାରଖାନା ଚାଲିଛି। ଅସ୍ଥାୟୀ ଭାବେ ୪ଟି କାରଖାନା କାର୍ଯ୍ୟକ୍ଷମ ହୋଇ ନ ଥିବାବେଳେ ୧୨ଟି ଇସ୍ପାତ କାରଖାନାର କାର୍ଯ୍ୟ ଆରମ୍ଭ ହୋଇନାହିଁ । ଚାରିଟି ଇସ୍ପାତ କମ୍ପାନୀ ଓଡ଼ିଶା ଛାଡ଼ିଛନ୍ତି। ଏହି ୪ଟି କମ୍ପାନୀ ମଧ୍ୟରେ ପୋସ୍କୋ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ରହିଛି ।

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର,୧୮।୯

ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଆନୁକୂଲ୍ୟରେ ଆର୍ସେଲରମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ 'ଏକ ପେଡ ମା' କେ ନାମ ୨.୦' ଅଭିଯାନର ଏକ ଅଂଶ ଭାବେ ପାରାଦ୍ୱୀପ, ଡାବୁନା, ଠାକୁରାଣୀ ଏବଂ ସାଗାସାହି ନିକଟରେ ୧୨ଟି ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜଗତସିଂହପୁରର ପାରାଦ୍ୱୀପସ୍ଥିତ ପେଲେଟ ପ୍ଲାଣ୍ଟ ପରିସରରେ ବୃକ୍ଷରୋପଣ ଅଭିଯାନରେ ୪୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ପାରାଦ୍ୱୀପ ପେଲେଟ ପ୍ଲାଣ୍ଟର ପ୍ଲାଣ୍ଟ ମୁଖ୍ୟ ୟୁଏସଆର ରାଜୁ, ଏଚଆର ଓ ଆଇଆରର ଓଡ଼ିଶା ଆସେଟ ମୁଖ୍ୟ ସୁନୀଲ ଦାସ, କର୍ପୋରେଟ ଆଫେୟାର୍ସ ବିଭାଗ ମୁଖ୍ୟ ସୁପର୍ଣ୍ଣା ନନ୍ଦ, ସିଏସଆର ବିଭାଗ ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦ୍ର, ଓଡ଼ିଶା ପରିବେଶ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଦାଶଙ୍କ ସମେତ ଏଏମ/ଏନଏସ ଇଣ୍ଡିଆର ବରିଷ୍ଠ ନେତୃତ୍ୱ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଟେଲିଂ ଡ୍ୟାମ ନିକଟସ୍ଥ ଶଙ୍କାରୀ ଗ୍ରାମରେ ଡାବୁନା ଟିମ ଏକତ୍ରିତ ହୋଇ ବୃକ୍ଷରୋପଣ କରିଥିଲେ । ଏହି ଅଭିଯାନରେ ପ୍ରକଳ୍ପ ବିଭାଗର ଭାଇସ ପ୍ରେସିଡେଣ୍ଟ ଶୈଳେନ୍ଦ୍ର ଶାହା, ଡାବୁନା ବେନିଫିସିଏସନ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହା, ହାଜିରାର ଆକାଉଣ୍ଟସ ବିଭାଗ ମୁଖ୍ୟ ଭବେଶ ମୋଦୀ ଏବଂ ୬୦ ଜଣ କର୍ମଚାରୀ ଏବଂ ସହଯୋଗୀ କର୍ମଚାରୀ ଯୋଗ ଦେଇଥିଲେ । ସୁନ୍ଦରଗଡ଼ ଏଏମ / ଏନ ଏସ ଇଣ୍ଡିଆର ଘୋରାବୁରହାନି ସାଗାସାହି ଖଣି ନିକଟରେ ସାଗାସାହି, କଳମଙ୍ଗ ଏବଂ କାନିସାହି ଗ୍ରାମରେ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏଏମ / ଏନଏସ ଇଣ୍ଡିଆର ଅପରେସନ୍ସ ବିଭାଗ ନିର୍ଦ୍ଦେଶକ ତଥା ଭାଇସ ପ୍ରେସିଡେଣ୍ଟ ୱିମ ଭାନ ଗର୍ଭେନ, ଖଣି ଏବଂ ରଣନୈତିକ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ ମେହେଟ୍ଟା, ମୁଖ୍ୟ ନିରାପତ୍ତା ଅଧିକାରୀ ନାଗେଶ୍ୱର ରାଓ, ଓଡ଼ିଶା ଗ୍ରୀନଫିଲ୍ଡ ପ୍ରକଳ୍ପ ଏବଂ ବୈଷୟିକ ସହାୟତା ବିଭାଗ ମୁଖ୍ୟ ଟି ଏସ ଶାନଭୋଗ, ଓଡ଼ିଶା ଆସେଟ ର ଅପରେସନ୍ସ ବିଭାଗ ମୁଖ୍ୟ ସୁରେଶା ଜି, ବରିଷ୍ଠ ମହାପ୍ରବନ୍ଧକ ଅମିତ ଦୁବେ, ସାଗାସାହି ଖଣି ପ୍ରବନ୍ଧକ ସତ୍ୟକାମା ଦାସ, ଡାବୁନା ଲଜିଷ୍ଟିକ୍ସ ବିଭାଗ ମୁଖ୍ୟ ଜୟକିଶନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର NISER, IIT କଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Ready to move 1/2 BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018




Newly open Jyoti SPA positively health benefits (expert therapist). 8458067955. D-76936

ବହୁବର୍ଷ ଧରି ଭଲହେଉନଥିବା ଯେକୌଣସି ରୋଗରୁ ମୁକ୍ତି ପାଇଁ ଓ ସର୍ବଦା ସୁସ୍ଥ ନିରୋଗ ରହିବାକୁ ଚାହୁଁଥିଲେ Cellogen ଖାଆନ୍ତୁ 9439493164. D-2012

The massage felt totally professional & comfortable at all times-7978109255. D-76495

Now Matrimonial ads. only on Wednesday & Sunday Book 1 Get 1 FREE

## AFFIDAVIT

By virtue of an affidavit sworn before Executive Magistrate, Nayagarh on 25.06.2025, I Kshirod Kumar Sahoo, S/o- Gobinda Chandra Sahoo, At/P.O.- Balugaon, P.S./Dist.- Nayagarh, PIN-752070, declare that I have changed my name from Khiroda Kumar Sahoo to Kshirod Kumar Sahoo. Henceforth, I shall be known as Kshirod Kumar Sahoo for all purposes. D-2016

By this affidavit sworn before the Executive Magistrate, Jharsuguda, No.-997, date- 17.09.25, I, Amit Kumar Singh, S/o- Kameshwar Singh, R/o- Q.No.-80, Budhijam, Orient colliery, Brajrajnagar, Dist.- Jharsuguda, Odisha declare that in my all educational documents my father's name has been written as Kameswar Singh instead of Kameshwar Singh. That both the names are relates to one and same person. D-2022

I, Sandhyarani Pattanaik, D/o- Pravakar Pattanaik, At- Jadupati Bihar, Jubuli Town, P.O./P.S.- Dhenkanal Town, Dist.-Dhenkanal, Odisha-759001, declare by the affidavit before Executive Magistrate, Dhenkanal, No.- 830, dtd-18.09.2025 that now onwards my son Swastik Mathan will be known as Swastik Pattanaik for all future purposes.
Sandhyarani Pattanaik. D-2014

By virtue of an affidavit Before Notary Public, Kantabanji bearing No.- 2316 on 18.09.2025 that before marriage I known as Demati Banachhor which is mentioned in my Aadhaar Card and S.B. account of Bank of Baroda, Kantabanji but after marriage to Hemanta Nial I known as Keshari Nial, W/o Hemanta Nial of Village /P.O./P.S.- Belpada, Dist.- Balangir,Odisha and updated my Aadhaar Card whereas Demati Banachhor and Keshari Nial W/o Hemanta Nial, is same and one person. D-2015

By virtue of an Affidavit sworn before Notary Public, Bhubaneswar, dated- 18.09.2025. I, Ajaya Kumar Sahoo, Address: Kunja Patana, Lingaraj, Old town declare that I have changed my name from Ajay Kumar Sahu to Ajaya Kumar Sahoo. Henceforth, I shall be known as Ajaya Kumar Sahoo for all purposes.
Ajaya Kumar Sahoo D-2017

By virtue of an affidavit sworn before (Notary Public) Rourkela dated- 03.09.25 I, Shashikanta Ekka, Address: Kuarmunda, P.O.- Kuarmunda, P.S.- Biramitrapur Dist.- Sundargarh, declare that I have changed my Surname from Shashikant Behera to Shashikant Ekka. Henceforth, I shall be known as Shashikanta Ekka for all purposes. D-2021

I, Andavarapu Sahasra, Daughter of Andavarapu Srinivasa Rao, resident of plot No.- 2989, 1st floor, Nageswar Tangi, Bhubaneswar 751 oo2, hereby infrom that in my class 10th Pass Certificate and Mark sheet, my name is Incorrectly mentioned as A. Sahasra. The correct name is Andavarapu Sahasra, which has been affirmed before the Executive Magistrate, Bhubaneswar vide affidivit No. CF No.- 17/13.09.2025. this notice is being published for official and public record purposes. D- 2010

I, Tripti Ray W/o- Bholanath Ray, Village- Jyotinagar, Gondiaguda, P.O./P.S./Dist.- Malkangiri presently residing at Mathili, P.O./P.S.- Mathili, Dist.- Malkangiri do hereby solemnly affirm and state on oath as follows. That my actual name is Tripti Barai and after my marriage my surname is changed as Tripti Ray. That, in Aadhaar Card my name is mentioned as Tripti Barai and I want to change my name in Aadhaar Card as Tripti Ray. That, Tripti Barai and Tripti Ray is one and same i.e. myself. That, I swear this affidavit in order to produce before the concerned authority to change my name in Aadhaar Card as Tripti Ray. D-2025

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Bhubaneswar, dated- 18th September 2025. I, Mirza Zayed Baig, Address: At.-Haridaspur, P.O.- Naharkanta, P.S.- Balianta, Dist.- Khordha PIN- 752101 Odisha declare that I have changed my name from Mirja Jayad Beg to Mirza Zayed Baig. Henceforth, I shall be known as Mirza Zayed Baig for all purposes.
Mirza Zayed Baig D-2011

By virtue of an affidavit sworn before the Executive Magistrate, Harabhanga, No.149 date 01.08.25, I, Sadananda Behera, R/o- Village- Khalisahi, P.O.- Talagaon, P.S.- Harabhanga, Dist.- Boudh, Odisha, PIN- 762012 declare that I have changed my son's name from Aryana Behera to Yariyan Behera. Henceforth he shall be known as Yariyan Behera for all purposes.
Sadananda Behera D-2025

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଂଶ୍ରୀମତୀ ସୁଜାତା ଷଡ଼ଙ୍ଗୀ**
ଆବିର୍ଭାବ: ୨୧।୦୩।୧୯୬୨
ତିରୋଧାନ: ୧୫।୦୯।୨୦୨୦
ତରଭା ନିବାସୀ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତା ଷଡ଼ଙ୍ଗୀଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ୧୯।୦୯।୨୦୨୫ ତ୍ରୟୋଦଶୀ ତିଥିରେ ପାଳନ ଅବସରରେ ସ୍ୱାମୀ ଦୁର୍ଯ୍ୟୋଧନ ରାଉତ, ପୁତ୍ର ସୂର୍ଯ୍ୟ ପ୍ରତାପ ରାଉତ, ପୁତ୍ରବଧୂ ପିଙ୍କି ସାମଲ, ନାତି, ନାତୁଣୀ- ଏଞ୍ଜେଲ, ଆରବ, ଅଂଶ, ଆୟୁଷ ଓ ସମସ୍ତ ଆତ୍ମୀୟ ସ୍ୱଜନ ଏବଂ ବନ୍ଧୁବର୍ଗ। ଦିବଂଗତ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ପାଇଁ ଜଗତ ଜନନୀ ମା, ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।
ଧ-୨୦୨୩

ପ୍ରଥମ ଶ୍ରଦ୍ଧାଞ୍ଜଳି



**ଂଆଶା ବାଗ**
ତିରୋଧାନ: ୧୯।୦୯।୨୦୨୪
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ମା, ସନ୍ତୋଷିନୀ, ବାପା ଉଦୟ, ଭଉଣୀ ଶୀତଳ, ନିଶା, ମମୁନ,ଓ ବନ୍ଧୁବର୍ଗ।
ଧ-୨୦୨୪

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



ନିର୍ମଳ କୁମାର ମିଶ୍ର

ଓଡ଼ିଶା ପ୍ରୋ ଟି୨୦

# ଯୁବ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ

**ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଆରମ୍ଭ ହୋଇଯାଇଛି। ସେପ୍ଟେମ୍ବର ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତୀକ୍ଷିତ ଲିଗ୍ ରାଜ୍ୟର ଯୁବ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ ଆଣିବାକୁ ଯାଉଛି। ଏଥିରେ ଭଲ ପ୍ରଦର୍ଶନ କଲେ ଓଡ଼ିଶା ଖେଳାଳିମାନେ ଆଇପିଏଲ୍ ଫ୍ରାଞ୍ଚାଇଜ୍‌ଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ...**

## ୬ ଦଳ ଓ ଅଧିନାୟକ

ଭୁବନେଶ୍ୱର ଟାଇଗର୍ସ: ସୂର୍ଯ୍ୟକାନ୍ତ ପ୍ରଧାନ
କଟକ ପାନ୍ଥର୍ସ: ସ୍ୱସ୍ତିକ ସାମଲ
କେନ୍ଦୁଝର ମାଇନର୍ସ: ଗୋବିନ୍ଦ ପୋଦ୍ଦାର
ପୁରୀ ଟାଇଟାନ୍ସ: ସନ୍ଦୀପ ପଟ୍ଟନାୟକ
ରାଉରକେଲା ଷ୍ଟିଲର୍ସ: ଆଶୀର୍ବାଦ ସ୍ୱାଇଁ
ସମ୍ବଲପୁର ୱାରିୟର୍ସ: ଶୁଭ୍ରାଂଶୁ ସେନାପତି




ଟ୍ରଫି ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଓଡ଼ିଶା କ୍ରିକେଟ ପାଇଁ ଭଲ ଖବର। ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଆରମ୍ଭ କରିଛି ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ)। ଭୁବନେଶ୍ୱର ଟାଇଗର୍ସ ଓ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଏଥିରେ କଟକ ପାନ୍ଥର୍ସ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛି। ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ୍‌କୁ ନେଇ ଯୁବ ଖେଳାଳିମାନେ ବେଶ ଉତ୍ସାହିତ ଅଛନ୍ତି। ଦୀର୍ଘ ୧୨ବର୍ଷ ପରେ ଓସିଏର ଏପରି ପ୍ରୟାସ ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ। ୨୦୧୨ ଓ ୨୦୧୩ ସିଜନ୍‌ରେ ଓସିଏ ଓଡ଼ିଶା ପ୍ରିମିୟର ଲିଗ ଆରମ୍ଭ କରିଥିଲା। ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ୍ କୌଣସି କାରଣ ଯୋଗୁଁ ବନ୍ଦ ହୋଇଯିବାରୁ ଖେଳାଳିମାନେ ନିରୁତ୍ସାହିତ ହୋଇଥିଲେ। ଏହି ଲିଗ୍ ମାଧ୍ୟମରେ ଅନେକ ଯୁବ କ୍ରିକେଟର ଲୋକଲୋଚନକୁ ଆସିବା ସହିତ ଓଡ଼ିଶାର କ୍ଲବ କ୍ରିକେଟ ବେଶ୍ ଶକ୍ତିଶାଳୀ ହୋଇପାରିଥିଲା। ଓଡ଼ିଶା ମଧ୍ୟ ଜାତୀୟ ସ୍ତରର ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟରେ ଅନେକ ଶକ୍ତିଶାଳୀଦଳକୁ ହରାଇବାକୁ ସକ୍ଷମ ହୋଇଥିଲା। ଯଦିଓ ପ୍ରଦର୍ଶନରେ ଅସ୍ଥିରତା ରହିବା ଯୋଗୁ ବିଶେଷ ସଫଳତା ମିଳି ନ ଥିଲା ତେବେ ଅନେକ ଯୁବ ଖେଳାଳି ସୃଷ୍ଟି ହୋଇଥିଲେ। ଏହାର ଶୁଭାରମ୍ଭ ପୁନର୍ବାର ନୂଆ ରୂପରେ କରିଛି ଓସିଏ। ସେପ୍ଟେମ୍ବର ୧୫ରେ କାର୍ଯ୍ୟସୂଚୀ ପ୍ରକାଶ ପାଇଥିବାବେଳେ ୧୬ରେ ଜର୍ସି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୭ରୁ ୧୩ ମଧ୍ୟରେ ଫ୍ରାଞ୍ଚାଇଜ ମାନଙ୍କୁ ସେମାନଙ୍କର ବିଡିଂ ଏବଂ ସହଯୋଗ ମାଧ୍ୟମରେ ଏହି ମେଗା ଟୁର୍ନାମେଣ୍ଟକୁ ସଫଳ କରିବାକୁ ପ୍ରୟାସ କରିଛି। ଆଗକୁ ଅକ୍ଟୋବର ମାସରୁ ବିଭିନ୍ନ ବର୍ଗର ଘରୋଇ ଟୁର୍ନାମେଣ୍ଟ ବିସିସିଆଇ ଆରମ୍ଭ କରିବାକୁ ଯାଉଥିବାରୁ ପ୍ରୋ ଲିଗ୍‌ର କାର୍ଯ୍ୟସୂଚୀକୁ ସଂକ୍ଷିପ୍ତ କରିବାକୁ ଚାହିଁଥିଲା ଓସିଏ। ବର୍ତ୍ତମାନ ଦେଶର ବିଭିନ୍ନ ରାଜ୍ୟରେ ଟି୨୦ ଭିତ୍ତିକ କ୍ରିକେଟ ଟୁର୍ନାମେଣ୍ଟ ଅତି ସଫଳତାର ସହିତ ଆୟୋଜିତ ହେଉଥିବାର ଦେଖିବାକୁ ମିଳୁଛି। ଏଥି ମଧ୍ୟରେ ଦିଲ୍ଲୀ, ବେଙ୍ଗଲ, ତାମିଲନାଡୁ, କେରଳ, ୟୁପି, ମହାରାଷ୍ଟ୍ର, କର୍ଣ୍ଣାଟକ ପ୍ରିମିୟର ଲିଗ ଅନ୍ୟତମ। ଜାତୀୟ ଦଳର ଅନେକ ନାମୀଦାମୀ ଖେଳାଳୀ ଏହି ପ୍ରତିଯୋଗିତା ଗୁଡ଼ିକରେ ଭାଗ ନେଉଥିବାର ଦେଖିବାକୁ ମିଳୁଛି। ଏଥିରୁ ମଧ୍ୟ ଆଇପିଏଲ ପାଇଁ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଚୟନ ହୋଇ ଲୋକଲୋଚନକୁ ଆସିବା କ୍ରିକେଟ ପାଇଁ ଶୁଭଖବର। ଏପରି ଲିଗ ଗୁଡ଼ିକରୁ ଓସିଏ ଅନୁପ୍ରାଣୀତ ହୋଇ ଏକ ଭଲ ପଦକ୍ଷେପ ନେଇଛି।

ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତି ଓ ପୂର୍ବତନ ଭାରତୀୟ ଅଲ୍ ରାଉଣ୍ଡର ଇରଫାନ ପଠାନ ଓଡ଼ିଶା ପ୍ରୋ ଟି୨୦ର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ସମସ୍ତ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଓ ଫାଇନାଲକୁ ଛାଡ଼ିଦେଲେ ପ୍ରତିଦିନ ୨ଟି ଲେଖାଏ ମ୍ୟାଚର କାର୍ଯ୍ୟସୂଚୀ ରହିଛି। ମୋଟ ୧୮ଟି ମ୍ୟାଚ ହେବା ସହିତ ସମୟର ସ୍ୱଳ୍ପତା ଦୃଷ୍ଟି କୋଣରୁ ପ୍ରତ୍ୟେକ ଟିମ ଗ୍ରୁପ ପର୍ଯ୍ୟାୟରେ ପରସ୍ପର ସହିତ ଗୋଟିଏ ଥର ଖେଳିବେ। ଅନେକ ମ୍ୟାଚ ଫ୍ଲଡ ଲାଇଟ୍‌ରେ ଅନୁଷ୍ଠିତ ହେବ। ଏହା ବହୁ ସଂଖ୍ୟାରେ ଦର୍ଶକମାନଙ୍କୁ ଆକର୍ଷିତ କରିବା ସମ୍ଭାବନା ରହିଛି। ଦର୍ଶକଙ୍କ ପାଇଁ ଷ୍ଟାଡିୟମର ୧, ୩ ଓ ୫ ନମ୍ବର ଗ୍ୟାଲେରୀ ମାଗଣାରେ ଉନ୍ମୁକ୍ତ ରହିଛି। ତେବେ ଦର୍ଶକଙ୍କୁ ଏଥିପାଇଁ ଟିକେଟ ଜେନି ମାଧ୍ୟମରେ ମୋବାଇଲରେ ଟିକେଟ ଦେଖାଇବାକୁ ପଡ଼ିବ।

ଘରୋଇ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟରୁ ଖେଳାଳି ଚୟନ କରାଯିବା ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶ୍ରେଷ୍ଠ ଖେଳାଳିମାନଙ୍କୁ ନେଇ ୬ଟି ଦଳ ଗଠନ କରାଯାଇଛି। ଏହି ଦଳ ଗୁଡ଼ିକ ହେଲେ ଭୁବନେଶ୍ୱର ଟାଇଗର୍ସ, କଟକ ପାନ୍ଥର୍ସ, କେନ୍ଦୁଝର ମାଇନର୍ସ, ପୁରୀ ଟାଇଟାନ୍ସ, ରାଉରକେଲା ଷ୍ଟିଲର୍ସ ଓ ସମ୍ବଲପୁର ୱାରିୟର୍ସ। ଓଡ଼ିଶା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳୀମାନଙ୍କୁ ୬ଟି ଦଳର ଅଧିନାୟକ ମନୋନୀତ କରାଯାଇଥିବା ବେଳେ ପୂର୍ବତନ ରଣଜୀ ଖେଳାଳିମାନଙ୍କୁ ବିଭିନ୍ନ ଦଳର ମୁଖ୍ୟ କୋଚ ଓ ସପୋର୍ଟ ଷ୍ଟାଫ ଭାବେ ନିଆଯାଇଛି। ଆରିଭା ସ୍ପୋର୍ଟ୍ସ ଏହି ଟୁର୍ନାମେଣ୍ଟର ମୁଖ୍ୟ ପ୍ରାୟୋଜକ ରହିଥିବା ବେଳେ ଅନ୍ୟ ପ୍ରାୟୋଜକମାନେ ମଧ୍ୟ ସହାୟତାର ହାତ ବଢାଇଛନ୍ତି।

କ୍ରିକେଟ ସମ୍ପାଦକ ସଞ୍ଜୟ ବେହେରା ଏହି ଲିଗ୍‌ର ସଫଳତାକୁ ନେଇ ବେଶ୍ ଆଶାବାଦୀ ରହିଛନ୍ତି। ବର୍ତ୍ତମାନ ଓଡ଼ିଶା କ୍ରିକେଟରେ ପ୍ରତିଭା ସମ୍ପନ୍ନ ଖେଳାଳିମାନଙ୍କ ମଧ୍ୟରେ ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ଆଶୀର୍ବାଦ ସ୍ୱାଇଁ, ସୂର୍ଯ୍ୟକାନ୍ତ ପ୍ରଧାନ, ବିପ୍ଳବ ସାମନ୍ତରାୟ, ଶାନ୍ତନୁ ମିଶ୍ର, ଅନୁରାଗ ଷଡଙ୍ଗୀ, ରାଜେଶ ମହାନ୍ତି, ରାଜେଶ ଧୂପର, କାର୍ତ୍ତିକ ବିଶ୍ୱାଳ, ଅନୀଲ ପରିଡା, ସୁନୀଲ ରାଉଳ, ଦେବବ୍ରତ ପ୍ରଧାନ, ତାରଣୀ ଶ', ହର୍ଷିତ ରାଠୋର, ସୁମୀତ ଶର୍ମାଙ୍କ ପରି ଦକ୍ଷ ଓ ଅନୁଭବ ସମ୍ପନ୍ନ ଖେଳାଳି ରହିଛନ୍ତି। ଅନେକ ଯୁବ ଖେଳାଳି ମଧ୍ୟ ମୁଖ୍ୟ ଦଳରେ ସାମିଲ ହେବା ପାଇଁ ଅପେକ୍ଷାରତ। ଶଭ୍ରାଂଶୁ ସେନାପତି ୫୭ଟି ପ୍ରଥମ ଶ୍ରେଣୀ ମ୍ୟାଚରୁ ୩୨୧୮ ରନ୍ (୮ ଶତକ, ସର୍ବାଧିକ ରନ ୨୭୭), ସନ୍ଦୀପ ପଟ୍ଟନାୟକ ୩୪ ମ୍ୟାଚରୁ ୧୭୩୫ ରନ୍ (୫ ଶତକ, ସର୍ବାଧିକ ସ୍କୋର ୧୫୦), ସୂର୍ଯ୍ୟକାନ୍ତ ପ୍ରଧାନ ୬୨ ମ୍ୟାଚରୁ ୧୯୭ ଉଇକେଟ (୫ରୁ ଅଧିକ ଉଇକେଟ ୮ଥର) ନେଇଛନ୍ତି। ସେହିପରି ବିପ୍ଳବ ସାମନ୍ତରାୟ ୯୧ଟି ପ୍ରଥମ ଶ୍ରେଣୀ ମ୍ୟାଚର ଅଭିଜ୍ଞତା ରଖି ୭ ଶତକ ଓ ୨୪ ଅର୍ଦ୍ଧଶତକ ସହ ୪୨୩୩ ରନ୍ କରିଛନ୍ତି। ତେଣୁ ଯୁବ ଖେଳାଳିମାନେ ଏପରି ଅଭିଜ୍ଞ ଖେଳାଳିଙ୍କଠାରୁ ଲିଗ୍ ମାଧ୍ୟମରେ ବହୁତ କିଛି ଶିଖିବାର ଆଶା ରଖିଛନ୍ତି। ଏହା ନିଶ୍ଚିତ ଯେ ଓଡ଼ିଶା ପ୍ରୋ ଲିଗ୍ ଘରୋଇ କ୍ରିକେଟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ଏହା ଯୁବ ଖେଳାଳିଙ୍କ ପାଇଁ ଯେ ବେଶ୍ ଉପାଦେୟ ହେବ ଏଥିରେ ସନ୍ଦେହ ନାହିଁ।






ଲିଗ୍ ଉଦ୍‌ଘାଟନ ଅବସରରେ ସେଲିବ୍ରିଟିଙ୍କ ସେଲ୍ଫି

# ଗ୍ରାଣ୍ଡ୍ ସୁଇସ୍ ବିଜୟିନୀ ବୈଶାଳୀ

ଉଜ୍‌ବେକିସ୍ତାନର ସମରକନ୍ଦରେ ସେପ୍ଟେମ୍ବର ୧୫ରେ ଉଦ୍‌ଯାପିତ ଫିଡେ ଗ୍ରାଣ୍ଡ ସୁଇସ ଚେସ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ଟାଇଟଲ ବଜାୟ ରଖିଛନ୍ତି। ଏଥିସହ ସେ ୨୦୨୬ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୈଶାଳୀ ଓ ରୁଷିଆର କାଟରିନା ଲାଗ୍ନୋ ୮ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ମାତ୍ର ୨୪ ବର୍ଷୀୟା ବୈଶାଳୀ ଉନ୍ନତ ଟାଇବ୍ରେକ ସ୍କୋରରେ ଚାମ୍ପିୟନ ଘୋଷିତ ହୋଇଛନ୍ତି। ୧୧ଶ ତଥା ଅନ୍ତିମ ରାଉଣ୍ଡରେ ସେ ଚାଇନାର ଟାନ ଝୋଙ୍ଗୟିଙ୍କ ସହ ମ୍ୟାଚ ଡ୍ର ରଖିବା ସହ ଏହି ସଫଳତା ପାଇଛନ୍ତି। ଦିବ୍ୟା ଦେଶମୁଖ ଓ କୋନେରି ହମ୍ପିଙ୍କ ପରେ ତୃତୀୟ ଭାରତୀୟ ମହିଳା ଭାବେ ସେ ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଗତ ଜୁନ୍‌ରେ ଜର୍ଜିଆରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପର ଫାଇନାଲରେ ପ୍ରବେଶ କରି ଦେଶମୁଖ ଓ ହମ୍ପି କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ପାଇଥିଲେ। ଏଥିରେ ଦେଶମୁଖ ଚାମ୍ପିୟନ ହୋଇଥିଲେ। ପ୍ରକାଶ ଯୋଗ୍ୟ ଯେ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟର ବିଜେତା ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଚାଇନାର ଜୁ ୱେନଜୁନଙ୍କ ଚ୍ୟାଲେଞ୍ଜର ହେବାପାଇଁ ଯୋଗ୍ୟ ବିବେଚିତ ହେବେ।

୨୦୦୧ ଜୁନ ୨୧ରେ ଜନ୍ମିତ ବୈଶାଳୀ ପୂର୍ବରୁ ୨୦୨୩ରେ ମଧ୍ୟ ଫିଡେମହିଳା ଗ୍ରାଣ୍ଡ ସୁଇସ ଟୁର୍ନାମେଣ୍ଟ ଜିତିଥିଲେ। ଅର୍ଥାତ୍ ସେ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ମଧ୍ୟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏହା ବ୍ୟତୀତ ସେ ୨୦୨୪ ମହିଳା ୱାର୍ଲ୍ଡ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବୈଶାଳୀ ହେଉଛନ୍ତି ଭାରତୀୟ ଚେସ୍‌ର ବିସ୍ମୟ ବାଳକ ତଥା ଗ୍ରାଣ୍ଡମାଷ୍ଟର ଆର ପ୍ରଜ୍ଞାନନ୍ଦଙ୍କ ବଡ଼ ଭଉଣୀ। ତାଙ୍କ ବାପା ରମେଶବାବୁ ଟିଏନ୍‌ଏସ୍‌ସି ବ୍ୟାଙ୍କର ମ୍ୟାନେଜର ଏବଂ ମା' ନାଗାଲକ୍ଷ୍ମୀ ଜଣେ ଗୃହିଣୀ। ତୁଳସୀ ଦୁଇ ପତ୍ରରୁ ବାସିବାପରି ବୈଶାଳୀ ବାଳିକା ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ଜିତି ଚର୍ଚ୍ଚାକୁ ଆସିଥିଲେ। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ସେ ୨୦୧୬ରେ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୨୦୧୮ରେ ମହିଳା ଗ୍ରାଣ୍ଡମାଷ୍ଟର, ୨୦୨୧ରେ ଅନ୍ତର୍ଜାତୀୟ ମାଷ୍ଟର ଏବଂ ୨୦୨୩ରେ ଭାରତର ତୃତୀୟ ମହିଳା ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କଲେ। ଭାରତର ପ୍ରଥମ ଭାଇ-ଭଉଣୀ ଭାବେ ପ୍ରଜ୍ଞାନନ୍ଦ ଓ ବୈଶାଳୀ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଅର୍ଜନ କରିଥିଲେ। ୨୦୨୪ରେ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।




# ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ ଉଦିତା




**ଏସିଆ କପ୍ ମହିଳା ହକିର ଉଭୟ ଡିଫେନ୍ସିଭ ଓ ଆଟାକିଂ ବିଭାଗରେ ଉଦିତାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଫଳରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲେ..**

ନିକଟରେ ଶେଷ ହୋଇଥିବା ଏସିଆ କପ୍ ମହିଳା ହକିରେ ଭାରତର ଅଭିଜ୍ଞ ଡିଫେଣ୍ଡର ଉଦିତା ଦୁହାନ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି। ଟୁର୍ନାମେଣ୍ଟ ଫାଇନାଲରେ ଭାରତ ୧-୪ ଗୋଲରେ ଚାଇନାଠାରୁ ପରାସ୍ତ ହୋଇ ରନରଅପ୍ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ଉଭୟ ଡିଫେନ୍ସିଭ ଓ ଆଟାକିଂ ବିଭାଗରେ ଉଦିତାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ନିୟମିତ ଡ୍ରାଗ ଫ୍ଲିକର ଦୀପିକାଙ୍କ ଅନୁପସ୍ଥିତିରେ ଉଦିତା ଅତିରିକ୍ତ ଦାୟିତ୍ୱ ନେଇଥିଲେ। ଦୀପିକା ଇଞ୍ଜୁରି କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲେ। ତାଙ୍କ ଅନୁପସ୍ଥିତିରେ ଉଦିତା ପେନାଲ୍ଟି କର୍ନର ଦାୟିତ୍ୱ ନେଇ ସଫଳତାର ସହ ୩ ଗୋଲ କନଭର୍ଟ ମଧ୍ୟ କରିଥିଲେ।

ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ସମ୍ପର୍କରେ ସେ କହିଛନ୍ତି ଯେ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହେବା ମୋ ପାଇଁ ସମ୍ମାନର ବିଷୟ। ଏହି ସ୍ୱୀକୃତି ଖୁବ ସ୍ୱତନ୍ତ୍ର। କାରଣ ମୁଁ ଚଳିତ ବର୍ଷ ୟୁରୋପରେ ଖେଳାଯାଇଥିବା ପ୍ରୋ ଲିଗ୍ ମ୍ୟାଚ୍ ମିସ କରିଥିଲି। ଏଭଳି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ସଫଳ ପ୍ରତ୍ୟାବର୍ତ୍ତନ କରିବା ମୋ ଟାର୍ଗେଟ ଥିଲା। ମୋ ଉପରେ ଭରସା କରିବା ପାଇଁ ମୁଁ ମୋ ସାଥି ଖେଳାଳି ଓ କୋଚିଂ ଷ୍ଟାଫଙ୍କ ନିକଟରେ କୃତଜ୍ଞ। ଦଳୀୟ ପ୍ରଦର୍ଶନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆମେ ଏକ ଦଳ ଭାବେ ଖୁବ ଭଲ ହକି ଖେଳିଲୁ। କଷ୍ଟକର ମ୍ୟାଚ୍‌ରେ ଆମେ ନିଜ ଦକ୍ଷତା ପ୍ରଦର୍ଶିତ କରିଥିଲୁ। କୋରିଆ ଓ ଜାପାନ ଭଳି ଦଳ ବିପକ୍ଷରେ ମିଳିଥିବା ବିଜୟ ଆମକୁ ଆତ୍ମବିଶ୍ୱାସ ଦେବ। ଦୁର୍ଭାଗ୍ୟବଶତଃ, ଫାଇନାଲରେ ଆମକୁ ଆଶାନୁଯାୟୀ ଫଳାଫଳ ମିଳିଲା ନାହିଁ। କିନ୍ତୁ ଆମେ ଏହି ରୌପ୍ୟ ପଦକ ସହ ଆଗକୁ ବଢ଼ିଛୁ ଏବଂ ଏହା ଆଗକୁ ଆମକୁ ଆହୁରି ବଡ଼ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ହେବାକୁ ପ୍ରେରଣା ଯୋଗାଇବ। ଉଦିତା ତାଙ୍କର ପୁରସ୍କାରକୁ ଦଳର ମିଳିତ ଉଦ୍ୟମକୁ ଉତ୍ସର୍ଗ କରି କହିଛନ୍ତି, ବ୍ୟକ୍ତିଗତ ପୁରସ୍କାର ସର୍ବଦା ସ୍ୱତନ୍ତ୍ର। କିନ୍ତୁ ମୋ ପାଇଁ ଏହା ଆମ ପୂରା ଦଳର ଉଦ୍ୟମକୁ ଦର୍ଶାଉଛି। ଏଥିରେ ପ୍ରତ୍ୟେକ ଖେଳାଳିଙ୍କ ଅବଦାନ ରହିଛି ଏବଂ ଏଭଳି କଠିନ ପରିଶ୍ରମୀ ଦଳର ପ୍ରତିନିଧିତ୍ୱ କରୁଥିବାରୁ ମୁଁ ସମ୍ମାନିତ ଅନୁଭବ କରୁଛି। ଆମେ ଏହି ଅନୁଭୂତିରୁ ଶିକ୍ଷା ନେବୁ ଓ ଅଧିକ ଶକ୍ତିଶାଳୀ ହୋଇ ଫେରିବୁ।

# କେନ୍ଦୁଝରର ମାଇନର୍ସ ୪୫ ରନରେ ବିଜୟୀ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଗୁରୁବାର ଅନୁଷ୍ଠିତ ଡବଲ ହେଡରର ପ୍ରଥମ ମ୍ୟାଚରେ କେନ୍ଦୁଝରର ମାଇନର୍ସ ୪୫ ରନରେ ପୁରୀ ଟାଇଟନ୍ସକୁ ପରାସ୍ତ କରିଛି। ଫଳରେ କେନ୍ଦୁଝର ଦଳ ୨ ପଏଣ୍ଟ ସହ ଅଭିଯାନ ଆରମ୍ଭ କରିଛି।

## ଓଡ଼ିଶା ପ୍ରୋ ଟି୨୦ ଲିଗ୍

ଟସ୍ ଜିତି ବ୍ୟାଟିଂ ନେଇଥିବା କେନ୍ଦୁଝରର ମାଇନର୍ସ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦେବବ୍ରତ ପ୍ରଧାନ ଖାତା ଖୋଲିପାରି ନ ଥିବାବେଳେ ଓମ୍ ଟି. ମୁଣ୍ଡେ ୨୨, ବିଶ୍ୱଭୂଷଣ ବିହାରୀ ୧୧ ଓ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୪ ରନ କରି ଆଉଟ ହେବାରୁ ୪୫ ରନ ମଧ୍ୟରେ ଦଳର ୪ ଉଇକେଟ ପଡ଼ି ଯାଇଥିଲା। ମିଡିଲ ଅର୍ଡରରେ ୪୮ ଓ ଅନିଲ ପରିଡ଼ା ୩୮ ରନ କରିବାରୁ କେନ୍ଦୁଝର ୨୦ ଓଭରରେ ୮ ଉଇକେଟ ହରାଇ ୧୫୯ ରନ କରିଥିଲା। ବିପକ୍ଷ ଦଳର ମହମ୍ମଦ ଡାନିସ ୩୪ ରନ ଦେଇ ସର୍ବାଧିକ ୪ ଉଇକେଟ ସଫଳତା ପାଇଥିଲେ। ଉଦୟ ଜଟ ୨ଟି ଏବଂ ରାଜେଶ ମହାନ୍ତି ଓ ଆଶୁତୋଷ ଛୁରିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୬୦ ରନ ବିଜୟ ଲକ୍ଷ୍ୟରେ ପୁରୀ ଟାଇଟନ୍ସ ୧୮.୧ ଓଭରରେ ୧୧୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଅଧିନାୟକ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୨୫ ଓ କାର୍ତ୍ତିକ ବିଶ୍ୱାଳ ୨୩ ରନ କରିଥିବାବେଳେ ଅନ୍ୟ ବ୍ୟାଟରଙ୍କ ବିଫଳତା ଦଳ ପାଇଁ ବିପର୍ଯ୍ୟୟ ଆଣିଥିଲା। ୭ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ସର୍ବେଶ୍ୱର ମହାନ୍ତି ୨.୧ ଓଭର ସ୍ପେଲ୍‌ରେ ମାତ୍ର ୧୨ ରନ ବିନିମୟରେ ୫ ଉଇକେଟ ନେଇ ପୁରୀ ଦଳକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ। ସୟଦ ତୁଫେଲ ଅହମଦ ୨ଟି ଏବଂ ସୌମ୍ୟ ଲେଙ୍କା ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୋଲିସ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଓ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ଅତିଥିଭାବେ ଯୋଗଦେଇ ସର୍ବେଶ୍ୱର ମହାନ୍ତିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



୫ ଉଇକେଟ ନେବା ଅବସରରେ ସର୍ବେଶ୍ୱର ମହାନ୍ତି।

### ବିଜୟ ସନ୍ତୋଷଜନକ: ପୋଦ୍ଦାର

"ଚଳିତ ସିଜନରେ ଏହା ଆମର ପ୍ରଥମ ମ୍ୟାଚ ଥିଲା। ଏଥିରେ ୪୫ ରନରେ ବିଜୟୀ ହୋଇଥିବାରୁ ମୁଁ ବହୁତ ଖୁସି। ଆମ ବ୍ୟାଟିଂ ବିଭାଗର ଲୋୟର ଅର୍ଡର ଉପଯୋଗୀ ଅବଦାନ ଯୋଗୁ ଆମେ ସମ୍ମାନଜନକ ସ୍କୋର କରିଥିଲୁ। ସର୍ବେଶ୍ୱର ଅତି ଚମତ୍କାର ବୋଲିଂ କଲେ। ଆମ ବୋଲିଂ ଆକ୍ରମଣକୁ ନେଇ ମୁଁ ଆତ୍ମବିଶ୍ୱାସରେ ଥିଲି। ସର୍ବେଶ୍ୱରଙ୍କ ସହ ସୌମ୍ୟ ରଞ୍ଜନ ଲେଙ୍କା, ପପୁ ରାୟ ଓ ସୟଦ ଅହମଦ ପ୍ରମୁଖ ସମସ୍ତଙ୍କୁ ବିଜୟର ଶ୍ରେୟ ଯିବ" ବୋଲି ମ୍ୟାଚ ପରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ପ୍ରକାଶ କରିଛନ୍ତି।

# ଭାରତୀୟ ଫଏଲ୍ ଟିମ୍‌କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

ଇଣ୍ଡୋନେସିଆର ସୋଲୋଠାରେ ଅନୁଷ୍ଠିତ ପାରା ଫେନ୍‌ସିଂ ବିଶ୍ୱକପରେ ଭାରତୀୟ ପୁରୁଷ ଫଏଲ୍ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶାର ୩ ଫେନ୍‌ସର ରାଖାଲ କୁମାର ସେଠୀ, ଭି. ରମେଶ ରାଓ ଏବଂ ଓମ୍ ପ୍ରକାଶ ବେହେରା ଭାରତୀୟ ଦଳର ସଦସ୍ୟ ଥିଲେ। କ୍ୱାର୍ଟର ଫାଇନାଲରେ ଭାରତ ୨୦-୧୬ରେ ଇରାକ୍‌କୁ ହରାଇଥିବାବେଳେ ସେମିଫାଇନାଲରେ ଥାଇଲାଣ୍ଡଠାରୁ ୬-୨୦ରେ ହାରି ଯାଇଥିଲା। ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ଭାରତ ୨୦-୧୮ରେ ଜର୍ମାନୀକୁ ପରାସ୍ତ କରିଥିଲା। ଭାରତୀୟ ଦଳର ସଦସ୍ୟଭାବେ ପଦକ ଜିତିଥିବାରୁ ରାଖାଲ, ରମେଶ ଓ ଓମ୍ ପ୍ରକାଶଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି।

## ପାରା ଫେନ୍‌ସିଂ ବିଶ୍ୱକପ୍


ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ପାରା ଫେନ୍‌ସିଂ ଦଳ।


# ନବିଙ୍କ ବିସ୍ଫୋରକ ବ୍ୟାଟିଂ

**ଆବୁଧାବି, ୧୮।୯**

ଚଳିତ ଏସିଆ କପ୍‌ରେ ଗୁରୁବାର ଖେଳାଯାଉଥିବା ଗ୍ରୁପ୍-ବି'ର ଅନ୍ତିମ ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନ କରିଛି। ଦଳ ପାଇଁ ମହମ୍ମଦ ନବି ସର୍ବାଧିକ ୬୦ (୩ ଚୌକା, ୬ ଛକା), ଇବ୍ରାହିମ ଜଦ୍ରାନ ୨୪, ସେଦିକୁଲା ଅଟଲ ୧୮ ଓ ରହମାନୁଲା ଗୁରବାଜ ୧୪ ରନ କରି ଆଉଟ୍ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ପାଇଁ ନୁୱାନ ଥୁସାରା ୩ ଉଇକେଟ ନେଇଥିବା ବେଳେ ଦୁଶମନ୍ଥା ଚମିରା, ଦୁନିଥ ୱେଲାଲାଗେ ଓ ଦାସୁନ ଶନକା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଏହି ମ୍ୟାଚ୍‌ର ଫଳାଫଳ ଉପରେ ଗ୍ରୁପ୍-ବି'ରୁ କେଉଁ ଦୁଇ ଦଳ ସୁପର-୪'ରେ ପ୍ରବେଶ କରିବେ, ତାହା ସ୍ପଷ୍ଟ ହେବ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ: ୨୦ ଓଭରରେ ୧୬୯/୮ (ମହମ୍ମଦ ନବି-୬୦, ରଶିଦ ଖାନ-୨୪, ଇବ୍ରାହିମ ଜଦ୍ରାନ-୨୪, ନୁୱାନ ଥୁସାରା-୪/୧୮)।



**ଟୋକିଓ:** ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଜାଭେଲିନ୍ ଥ୍ରୋ ଫାଇନାଲ ପରେ ସ୍ୱର୍ଣ୍ଣ ପଦକ ବିଜେତା ତ୍ରିନିଦାଦ ଟେବାଗୋର କେଶୋର୍ନ ୱାଲ୍‌କଟ (ମଝି), ରୌପ୍ୟ ବିଜେତା ଗ୍ରେନେଡାର ଆଣ୍ଡରସନ ପିଟର୍ସ (ବାମ) ଏବଂ ବ୍ରୋଞ୍ଜ ବିଜେତା ଆମେରିକାର କର୍ଟିସ ଥମ୍ପସନ।

# ବିଶ୍ୱ ଚାମ୍ପିୟନଶିପ୍‌ରେ ନୀରଜ ୮ମ

**ଟୋକିଓ, ୧୮।୯ (ପି.ଟି.)**

ଗତଥରର ଚାମ୍ପିୟନ ନୀରଜ ଚୋପ୍ରା ବିଶ୍ୱ ଚାମ୍ପିୟନଶିପ୍ ପୁରୁଷ ଜାଭେଲିନ୍ ଫାଇନାଲରେ ପରାଜିତ ହୋଇଛନ୍ତି। ଫାଇନାଲର ୫ମ ରାଉଣ୍ଡରେ ତାଙ୍କର ଶ୍ରେଷ୍ଠ ପ୍ରୟାଶ ଥିଲା ୮୪.୦୩ ମିଟର। ଫଳରେ ସେ ଓଭରଅଲ ୮ମ ସ୍ଥାନ ସହ ଅଭିଯାନ ଶେଷ କରିଛନ୍ତି। କେବଳ ଶ୍ରେଷ୍ଠ ୬ ଆଥଲେଟ ୬ଷ୍ଠ ଓ ଫାଇନାଲ ରାଉଣ୍ଡରେ ଭାଗ ନେଇପାରିବେ। ଅଲିମ୍ପିକ ଚାମ୍ପିୟନ ପାକିସ୍ତାନର ଅର୍ଶଦ ନଦୀମ ମଧ୍ୟରୁ ୪ର୍ଥ ରାଉଣ୍ଡରୁ ବିଦାୟ ନେଇଥିଲେ। ଅନ୍ୟଜଣେ ଭାରତୀୟ ସଚିନ ଯାଦବ କେବଳ ତିଷ୍ଠି ରହିଥିଲେ। ସେ ତାଙ୍କର ଶ୍ରେଷ୍ଠ ଥ୍ରୋ ୮୬.୨୭ ମିଟର ସହ ଓଭରଅଲ ଚତୁର୍ଥ ସ୍ଥାନରେ ଥିଲେ। ଏହି ଇଭେଣ୍ଟରେ ତ୍ରିନିଦାଦ ଓ ଟବାଗୋର କେଶୋରନ ୱାଲ୍‌କଟ (୮୮.୧୬ମିଟର) ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ତାଙ୍କ ପଛକୁ ପଛ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ସହ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୭.୩୮ ମିଟର) ଓ କୁର୍ଟିଷ୍ଟ ଥମ୍ପସନ (୮୬.୬୭)। ଅନ୍ୟପକ୍ଷରେ ପ୍ରଥମ ରାଉଣ୍ଡ ପ୍ରୟାସ ୮୬.୨୭ ମିଟର ସହ ଭାରତର ସଚିନ ୪ର୍ଥ ସ୍ଥାନ ଅଧିକାର କରିଥିଲେ।

# ମହିଳା ୪୦୦ ମି.ରେ ମ୍ୟାକ୍‌ଲାଫଲିନଙ୍କ ରେକର୍ଡ

**ଟୋକିଓ, ୧୮।୯ (ଏପି)**

ଆମେରିକାର ସିଡ୍‌ନୀ ମ୍ୟାକ୍‌ଲାଫଲିନ-ଲେଭ୍ରୋନ ଗତ ୪୦ ବର୍ଷରେ ପ୍ରଥମ ମହିଳା ଭାବେ ଗୁରୁବାର ୪୦୦ ମିଟର ଦୌଡ଼ରେ ୪୮ ସେକେଣ୍ଡ ବାଧା ଭଙ୍ଗ କରିଛନ୍ତି। ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ବର୍ଷା ପ୍ରଭାବିତ ରେସ୍‌ରେ ସେ ୪୭.୭୮ ସେ. ଟାଇମିଂ ହାସଲ କରିଛନ୍ତି। ମ୍ୟାକ୍‌ଲାଫଲିନଙ୍କ ଭଳି ଦ୍ୱିତୀୟ ସ୍ଥାନରେ ରହିଥିବା ଅଲିମ୍ପିକ ଚାମ୍ପିୟନ ଡୋମିନିକାର ମାରିଲେଡି ପାଉଲିନୋ (୪୭.୯୮ ସେ.) ମଧ୍ୟ ୪୮ ସେକେଣ୍ଡ ପୂର୍ବରୁ ରେସ ଶେଷ କରିଥିଲେ। ଦୁହେଁ ମହିଳା ୪୦୦ ମି. ରେସ ଇତିହାସରେ ଯଥାକ୍ରମେ ଦ୍ରୁତତମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ରେସରେ ଜର୍ମାନୀର ମାରିଟା କୋଚ୍ ୧୯୮୫ରେ ୪୭.୬୦ ଟାଇମିଂ ହାସଲ କରିଥିଲେ, ଯାହାକି ଆଜି ବି ଅତୁଟ ରହିଛି।

# ସିନ୍ଧୁ, ସାତ୍ୱିକ-ଚିରାଗ କ୍ୱାର୍ଟରରେ

**ଶେନ୍‌ଝେନ୍, ୧୮।୯ (ପି.ଟି.):** ଷ୍ଟାର ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏବଂ ପୁରୁଷ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଯୋଡ଼ି ଚାଇନା ମାଷ୍ଟର୍ସ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥର ଅଲିମ୍ପିକ ପଦକବିଜେତା ସିନ୍ଧୁ ମାତ୍ର ୪୧ ମିନିଟରେ ୬ଷ୍ଠ ସିଡ୍ ଥାଇଲାଣ୍ଡର ପର୍ନପାୱି ଚୋଚୁଓଙ୍ଗଙ୍କୁ ୨୧-୧୫, ୨୧-୧୫ରେ ହରାଇ ଦେଇଛନ୍ତି। ନିକଟରେ ହଂକଂ ଓପନ ଫାଇନାଲିଷ୍ଟ ଚାଇନିଜ ତାଇପେ ଯୋଡ଼ି ହିଆଙ୍ଗ ଚିହ୍ ଚିଉ ଓ ୱାଙ୍ଗ୍ ଚି-ଲିନ୍‌ଙ୍କୁ ୨୧-୧୩, ୨୧-୧୨ରେ ପରାସ୍ତ କରିବା ଲାଗି ମାତ୍ର ୩୨ ମିନିଟ ସମୟ ନେଇଥିଲେ। ସିନ୍ଧୁ ଏହି ବିଜୟ ସହ ଥାଇଲାଣ୍ଡ ଖେଳାଳିଙ୍କ ବିପକ୍ଷରେ ତାଙ୍କର ହେଡ୍-ଟୁ-ହେଡ୍ ରେକର୍ଡରେ ଉନ୍ନତି ଆଣିପାରିଛନ୍ତି। ବର୍ତ୍ତମାନ ତାହା ୬-୫ରେ ପହଞ୍ଚିଛି। ସିନ୍ଧୁ କ୍ୱାର୍ଟରଫାଇନାଲରେ ଟପ୍ ସିଡ୍ କୋରିଆର ଆନ୍ ସେ ୟଙ୍ଗଙ୍କୁ ଭେଟିବେ। ଆନ୍ ସେ ୨୩-୨୧, ୨୧-୧୪ରେ ଡେନମାର୍କର ମିଆ ବ୍ଲିଚ୍‌ଫିଲ୍ଡଙ୍କୁ ୨୩-୨୧, ୨୧-୧୪ରେ ହରାଇ ଦେଇଥିଲେ।

# ଡ୍ର ଅଭିମୁଖେ ଭାରତ 'ଏ'-ଅଷ୍ଟ୍ରେଲିଆ 'ଏ' ମ୍ୟାଚ

**ଲକ୍ଷ୍ନୌ, ୧୮।୯ (ପି.ଟି.)**

ଭାରତ 'ଏ' ଦଳର ମିଳିତ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ ଯୋଗୁ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ 'ଏ' ବିପକ୍ଷ ୪ ଦିନିଆ ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚରେ ତୃତୀୟ ଦଳ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ୪୦୩ ରନ ସଂଗ୍ରହ କରିଛି। ଉଇକେଟକିପର ବ୍ୟାଟର ଧ୍ରୁବ ଜୁରେଲ ୧୧୩ ରନ କରି ଅପରାଜିତ ରହିଛନ୍ତି। ତାଙ୍କ ଶତକୀୟ ଇନିଂସରେ ସେ ୧୩୨ ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ୪ ଛକା ଲଗାଇଛନ୍ତି। ଅଧିନାୟକ ଶ୍ରେୟସ ଆୟର ମାତ୍ର ୮ରନ କରିଥିଲେ। ତେବେ ଦେବଦତ୍ତ ପଡିକଲ ୮୬, ବି. ସାଇ ସୁଦର୍ଶନ ୭୩, ଏନ୍. ଜଗଦିଶନ ୬୪ ରନ କରିଥିଲେ। ପୂର୍ବରୁ ଭ୍ରମଣକାରୀ ଦଳ ୫୩୨/୬ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଶୁକ୍ରବର ମ୍ୟାଚର ୪ର୍ଥ ତଥା ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ 'ଡ୍ର' ଆଡକୁ ମୁହାଁଇଛି।

## ଜୁରେଲଙ୍କ ଅପରାଜିତ ଶତକ




**ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ 'ଏ' ପ୍ରଥମ ଇନିଂସ: ୫୩୨/୬ (ଘୋଷଣା)। ଭାରତ 'ଏ' ପ୍ରଥମ ଇନିଂସ: ୧୦୩ ଓଭରରେ ୪୦୩/୪ (ଏନ୍. ଜଗଦିଶନ-୬୪, ବି. ସାଇ ସୁଦର୍ଶନ-୭୩, ଦେବଦତ୍ତ ପଡିକଲ-୮୬, ଧ୍ରୁବ ଜୁରେଲ-୧୧୩*; ଲିଆମ୍ ସ୍କଟ-୧/୩୧)।

# ସାଇକ୍ଲିଂ କୋଚ୍ ସୁଶୀଲ କୁମାରଙ୍କ ବିୟୋଗ

**ଭୁବନେଶ୍ୱର, ୧୮।୯ (ଅନାଦି କର)**

ଓଡ଼ିଶାର ସୁନାମଧନ୍ୟ ସାଇକ୍ଲିଷ୍ଟ ତଥା କୋଚ୍ ସୁଶୀଲ କୁମାର ଦାସଙ୍କର ଗୁରୁବାର ପରଲୋକ ଘଟିଛି। ସେ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କ ବୟସ ୬୦ ବର୍ଷ ହୋଇଥିଲା। ସାଇକ୍ଲିଷ୍ଟ ଭାବେ ୧୯୮୮ରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଆୟୋଜିତ ୧୪୦୦ କିମି ବିଶିଷ୍ଟ ସାଇକ୍ଲିଂ ଏକ୍ସପେଡିଶନ ଓଡ଼ିଶା ଆବିଷ୍କାରରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଥଲେଟ୍ ଭାବେ ଅବସର ନେବା ପରେ ସେ ସ୍ୱାତି ସିଂ ଓ ଦୀନେଶ କୁମାରଙ୍କ ଭଳି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସାଇକ୍ଲିଷ୍ଟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୨୦୧୫ଠାରୁ ସେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ଉପ ସଭାପତି ରହିଥିଲେ।


ସୁଶୀଲ କୁମାର ଦାସ

# ଏସିଆ କପ୍: ଆଜି ଭାରତ-ଓମାନ ମ୍ୟାଚ୍

**ଆବୁଧାବି, ୧୮।୯ (ପି.ଟି.)**

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଶୁକ୍ରବାର ଚଳିତ ଏସିଆ କପ୍‌ରେ ତା'ର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଓମାନକୁ ଭେଟିବ। ଭାରତ ପୂର୍ବରୁ ସୁପର-୪' ପର୍ଯ୍ୟାୟରେ ସ୍ଥାନ ପକ୍କା କରିସାରିଥିବାରୁ ଶେଖ୍ ଜାୟେଦ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ର ବିଶେଷ ଗୁରୁତ୍ୱ ନାହିଁ। କିନ୍ତୁ ଆସନ୍ତା ରବିବାର ଭାରତୀୟ ଦଳ ସୁପର-୪'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏଣୁ ଓମାନ ବିପକ୍ଷ ମ୍ୟାଚ୍ ଜରିଆରେ ଦଳୀୟ ବ୍ୟାଟରଙ୍କୁ ଭରପୂର ସୁଯୋଗ ଦେବା ଲକ୍ଷ୍ୟରେ ରହିବ ଟିମ ମ୍ୟାନେଜମେଣ୍ଟ। ଓପନର ଅଭିଷେକ ଶର୍ମା ପ୍ରଥମ ଦୁଇ ମ୍ୟାଚ୍‌ରେ ଦଳକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିବା ବେଳେ ଉପଅଧିନାୟକ ଶୁବମନ ଗିଲ ଟିକେ ଲମ୍ବା ସମୟ ଧରି ବ୍ୟାଟିଂ କରିପାରି ନାହାନ୍ତି। ଅଧିନାୟକ ସୂର୍ଯ୍ୟକୁମାର ପାକିସ୍ତାନ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ। କିନ୍ତୁ ସେ ତିଲକ ବର୍ମାଙ୍କୁ ଅଧିକ ଗେମ୍ ଟାଇମ୍ ଦେବାକୁ ପସନ୍ଦ କରିପାରନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ସଞ୍ଜୁ ସାମସନ, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲଙ୍କୁ ବ୍ୟାଟିଂ କରିବାକୁ ସୁଯୋଗ ମିଳିନାହିଁ। ଭାରତ ଯଦି ଫାଇନାଲକୁ ଯାଏ, ତେବେ ଆସନ୍ତା ୭ ଦିନ ମଧ୍ୟରେ ୪ଟି ମ୍ୟାଚ୍ ଖେଳିବାକୁ ପଡ଼ିବ। ଏଣୁ ଭାରତୀୟ ମିଡିଲ ଅର୍ଡର ବ୍ୟାଟରଙ୍କୁ ଗୁରୁତ୍ୱପୂର୍ଣ୍ଣ ସପ୍ତାହ ପୂର୍ବରୁ ଅଧିକ ଗେମ୍ ଟାଇମର ଆବଶ୍ୟକତା ରହିଛି। କିନ୍ତୁ ଭାରତୀୟ ଦଳର ବୋଲିଂ ଲାଇନ ଅପ୍ ଏତେ ଶକ୍ତିଶାଳୀ ଯେ, ଏହା ଆଗରେ ଜତିନ୍ଦର ସିଂଙ୍କ ନେତୃତ୍ୱାଧୀନ ଓମାନ ଦଳର ଏକ ଭଲ ସ୍କୋର କରିବାର ଖୁବ କମ୍ ସମ୍ଭାବନା ରହିଛି। ପାକିସ୍ତାନ ଓ ୟୁଏଇ ବିପକ୍ଷ ଦୁଇଟି ମ୍ୟାଚ୍‌ରେ ଓମାନ ଯଥାକ୍ରମେ ୬୭ ଓ ୧୩୦ ରନ କରିଥିଲା। ଉଭୟ ମ୍ୟାଚ୍‌ରେ ଦଳର କୌଣସି ବ୍ୟାଟର ୩୦ ରନ କରିପାରି ନ ଥିଲେ। ଏହି ମ୍ୟାଚ୍ ଲାଗି ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ବିଶେଷ କୌଣସି ଏକ୍ସପେରିମେଣ୍ଟ ନ କରିପାରନ୍ତି। କିନ୍ତୁ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇପାରେ। ଏଭଳି ପରିସ୍ଥିତିରେ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ଏକମାତ୍ର ସ୍ପେଶାଲିଷ୍ଟ ପେସର ଭାବେ ସାମିଲ କରାଯିବ। ଏହାଛଡ଼ା ବୋଲିଂ ଲାଇନ୍ ଅପ୍‌ରେ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ଜଣଙ୍କୁ ବିଶ୍ରାମ ଦିଆଯିବାର ସମ୍ଭାବନା ରହିଛି। ଏହି ସ୍ଥାନରେ ହର୍ଷିତ ରାଣାଙ୍କୁ ସାମିଲ କରାଯାଇପାରେ।







1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ